ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୧୫/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, July 15/2025 | Page 14 | ₹ 7.00 | DHENKANAL
୫୧ଶ ଭାଗ ୨୩୦ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 230 | ମୂଲ୍ୟ ₹୭/-


## विशेष गहन पुनरीक्षण 2025

# क्या आप बिहार के मतदाता हैं?

## क्या आप अस्थाई रूप से राज्य से बाहर हैं?

भारत निर्वाचन आयोग Election Commission of India

**अगर आपके पास अभी मोबाइल फोन है, तो आप गणना प्रपत्र तुरंत भर सकते हैं।**




**कृपया QR Code Scan करें।**

https://voters.eci.gov.in/

### ऑनलाइन गणना प्रपत्र आसानी से भरें।

1. "Fill Enumeration Form Online" बटन पर क्लिक करें।
2. मोबाइल नंबर या ईपिक के माध्यम से OTP का प्रयोग कर लॉगिन करें।
3. स्क्रीन पर दिखाई देने वाले फॉर्म में अपनी विवरणी जैसे नाम, जन्मतिथि एवं अन्य जानकारी भरें।
4. एक सादे सफेद कागज़ पर अपने हस्ताक्षर या बाएं हाथ के अंगूठे का निशान बनाएं एवं मोबाइल से उसकी स्पष्ट फोटो खींचकर अपलोड करें।
5. घोषणा (Declaration) पढ़ें और बॉक्स में टिक करें।
6. Preview में सभी जानकारी जांच लें, फिर "Submit Enumeration Form......." बटन पर क्लिक करें।
7. गणना प्रपत्र सफलतापूर्वक जमा होने की सूचना SMS के माध्यम से मिल जाएगी।
8. उसके बाद, अपनी फोटो और दस्तावेज़ जमा करने के लिए दिए गए लिंक पर क्लिक करें।
9. आवश्यक दस्तावेजों की मोबाइल से फोटो लें और अपलोड करें।
10. आपकी फोटो और दस्तावेज़ भी सफलतापूर्वक जमा हो जाएंगे।

### ऑफलाइन माध्यम

अस्थायी रूप से स्थानांतरित (माइग्रेटेड) मौजूदा मतदाता वेबसाइट https://voters.eci.gov.in से पूर्व-भरा हुआ गणना प्रपत्र डाउनलोड कर सकते हैं।

ऐसे मतदाता गणना प्रपत्र को प्रिंट कर हस्ताक्षरित कर सकते हैं और 25 जुलाई 2025 से पहले अपने बीएलओ तक, अपने पारिवारिक सदस्यों के माध्यम से या किसी भी ऑनलाइन माध्यम (जैसे व्हाट्सऐप आदि) द्वारा भेज सकते हैं, ताकि उनका नाम प्रारूप वोटर लिस्ट में सम्मिलित किया जा सके।

CBC 52101/13/0003/2526

- यदि आप आवश्यक दस्तावेज उपलब्ध करा देते हैं तो निर्वाचक निबंधन पदाधिकारी (ERO) को आवेदन को प्रोसेस करने में आसानी रहेगी।
- यदि आप आवश्यक दस्तावेज उपलब्ध नहीं करा पाते हैं तो निर्वाचक निबंधन पदाधिकारी(ERO) द्वारा स्थानीय जाँच या अन्य दस्तावेज के साक्ष्य के आधार पर निर्णय लिया जा सकेगा।
- 2003 की मतदाता सूची दिए गए लिंक https://voters.eci.gov.in/bh_2003_eroll पर उपलब्ध है।

अधिक जानकारी के लिए
हेल्पलाइन नंबर 1950 पर कॉल करें

## मुख्य निर्वाचन पदाधिकारी, बिहार

बिहार
1950

https://ceoelection.bihar.gov.in | Follow us on: BiharCEO CEOBihar Bihar_CEO | https://voters.eci.gov.in

## ସଂକ୍ଷେପରେ

### ଅଭିନେତ୍ରୀ ସରୋଜା ଦେବୀଙ୍କ ପରଲୋକ


ବି. ସରୋଜା ଦେବୀ

ବେଙ୍ଗାଲୁରୁ,୧୪।୭

ଅଭିନୟ ସରସ୍ୱତୀ ଭାବେ ପରିଚିତ ବର୍ଷୀୟାନ ଅଭିନେତ୍ରୀ ବି. ସରୋଜା ଦେବୀଙ୍କର ବେଙ୍ଗାଲୁରୁର ମାଲେସ୍ୱରମସ୍ଥିତ ବାସଭବନରେ ସୋମବାର ସକାଳ ୯ଟାରେ ପରଲୋକ ହୋଇଯାଇଛି। ତାଙ୍କୁ ୮୭ ବର୍ଷ ହୋଇଥିଲା ଓ ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ପରଲୋକରେ ଭାରତୀୟ ଚଳଚ୍ଚିତ୍ର ଶିଳ୍ପ ଅନ୍ୟତମ ଶ୍ରେଷ୍ଠ କଳାକାରଙ୍କୁ ହରାଇଲା ବୋଲି କୁହାଯାଉଛି। ୧୯୩୮ ଜାନୁଆରୀ ୭ରେ ବେଙ୍ଗାଲୁରୁରେ ଜନ୍ମିତ ସରୋଜା ମା'ବାପାଙ୍କ ଦ୍ୱାରା ପ୍ରୋତ୍ସାହିତ ହୋଇ ନୃତ୍ୟଶିକ୍ଷା କରିଥିଲେ, ଯାହା ତାଙ୍କୁ ଅଭିନୟ ଦୁନିଆକୁ ନେଇଯାଇଥିଲା। ୧୯୫୫ରେ ସେ ମହାକବି କାଳୀଦାସ ଚଳଚ୍ଚିତ୍ରରେ ପ୍ରଥମେ ଅଭିନୟ କରିଥିଲେ। ୭ ଦଶନ୍ଧିର କ୍ୟାରିୟର ମଧ୍ୟରେ ସେ ୨୦୦ରୁ ଊର୍ଦ୍ଧ୍ୱ କନ୍ନଡ, ତାମିଲ, ତେଲୁଗୁ ଏବଂ ହିନ୍ଦୀ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ଭାରତୀୟ ସିନେମାକୁ ଅବଦାନ ପାଇଁ ତାଙ୍କୁ ପଦ୍ମଶ୍ରୀ ଓ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା।

### ଲୋକପ୍ରିୟ ମଡେଲଙ୍କ ଆତ୍ମହତ୍ୟା

ଚେନ୍ନାଇ,୧୪।୭

ପଣ୍ଡିଚେରୀର ଲୋକପ୍ରିୟ ମଡେଲ ତଥା ସୋସିଆଲ ମିଡିଆ ବ୍ୟକ୍ତିତ୍ୱ ୨୬ ବର୍ଷୀୟା ସାନ୍ ରେଚଲ ରବିବାର ଆତ୍ମହତ୍ୟା କରିଛନ୍ତି। ସେ ନିକଟରେ ବିବାହ କରିଥିଲେ। ଆମୋଦ ପ୍ରମୋଦ ଶିଳ୍ପରେ ବର୍ଣ୍ଣବାଦ୍ ବିରୋଧରେ ନିର୍ଭୀକ ଆଭିମୁଖ୍ୟ ପାଇଁ ସେ ବେଶ୍ ଜଣାଶୁଣା ଥିଲେ। ପୋଲିସ କହିବା ଅନୁଯାୟୀ, ସାନ୍ ବାପଘରକୁ ଯାଇଥିବାବେଳେ ସେଠାରେ ବହୁ ପରିମାଣରେ ଟାବଲେଟ୍ ଖାଇଦେଇଥିଲେ। ଗୁରୁତର ଅବସ୍ଥାରେ ଜବାହରଲାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପୋଷ୍ଟଗ୍ରାଜୁଏଟ୍ ମେଡିକାଲ


ସାନ୍ ରେଚଲ

ଏଜୁକେଶନ ଆଣ୍ଡ ରିସର୍ଚ୍ଚରେ ତାଙ୍କୁ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଆର୍ଥିକ ଚିନ୍ତା ଏବଂ ବ୍ୟକ୍ତିଗତ ଚାପ ଯୋଗୁ ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ସୁଇସାଇଡ୍ ନୋଟ୍‌ରେ ସାନ୍ ତାଙ୍କ ମୃତ୍ୟୁ ପାଇଁ କାହାକୁ ଦାୟୀ କରିନାହାନ୍ତି।

# ତଦନ୍ତ ରିପୋର୍ଟକୁ ନେଇ ପ୍ରଶ୍ନ ଉଠିଲା

## ଅହମଦାବାଦ ବିମାନ ଦୁର୍ଘଟଣା

ନୂଆଦିଲ୍ଲୀ,୧୪।୭(ପି.ଟି.)

ଜୁନ୍ ୧୨ରେ ଏୟାର ଇଣ୍ଡିଆର ଏଆଇ ୧୭୧ ବିମାନ ଦୁର୍ଘଟଣାର ପ୍ରାରମ୍ଭିକ ତଦନ୍ତ ରିପୋର୍ଟକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏୟାର ଇଣ୍ଡିଆ ସିଇଓ କ୍ୟାମ୍ପବେଲ ୱିଲ୍‌ସନ ମଧ୍ୟ ତଦନ୍ତ ରିପୋର୍ଟକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ପାଇଲଟ୍ ଏବଂ ବିମାନ ସମ୍ପୂର୍ଣ୍ଣ ଉପଯୁକ୍ତ ଥିଲେ ବୋଲି ୱିଲ୍‌ସନ କହିବା ସହ ବିମାନର ମେକାନିକାଲ କିମ୍ବା ମେଣ୍ଟେନାନ୍ସରେ କୌଣସି ସମସ୍ୟା ରିପୋର୍ଟରେ ଦର୍ଶାଯାଇ ନ ଥିବା ସେ କହିଛନ୍ତି। ଅହମଦାବାଦରେ ହୋଇଥିବା ଏହି ବିମାନ ଦୁର୍ଘଟଣାରେ ବିମାନର ୨୪୧ ଜଣଙ୍କ ମୃତ୍ୟୁ ଘଟିବା ସହ ତଳେ ଥିବା ଅନ୍ୟ ୧୯ ଜଣ ପ୍ରାଣ ହରାଇଥିଲେ। ତଦନ୍ତ ସମ୍ପୂର୍ଣ୍ଣ ହୋଇ ନ ଥିବାବେଳେ ବର୍ତ୍ତମାନ କୌଣସି ସିଦ୍ଧାନ୍ତରେ ପହଞ୍ଚିବା ଅପରିପକ୍ୱ ହେବ ବୋଲି ସିଇଓ କହିଛନ୍ତି।

ବିମାନର ଇନ୍ଧନ ସୁଇଚ୍ କଟ୍ ଅଫ୍ ହୋଇଯାଇଥିଲା ବୋଲି ଏଏଆଇବିର ପ୍ରାରମ୍ଭିକ ତଦନ୍ତ ରିପୋର୍ଟରେ କୁହାଯାଇଛି। ମାନବୀୟ ତ୍ରୁଟି ଯୋଗୁ ଏଭଳି ହୋଇଥିବା କୁହାଯାଉଛି। ତେବେ ଏଏଆଇବିର ତଦନ୍ତ ରିପୋର୍ଟରେ ଅଧିକ ସ୍ୱଚ୍ଛତା ରହିବା ଆବଶ୍ୟକ ବୋଲି ବିମାନ ଚଳାଚଳ ବିଶେଷଜ୍ଞ କ୍ୟାପ୍‌ଟେନ୍ ମୋହନ ରଙ୍ଗନାଥନ୍ ସୋମବାର କହିଛନ୍ତି। ପାଇଲଟ୍‌ଙ୍କ ତ୍ରୁଟି ଥିବା ସମ୍ଭାବନାକୁ ନେଇ କଳ୍ପନାଜଳ୍ପନା ଲାଗିରହିଥିବାବେଳେ ପାଇଲଟ୍ ଆସୋସିଏଶନ ଏନେଇ ଚିନ୍ତାବ୍ୟକ୍ତ କରିଛି। ଏଆଇ ୧୭୧ ବିମାନର ପାଇଲଟ୍ ଆହ୍ୱାନପୂର୍ଣ୍ଣ ସ୍ଥିତିରେ ସେମାନଙ୍କ ତାଲିମ ଏବଂ ଦାୟିତ୍ୱ ଅନୁଯାୟୀ କାର୍ଯ୍ୟ କରିଥିଲେ। ଅନୁମାନ ଆଧାରରେ ପାଇଲଟମାନଙ୍କୁ ଅପମାନିତ କରିବା ଉଚିତ ନୁହେଁ ବୋଲି ରବିବାର ଭାରତୀୟ ବ୍ୟବସାୟିକ ପାଇଲଟ୍ ଆସୋସିଏଶନ (ଆଇସିପିଏ) କହିଥିଲା।

ବିମାନ ଦୁର୍ଘଟଣାକୁ ନେଇ ବିଭିନ୍ନ ମହଲରେ ଭିନ୍ନ ଭିନ୍ନ କଳ୍ପନାଜଳ୍ପନା ଚାଲିଥିବାବେଳେ ଶନିବାର ପ୍ରକାଶ ପାଇଥିବା ଏଏଆଇବିର ପ୍ରାରମ୍ଭିକ ରିପୋର୍ଟରେ ଦୁର୍ଘଟଣାର କୌଣସି କାରଣକୁ ଚିହ୍ନଟ କରାଯାଇ ନାହିଁ। ତଦନ୍ତ ଶେଷ ହୋଇ ନ ଥିବାବେଳେ କୌଣସି ନିଷ୍କର୍ଷରେ ନ ପହଞ୍ଚିବା ପାଇଁ ମଧ୍ୟ ଏଥିରେ କାହାକୁ ସୁପାରିସ କିମ୍ବା ନିବେଦନ କରାଯାଇ ନାହିଁ।



### ବୋଇଂ ବିମାନର ଇନ୍ଧନ ନିୟନ୍ତ୍ରଣ ସୁଇଚ୍ ଯାଞ୍ଚ ପାଇଁ ଡିଜିସିଏ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୪।୭

ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ସମ୍ପର୍କିତ ପ୍ରାରମ୍ଭିକ ତଦନ୍ତ ରିପୋର୍ଟ ଆସିବା ପରେ ବୋଇଂ ୭୮୭ ଏବଂ ବୋଇଂ ୭୩୭ ବିମାନଗୁଡ଼ିକର ଇନ୍ଧନ ନିୟନ୍ତ୍ରଣ ସୁଇଚ୍ ଆସନ୍ତା ୨୧ ତାରିଖ ସୁଦ୍ଧା ଯାଞ୍ଚ କରିବାକୁ ସୋମବାର ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏୟାରଲାଇନ୍ସଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ଏୟାର ଇଣ୍ଡିଆର ଦୁର୍ଘଟଣାଗ୍ରସ୍ତ ବୋଇଂ ୭୮୭ ବିମାନର ଫୁଏଲ୍ କଣ୍ଟ୍ରୋଲ ସୁଇଚ୍ କଟ୍ ଅଫ୍ ହୋଇଯାଇଥିଲା ବୋଲି ପ୍ରାରମ୍ଭିକ ତଦନ୍ତ ରିପୋର୍ଟରେ ଦର୍ଶାଯାଇଛି। ୨୦୧୮ରେ ଫେଡେରାଲ ଆଭିଏଶନ ଆଡମିନିଷ୍ଟ୍ରେଶନ (ଏଫ୍‌ଏଏ) ମଧ୍ୟ ବୋଇଂର କେତେକ ନିର୍ଦ୍ଦିଷ୍ଟ ମଡେଲରେ ଫୁଏଲ୍ କଣ୍ଟ୍ରୋଲ ସୁଇଚ୍‌ର ଲକିଂ ବ୍ୟବସ୍ଥାରେ ସମ୍ଭାବ୍ୟ ବିଘଟନ ନେଇ ପ୍ରଶ୍ନ ଉଠାଇଥିଲା।

### ୟୁକ୍ରେନ୍‌କୁ ପାଟ୍ରିଅଟ୍ ମିଶାଇଲ ଯୋଗାଇବେ ଟ୍ରମ୍ପ

ୱାଶିଂଟନ/କିଭ୍,୧୪।୭

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୟୁକ୍ରେନ୍‌କୁ ପାଟ୍ରିଅଟ୍ ଏୟାର ଡିଫେନ୍ସ ମିଶାଇଲ୍ ଯୋଗାଇଦେବେ ବୋଲି କହିଛନ୍ତି। ରୁଷିଆ ବିରୋଧରେ କଟକଣା ଲଗାଇବା ନେଇ ଟ୍ରମ୍ପଙ୍କ ୟୁକ୍ରେନ୍ ପ୍ରତିନିଧି କେଇଥ୍ କେଲୋଗ୍ ସୋମବାର କିଭ୍ ସହ ଆଲୋଚନା ଆରମ୍ଭ କରିଛନ୍ତି। ଟ୍ରମ୍ପ୍ ନିଜ ପୂର୍ବ ଆଭିମୁଖ୍ୟରୁ ଓହରିଯାଇ ୟୁକ୍ରେନ୍‌କୁ ଅସ୍ତ୍ର ଯୋଗାଇଦେବା ନିମନ୍ତେ ନୂଆ ଯୋଜନା ଘୋଷଣା କରିବାକୁ ଯାଉଛନ୍ତି। ରୁଷିଆ ଏବଂ ୟୁକ୍ରେନ୍ ମଧ୍ୟରେ ୩ ବର୍ଷରୁ ଊର୍ଦ୍ଧ୍ୱ ହେଲା ଯୁଦ୍ଧ ଲାଗିରହିଛି। ଆମେରିକା ନେତୃତ୍ୱରେ ଯୁଦ୍ଧବିରତି ପାଇଁ ଟ୍ରମ୍ପ୍ ଉଦ୍ୟମ ଚଳାଇଥିଲେ ମଧ୍ୟ ସେଥିରେ ଅଗ୍ରଗତି ହୋଇପାରି ନାହିଁ। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଭଲ କଥା କହି ପରେ ବୋମା ପକାଉଥିବା ଟ୍ରମ୍ପ କହିଛନ୍ତି। ରୁଷିଆର ମିଶାଇଲ୍ ଓ ଡ୍ରୋନ୍ ଆକ୍ରମଣକୁ ପ୍ରତିହତ କରିବା ପାଇଁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଅଧିକ ଶକ୍ତିଶାଳୀ ଅସ୍ତ୍ର ଚାହୁଁଛନ୍ତି। ୟୁକ୍ରେନ୍ ପାଇଁ ଜରୁରୀ ଥିବା ପାଟ୍ରିଅଟ୍ କ୍ଷେପଣାସ୍ତ୍ର ଯୋଗାଇ ଦିଆଯିବ ବୋଲି ଟ୍ରମ୍ପ୍ କହିଛନ୍ତି।

## ଓଲଟିଲା ଆମ୍ବ ବୋଝେଇ ଟ୍ରକ୍, ୯ ମୃତ


ଅମରାବତୀ, ୧୪।୭

ଆନ୍ଧ୍ରପ୍ରଦେଶର ଅନ୍ନାମୟା ଜିଲାସ୍ଥିତ ପୁଲ୍ଲମବେଟ ଥାନା ରେଡ୍ଡିଚେରୁହୁଠାରେ ଏକ ଆମ୍ବ ବୋଝେଇ ଟ୍ରକ୍ ନିୟନ୍ତ୍ରଣ ହରାଇ ଓଲଟିପଡ଼ିବାରୁ ୯ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ୧୧ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୫ ମହିଳା ରହିଛନ୍ତି। ଆହତମାନଙ୍କୁ ନିକଟସ୍ଥ ରାଜମ୍‌ପେଟ୍ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାଗ୍ରସ୍ତ ଆମ୍ବ ବୋଝେଇ ଟ୍ରକରେ ୨୦ରୁ ଅଧିକ ଶ୍ରମିକ ଆମ୍ବପେଟି ଉପରେ ବସି ଯାଉଥିଲେ ବୋଲି ପୋଲିସ କହିଛି। ଉକ୍ତ ଟ୍ରକ୍‌ରେ ୩୦ରୁ ୪୦ ଟନ୍ ଆମ୍ବ ଥିବାବେଳେ ଟ୍ରକ୍‌ଟି ଓଲଟିପଡ଼ିବା ପରେ ଶ୍ରମିକମାନେ ଆମ୍ବ ତଳେ ଚାପିହୋଇ ମୃତ୍ୟୁବରଣ କରିଥିଲେ। ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌ଟି ଆମ୍ବ ଏବଂ ଶ୍ରମିକଙ୍କୁ ନେଇ ରାଜମ୍‌ପେଟ୍‌ରୁ ରେଲୱେ କୋଡୁର ଯାଉଥିଲା। ଦୁର୍ଘଟଣାକୁ ନେଇ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଶୋକ ପ୍ରକଟ କରିଛନ୍ତି।


ଶ୍ରୀନଗର ଓଲ୍ଡ ସିଟିର ନକ୍ସବନ୍ଦ ସାହିବ କବର ସ୍ଥଳରେ ୧୯୩୧ ଜୁଲାଇ ୧୩ର ଶହୀଦମାନଙ୍କୁ ସୋମବାର ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଓ ଅନ୍ୟ ନେତାମାନେ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

## ହରିୟାଣା, ଗୋଆରେ ନୂଆ ରାଜ୍ୟପାଳ


ଅଶିମ କୁମାର ଘୋଷ


ପୁସପତି ଅଶୋକ ଗଜପଥି ରାଜୁ


କବିନ୍ଦର ଗୁପ୍ତା

ନୂଆଦିଲ୍ଲୀ,୧୪।୭

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ହରିୟାଣା ଓ ଗୋଆ ପାଇଁ ନୂଆ ରାଜ୍ୟପାଳ ନିଯୁକ୍ତି ସମ୍ପର୍କରେ ଘୋଷଣା କରିଛନ୍ତି। ସେହିପରି କେନ୍ଦ୍ରଶାସିତ ଅଞ୍ଚଳ ଲଦାଖ ପାଇଁ ନୂଆ ଉପରାଜ୍ୟପାଳ ନିଯୁକ୍ତ କରାଯାଇଛି। ରାଷ୍ଟ୍ରପତି ଭବନ ପକ୍ଷରୁ ଜାରି ବିବୃତି ଅନୁଯାୟୀ, ପଶ୍ଚିମବଙ୍ଗର ବରିଷ୍ଠ ଭାଜପା ନେତା ପ୍ରଫେସର ଅଶିମ କୁମାର ଘୋଷଙ୍କୁ ହରିୟାଣା ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ପୂର୍ବତନ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ପୁସପତି ଅଶୋକ ଗଜପଥି ରାଜୁ ଗୋଆ ରାଜ୍ୟପାଳ ଭାବେ ଦାୟିତ୍ୱଗ୍ରହଣ କରିବେ।

### ଲଦାଖ ପାଇଁ ଉପରାଜ୍ୟପାଳ ନିଯୁକ୍ତ

ସେହିପରି ଜମ୍ମୁ-କଶ୍ମୀରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ କବିନ୍ଦର ଗୁପ୍ତା ଲଦାଖର ନୂଆ ଉପରାଜ୍ୟପାଳ ନିଯୁକ୍ତ ହୋଇଛନ୍ତି।

ପି.ଏସ୍. ଶ୍ରୀଧରନ ପିଲାଇଙ୍କ ସ୍ଥାନରେ ଆନ୍ଧ୍ରପ୍ରଦେଶର ତେଲୁଗୁଦେଶମ୍ ପାର୍ଟିର ବରିଷ୍ଠ ନେତା ରାଜୁ ଗୋଆ ରାଜ୍ୟପାଳ ଭାବେ ଦାୟିତ୍ୱ ନେବାକୁ ଯାଉଛନ୍ତି। ପିଲାଇ ୨୦୨୧ ଜୁଲାଇ ୧୫ରେ ଗୋଆ ରାଜ୍ୟପାଳ ଭାବେ ଶପଥ ଗ୍ରହଣ କରିଥିଲେ। ନରେନ୍ଦ୍ର ମୋଦିଙ୍କ ସରକାରରେ ୨୦୧୪ ମେ' ୨୭ରୁ ୨୦୧୮ ମାର୍ଚ୍ଚ ୧୦ ପର୍ଯ୍ୟନ୍ତ ରାଜୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଥିଲେ। ସେ ଆନ୍ଧ୍ରପ୍ରଦେଶ ସରକାରରେ ମଧ୍ୟ ମନ୍ତ୍ରୀ ପଦରେ ରହିଥିଲେ। ଲଦାଖର ନବନିଯୁକ୍ତ ଉପରାଜ୍ୟପାଳ ଗୁପ୍ତା ଜମ୍ମୁ-କଶ୍ମୀର ଭାଜପାର ବରିଷ୍ଠ ନେତା। ସେ ପୂର୍ବରୁ ଜମ୍ମୁ-କଶ୍ମୀରର ଉପମୁଖ୍ୟମନ୍ତ୍ରୀ ଓ ରାଜ୍ୟ ବିଧାନସଭାର ବାଚସ୍ପତି ରହିଥିଲେ। ବର୍ତ୍ତମାନ ଲଦାଖ ଉପରାଜ୍ୟପାଳ ଥିବା ବ୍ରିଗେଡିୟର ବି.ଡି. ମିଶ୍ରାଙ୍କ ସ୍ଥାନରେ ସେ କାର୍ଯ୍ୟଭାର ଗ୍ରହଣ କରିବାକୁ ଯାଉଛନ୍ତି। ସେହିପରି ବଙ୍ଗାରୁ ଦତ୍ତାତ୍ରେୟଙ୍କ ସ୍ଥାନରେ ଅଶିମ୍ ହରିୟାଣା ରାଜ୍ୟପାଳ ଭାବେ ଦାୟିତ୍ୱ ନେବାକୁ ଯାଉଛନ୍ତି।

## ଭାରତ ଅଧିକ କିଛି କରିପାରିବ ନାହିଁ

### କେରଳ ନର୍ସ ନିମିଶାଙ୍କୁ ଫାଶୀ ମାମଲାରେ ସୁପ୍ରିମକୋର୍ଟଙ୍କୁ ଜଣାଇଲା କେନ୍ଦ୍ର

ନୂଆଦିଲ୍ଲୀ,୧୪।୭

ୟେମେନ୍‌ରେ କେରଳ ନର୍ସ ନିମିଶା ପ୍ରିୟାଙ୍କୁ ଦିନକ ପରେ ଫାଶୀ ଦିଆଯିବାକୁ ଥିବାବେଳେ ତାଙ୍କୁ ବଞ୍ଚାଇବା ଦିଗରେ କେନ୍ଦ୍ର ସରକାର ଯାହା କରିବା କଥା କରିସାରିଛନ୍ତି। ଆଉ ଅଧିକ କିଛି କରାଯାଇପାରିବ ନାହିଁ ବୋଲି ସରକାର ସୋମବାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ଭାରତ ସରକାର କ'ଣ କରିପାରିବେ, ତାହାର ଏକ ନିର୍ଦ୍ଦିଷ୍ଟ ବିନ୍ଦୁ ରହିଛି। ଆମେ ସେହି ବିନ୍ଦୁରେ ପହଞ୍ଚିସାରିଛୁ ବୋଲି ଆର୍ଟର୍ନି ଜେନେରାଲ ଆର୍. ଭେଙ୍କଟରମଣୀ ଜଷ୍ଟିସ୍ ବିକ୍ରମ ନାଥ ଏବଂ ସନ୍ଦୀପ୍ ମେହେଟ୍ଟାଙ୍କ ଖଣ୍ଡପୀଠଙ୍କୁ ଜଣାଇଛନ୍ତି। ୟେମେନ୍‌ର ସମ୍ବେଦନଶୀଳତା ଏବଂ ସ୍ଥିତିକୁ ନେଇ ଅଧିକ କିଛି କରିବା ଭାରତ ପକ୍ଷେ ସମ୍ଭବ ନୁହେଁ। ଦଣ୍ଡକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖିବା ଦିଗରେ କିଛି କରିହେବ କି ନାହିଁ ଜଣାଇବାକୁ ସରକାର ସେଠାର ସରକାରୀ ଓକିଲଙ୍କୁ ପତ୍ର ଲେଖିଛନ୍ତି। ନିମିଶାଙ୍କୁ ବଞ୍ଚାଇବା ଦିଗରେ କୂଟନୈତିକ ଚ୍ୟାନେଲର ଉପଯୋଗ ପାଇଁ କେନ୍ଦ୍ରକୁ ନିର୍ଦ୍ଦେଶ ଦେବାକୁ ସୁପ୍ରିମକୋର୍ଟରେ ପିଟିଶନ ଦାଏର ହୋଇଥିଲା।

## ଆଇଏସ୍‌ଏସ୍ ଛାଡ଼ିଲେ ଶୁଭାଂଶୁ

ୱାଶିଂଟନ୍, ୧୪।୭

ଭାରତୀୟ ମହାକାଶଚାରୀ ତଥା ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଳା ଏବଂ ଆକ୍ସିଓମ୍-୪ ମିଶନର ୩ ଅନ୍ୟ କ୍ରିଉ ସଦସ୍ୟ ପେଗୀ ହ୍ୱିଟ୍‌ସନ୍, ସ୍ଲାଓଜ୍ ଉଜ୍‌ନାନ୍‌ସ୍କି ଏବଂ ଟିବୋର କାପ ସୋମବାର ଭାରତୀୟ ସମୟ ଅପରାହ୍ନ ସାଢ଼େ ୪ଟାରେ ସ୍ପେସ୍ ଏକ୍ସ'ର ଡ୍ରାଗନ ମହାକାଶଯାନ ଯୋଗେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍) ଛାଡ଼ିଛନ୍ତି। ଦୀର୍ଘ ୧୮ ଦିନ ପରେ ଡ୍ରାଗନ୍ ସ୍ପେସ୍‌କ୍ରାଫ୍ଟ ଆଇଏସ୍‌ଏସ୍‌ରୁ ଅଲଗା


ଶୁଭାଂଶୁ ଶୁକ୍ଳା

ହୋଇଥିଲା। ୨୨ ଘଣ୍ଟାର ଯାତ୍ରା ପରେ ୪ ମହାକାଶଚାରୀ ମଙ୍ଗଳବାର ଭାରତୀୟ ସମୟ ଅପରାହ୍ନ ୩ଟାରେ କାଲିଫର୍ନିଆ

### ଆଜି କାଲିଫର୍ନିଆ ଉପକୂଳରେ ଅବତରଣ କରିବେ ଆକ୍ସିଓମ-୪ ମିଶନର ୪ ମହାକାଶଚାରୀ

ଉପକୂଳରେ ଅବତରଣ କରିବେ। ତେବେ ଆଇଏସ୍‌ଏସ୍ ଛାଡ଼ିବାର କିଛିଘଣ୍ଟା ପୂର୍ବରୁ ଶୁଭାଂଶୁ ସେଠାରେ ଏକ ଶୂନ୍ୟ ଗୁରୁତ୍ୱାକର୍ଷଣ ପରୀକ୍ଷଣକୁ ପ୍ରଦର୍ଶିତ କରିଥିଲେ। ଜଳ ମାଧ୍ୟମରେ କିପରି ସୂକ୍ଷ୍ମ ଗୁରୁତ୍ୱାକର୍ଷଣ ଦୈନନ୍ଦିନ ପଦାର୍ଥ ବିଜ୍ଞାନକୁ ରୂପାନ୍ତରିତ କରୁଛି, ତାହା ସେ ଦର୍ଶାଇଥିଲେ। ଆକ୍ସିଓମ୍-୪ ମିଶନ ଅନ୍ତର୍ଗତ ଏହି ପରୀକ୍ଷଣରେ ଶୁଭାଂଶୁ ମହାକାଶରେ ଜଳର ଅନନ୍ୟ ଆଚରଣକୁ ବୁଝାଇଥିଲେ। ଉଲ୍ଲେଖଯୋଗ୍ୟ, ଆମେରିକୀୟ ମହାକାଶ ସଂସ୍ଥା (ଇସ୍ରୋ) ଏବଂ ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ)ର ମିଳିତ ଆକ୍ସିଓମ୍-୪ ମିଶନ ଯୋଗେ ଶୁଭାଂଶୁ ପ୍ରଥମ ଭାରତୀୟ ଭାବେ ଆଇଏସ୍‌ଏସ୍‌ରେ ପହଞ୍ଚିଥିଲେ। ସେହିପରି ସେ ଦ୍ୱିତୀୟ ଭାରତୀୟ ଭାବେ ମହାକାଶକୁ ଯାଇଥିଲେ।

## ଫୁର୍‌ସତ୍

## ହରର୍ ମ୍ୟୁଜିୟମରେ 'ଦ ଲାଷ୍ଟ ମିଲ୍' ରେଷ୍ଟୁରାଣ୍ଟ

### ମୃତ୍ୟୁଦଣ୍ଡ ପାଇଥିବା ଅପରାଧୀଙ୍କ ନାମରେ ମିଳିବ ଖାଦ୍ୟ

ଗାଲିଓନ୍

ଆମେରିକାର ଓହିଓ ପ୍ରଦେଶର ଗାଲିଓନ୍ ସହରରେ ଆସନ୍ତା ୨୦ ତାରିଖରୁ ଏକ ନୂତନ ହରର ମ୍ୟୁଜିୟମ୍ ଖୋଲିବାକୁ ଯାଉଛି। ଏହି ମ୍ୟୁଜିୟମ୍ ବିଶ୍ୱର ସବୁଠାରୁ ଭୟଙ୍କର ସଂଗ୍ରହାଳୟ ହେବାକୁ ଯାଉଛି। ସଂଗ୍ରହାଳୟର ଚର୍ଚ୍ଚିତ ବିଶେଷତ୍ୱ ହେଉଛି ଏଠାରେ 'ଦ ଲାଷ୍ଟ ମିଲ୍' ନାମରେ ଏକ ରେଷ୍ଟୁରାଣ୍ଟ ରହିଛି। ମୃତ୍ୟୁଦଣ୍ଡ ପାଇଥିବା ଅନେକ କୁଖ୍ୟାତ ଅପରାଧୀଙ୍କ ଶେଷ ଖାଦ୍ୟକୁ ରେଷ୍ଟୁରାଣ୍ଟର ମେନ୍ୟୁରେ ସ୍ଥାନିତ କରାଯାଇଛି। ତେଣୁ ଏଠାରେ



ବିଭିନ୍ନ ଡିଶ୍‌କୁ ସିରିଏଲ୍ କିଲରମାନଙ୍କ ନାମରେ ପରଷାଯିବ। ପରିଦର୍ଶକମାନେ ଏହି ହଣ୍ଟେଡ୍ ମ୍ୟୁଜିୟମକୁ ଆସି 'ଦ ଲାଷ୍ଟ ମିଲ୍' ରେଷ୍ଟୁରାଣ୍ଟରେ କୁଖ୍ୟାତ ଅପରାଧୀମାନେ ଖାଇଥିବା ବିଭିନ୍ନ ଶେଷ ଖାଦ୍ୟ ମଧ୍ୟରୁ ନିଜ ମନପସନ୍ଦର ଖାଦ୍ୟକୁ ଅର୍ଡର ଦେଇପାରିବେ। ଗ୍ରାହକମାନଙ୍କୁ କଏଦୀମାନଙ୍କୁ ଦିଆଯାଉଥିବା ଖାଦ୍ୟ ପାତ୍ର ଅନୁରୂପ ପାତ୍ରରେ ଖାଦ୍ୟ ପରଷାଯିବ।

ଏହି ସଂଗ୍ରହାଳୟରେ ବିଭିନ୍ନ ହରର ଫିଲ୍ମରେ ବ୍ୟବହୃତ ଜିନିଷ ଏବଂ ବାସ୍ତବ ଦୁନିଆରେ ଘଟୁଥିବା ବିଭିନ୍ନ ଅପରାଧରେ ବ୍ୟବହୃତ ଉପକରଣ ଏବଂ ଅସ୍ତ୍ରଶସ୍ତ୍ରକୁ ପ୍ରଦର୍ଶିତ କରାଯିବ। ଏକସଙ୍ଗେ ରୋମାଞ୍ଚ ସହ ଭୟର ଆଭାସ ଦେବା ଉଦ୍ଦେଶ୍ୟରେ ଏହି ମ୍ୟୁଜିୟମ୍‌କୁ ଡିଜାଇନ୍ କରାଯାଇଥିବା ପ୍ରତିଷ୍ଠାତା ନାଟ୍ ଥମ୍ପସନ୍ କହିଛନ୍ତି। ଲୋକଙ୍କୁ ଏକ ସୁନ୍ଦର ଅଭିଜ୍ଞତା ଦେବା ପାଇଁ ସେ ଏହି ହରର୍ ମ୍ୟୁଜିୟମ୍‌କୁ ଡିଜାଇନ୍ କରିଛନ୍ତି, ଯେଉଁଥିରେ ଉଭୟ ବାସ୍ତବ ଜୀବନ ଏବଂ କାଳ୍ପନିକ ଦୁନିଆର ଭୟ ଅନ୍ତର୍ଭୁକ୍ତ ରହିଛି। ବିଭିନ୍ନ ହରର୍ ଫିଲ୍ମରେ ଦେଖିବାକୁ ମିଳିଥିବା ପ୍ରାଚୀନ କୋଠାର ଡିଜାଇନ୍‌ରେ ଏହି ସଂଗ୍ରହାଳୟର କୋଠାକୁ ନିର୍ମାଣ କରାଯାଇଛି। ଆଗାମୀ ଦିନରେ ସେ ଆମେରିକାରେ ଏହିପରି ଅନେକ ହରର୍ ମ୍ୟୁଜିୟମ୍ ଖୋଲିବାକୁ ଚାହାଁନ୍ତି ବୋଲି ଥମ୍ପସନ୍ କହିଛନ୍ତି।

## ପଡ଼ୋଶୀଙ୍କୁ ଡରି ହେଲ୍‌ମେଟରେ କ୍ୟାମେରା ଲଗାଇଲେ

ଇନ୍ଦୋର

ମଧ୍ୟପ୍ରଦେଶର ଇନ୍ଦୋରସ୍ଥିତ ଗୌରୀ ନଗର ଅଞ୍ଚଳରେ ରହୁଥିବା ସତୀଶ ଚୌହାନ ନାମକ ଜଣେ ବ୍ୟକ୍ତିଙ୍କର ଏକ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ସେ ନିଜ ହେଲ୍‌ମେଟରେ ଏକ ସିସିଟିଭି କ୍ୟାମେରା ଲଗାଇ ବିଭିନ୍ନ ସ୍ଥାନକୁ ଯାଉଥିବା ନେଇ ଭିଡିଓରେ ଦେଖିବାକୁ ମିଳିଛି।

ସତୀଶଙ୍କ କହିବା ଅନୁଯାୟୀ, ପଡ଼ୋଶୀମାନେ ତାଙ୍କ ସମ୍ପତ୍ତି ହଡ଼ପ କରିବାକୁ ଚାହୁଁଛନ୍ତି। ସେମାନେ ତାଙ୍କୁ ଏବଂ ତାଙ୍କ ପରିବାରକୁ ଅନେକ ଥର ଆକ୍ରମଣ କରିବା ସହ ତାଙ୍କ ଘରେ ଲାଗିଥିବା ସିସିଟିଭି କ୍ୟାମେରାକୁ


ସତୀଶ ଚୌହାନ

ମଧ୍ୟ ଭାଙ୍ଗି ଦେଇଛନ୍ତି। ସେ ଏନେଇ ଅନେକଥର ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି ସୁରକ୍ଷା ପାଇନାହାନ୍ତି। ଯେତେବେଳେ ବ୍ୟବସ୍ଥା ନୀରବ ପାଲଟି ଯାଏ, ସେତେବେଳେ ନିଜ ସୁରକ୍ଷା ବନ୍ଦୋବସ୍ତ ସ୍ୱୟଂ କରିବାକୁ ପଡ଼ିଥାଏ ବୋଲି ସତୀଶ କହିଛନ୍ତି। ତେଣୁ ସେ ନିଜ ହେଲ୍‌ମେଟ ଉପରେ ଏକ ସିସିଟିଭି କ୍ୟାମେରାକୁ ଇନ୍‌ଷ୍ଟଲ କରାଇଛନ୍ତି। ପଡୋଶୀଙ୍କ ଭୟରେ ସେ ଘରୁ ବାହାରକୁ ଯିବା ସମୟରେ ସବୁବେଳେ ହେଲମେଟ୍ ପିନ୍ଧିଥାନ୍ତି ଏବଂ ସେଥିରେ ଥିବା କ୍ୟାମେରାକୁ ଅନ୍ ରଖିଥାନ୍ତି। ଯଦି ତାଙ୍କ ଉପରେ କୌଣସି ଆକ୍ରମଣ ହୁଏ, ତେବେ ଏହାର ପ୍ରମାଣ ରଖିବା ପାଇଁ ସେ ଉକ୍ତ ହେଲ୍‌ମେଟକୁ ପ୍ରସ୍ତୁତ କରିଥିବା ସତୀଶ କହିଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୧୫/୨୦୨୫ | Bhubaneswar, Tuesday, July 15/2025 | ପୃଷ୍ଠା-୧




ସୋମବାର ଭୋର ସମୟରେ ପ୍ରବଳ ବର୍ଷା ଯୋଗୁ ରାଉରକେଲା ରେଳ ଷ୍ଟେସନର ଦ୍ୱିତୀୟ ପ୍ରବେଶ ପଥ ପାର୍କିଂରେ ଥିବା ଗାଡ଼ିଗୁଡିକ ବୁଡ଼ିଯାଇଛି। (ଫଟୋ: ଦିନେଶ ମିଶ୍ର)

# ୨୪ ଘଣ୍ଟାରେ ଇଣ୍ଟରନାଲ କମିଟି ଗଢ଼

## ବିଶ୍ୱବିଦ୍ୟାଳୟ କୁଳସଚିବ, ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଉଚ୍ଚଶିକ୍ଷା ବିଭାଗର ଚିଠି

ଭୁବନେଶ୍ୱର/ଯାଜପୁର,୧୪।୭ (ସୁଚିସ୍ମିତା ସାହୁ/ ହର୍ଷବର୍ଦ୍ଧନ ବେହେରା)

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜଣେ ଛାତ୍ରୀ ଆତ୍ମାହୁତି ଉଦ୍ୟମ କରି ମୃତ୍ୟୁ ସହ ସଂଗ୍ରାମ କରିବା ଘଟଣା ପରେ ଏବେ ଉଚ୍ଚ ଶିକ୍ଷା ବିଭାଗ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ନେଇ ତତ୍ପରତା ଦେଖାଇଛି। ସମସ୍ତ ସରକାରୀ, ବେସରକାରୀ କଲେଜ ଓ ବିଶ୍ୱବିଦ୍ୟାଳୟରେ ତୁରନ୍ତ ଇଣ୍ଟରନାଲ କମିଟି ଗଢ଼ିବାକୁ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି। ୨୪ ଘଣ୍ଟା ମଧ୍ୟରେ ଇଣ୍ଟରନାଲ କମିଟି ଗଠନ କରି ଏ ସଂକ୍ରାନ୍ତ ରିପୋର୍ଟ ଦାଖଲ କରିବାକୁ ସମସ୍ତ ବିଶ୍ୱବିଦ୍ୟାଳୟ କୁଳସଚିବ ଓ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ସୋମବାର ଚିଠି କରାଯାଇଛି। ଏହି କମିଟିରେ ଆବଶ୍ୟକ ମହିଳା ☞ପୃଷ୍ଠା-୨

ଅଧ୍ୟାପକଙ୍କ ଦ୍ୱାରା ପ୍ରାୟ ୬ ମାସ ଧରି ଶାରୀରିକ ଓ ମାନସିକ ନିର୍ଯାତନା ପାଇ ଆସିଥିବା ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ କଲେଜ ଛାତ୍ରୀ ଶେଷରେ ନ୍ୟାୟ ନ ପାଇ ଆତ୍ମାହୁତି ଉଦ୍ୟମ କରିଛନ୍ତି। ଏବେ ସେ ଭୁବନେଶ୍ୱର ଏମ୍ସରେ ଜୀବନ ପାଇଁ ସଂଗ୍ରାମ ଚଳାଇଛନ୍ତି। ଏହି ଘଟଣା ସାରା ଦେଶରେ ଚହଳ ପକାଇଥିବାବେଳେ ରାଜ୍ୟ ସରକାରଙ୍କୁ ବିରୋଧୀ ଦଳଗୁଡ଼ିକ ଘେରିଛନ୍ତି। ଘଟଣାକୁ ନେଇ ସୋସିଆଲ ମିଡିଆରେ ଅନେକ କ୍ଷୋଭ ପ୍ରକାଶ ପାଇବା ସହ ସରକାରୀ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଯାଉଛି। ଏଭଳିସ୍ଥଳେ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ପ୍ରତି ଯୌନ ଓ ମାନସିକ ନିର୍ଯାତନା ରୋକିବା ପାଇଁ ଉଚ୍ଚଶିକ୍ଷା ବିଭାଗ ଏବଂ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ତଦନୁଯାୟୀ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ଅଭିଯୋଗ ଶୁଣି ତ୍ୱରିତ୍ ପଦକ୍ଷେପ ନେବା ପାଇଁ ଇଣ୍ଟରନାଲ କମିଟି, ଯୌନ ନିର୍ଯାତନା ନିରୋଧୀ ସେଲ୍ ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି କ୍ୟାମ୍ପସରେ ବାଧାମୁକ୍ତ ୨୪ ଘଣ୍ଟିଆ ସିସିଟିଭି କ୍ୟାମେରା ବ୍ୟବସ୍ଥା ଉପଲବ୍ଧ କରାଯିବାକୁ କୁହାଯାଇଛି। ଏଥିରେ ଖିଲାପ ହେଲେ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦିଆଯାଇଛି।


**ଆଜିର ସମ୍ପାଦକୀୟ**

ଯେଉଁମାନେ ଡେଉଁଥିଲେ


# ଘୃଣିତ ବକ୍ତବ୍ୟକୁ ନିୟନ୍ତ୍ରଣ କର

## କେନ୍ଦ୍ର, ରାଜ୍ୟକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

### ନାଗରିକ ବାକ୍ ସ୍ୱାଧୀନତାର ମୂଲ୍ୟ ଜାଣିବା ଜରୁରୀ

ନୂଆଦିଲ୍ଲୀ,୧୪।୭

ଅଭିବ୍ୟକ୍ତି ସ୍ୱାଧୀନତାର ପବିତ୍ରତାକୁ ଉଲ୍ଲଂଘନ ନ କରି ଘୃଣିତ ବକ୍ତବ୍ୟକୁ ନିୟନ୍ତ୍ରଣ କରିବା ପାଇଁ ସୁପ୍ରିମକୋର୍ଟ ସୋମବାର କେନ୍ଦ୍ର ଓ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ବାକ୍ ଓ ଅଭିବ୍ୟକ୍ତି ସ୍ୱାଧୀନତାର ମୂଲ୍ୟବୋଧ ସମ୍ପର୍କରେ ନାଗରିକମାନେ ଜାଣିବା ଜରୁରୀ ବୋଲି ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ କେ.ଭି. ବିଶ୍ୱନାଥନ୍ଙ୍କ ଖଣ୍ଡପୀଠ କହିଛନ୍ତି।

ହିନ୍ଦୁ ଦେବଦେବୀଙ୍କ ବିରୋଧରେ ଏକ୍ସ'ରେ ଆପତ୍ତିଜନକ ପୋଷ୍ଟିଂ ପାଇଁ ପଶ୍ଚିମବଙ୍ଗ ସମେତ ବିଭିନ୍ନ ରାଜ୍ୟରେ ମାମଲାର ସମ୍ମୁଖୀନ ହୋଇଥିବା ୱାଜାହଟ ଖାନ୍ଙ୍କ ଏକ ପିଟିଶନ୍‌ର ଶୁଣାଣି ବେଳେ ଅଦାଲତ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଗତ ଜୁନ୍ ୨୩ରେ ସର୍ବୋଚ୍ଚ ଅଦାଲତ ତାଙ୍କୁ ଜୁଲାଇ ୧୪ ପର୍ଯ୍ୟନ୍ତ ଅନ୍ତରୀଣ ସୁରକ୍ଷା ଦେଇଥିଲେ। ଅନ୍ୟଜଣେ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଶର୍ମିଷ୍ଠା ପାନୋଲି ଏକ ଭିଡିଓରେ ସାମ୍ପ୍ରଦାୟିକ ମନ୍ତବ୍ୟ ଦେଇଥିବାରୁ ୱାଜାହଟ ତାଙ୍କ ବିରୋଧରେ ଅଭିଯୋଗ ଦାଏର କରିଥିଲେ। ☞ପୃଷ୍ଠା-୨

# ଯୌତୁକ ପାଇଁ ବୋହୂଙ୍କୁ ଜାଳିଲେ

ଖଲ୍ଲିକୋଟ/ବ୍ରହ୍ମପୁର,୧୪।୭ (ପ୍ରଶାନ୍ତ କୁମାର ମିଶ୍ର/ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ କହ୍ନେଇପୁର ଗାଁରେ ସୋମବାର ଭୋରରେ ଏକ ଅଭାବନୀୟ ଘଟଣା ଘଟିଛି। ଯୌତୁକ ପାଇଁ ବୋହୂଙ୍କୁ ପୋଡ଼ି ମାରିଦେବାକୁ ଉଦ୍ୟମ ହୋଇଛି। ବୋହୂ ଆରତି ଦାସଙ୍କ ଶରୀରର ୨୫ ପ୍ରତିଶତ ପୋଡ଼ିଯାଇଛି। ତାଙ୍କୁ ଉଦ୍ଧାର କରି ପ୍ରଥମେ ଖଲ୍ଲିକୋଟ ମେଡିକାଲ ଓ ପରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଯୌତୁକ ପାଇଁ ଝିଅକୁ ହତ୍ୟା ଉଦ୍ୟମ କରାଯାଇଥିବା ଆରତିଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି। ସର୍ଜରି ୱାର୍ଡରେ ଆରତିଙ୍କ ଚିକିତ୍ସା ଚାଲିଛି। ଡାକ୍ତର ସତ୍ୟସ୍ୱରୂପ ପଟ୍ଟନାୟକ ତାଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ କରିବା ପାଇଁ ଜଣାଇଛନ୍ତି। ତାହାରି ଆଧାରରେ ଏମ୍‌କେସିଜି ମେଡିକାଲ ଡିନ୍ ପ୍ରଫେସର ☞ପୃଷ୍ଠା-୨

# ଗିରଫ ହେଲେ ନିଲମ୍ବିତ ଅଧ୍ୟକ୍ଷ

ବାଲେଶ୍ୱର,୧୪।୭(ବାଞ୍ଛାନିଧି ଦେ)



ଦିଲୀପ କୁମାର ଘୋଷ

**ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣା**

ବାଲେଶ୍ୱର ଫକୀର ମୋହନ (ଏଫଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣାରେ ନିଲମ୍ବିତ କଲେଜ ଅଧ୍ୟକ୍ଷ ଦିଲୀପ କୁମାର ଘୋଷଙ୍କୁ ସୋମବାର ଅପରାହ୍ନରେ ସହଦେବଖୁଣ୍ଟା ଥାନା ପୋଲିସ ଗିରଫ କରିଛି। ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଗଠିତ ହୋଇଥିବା ଉଚ୍ଚସ୍ତରୀୟ କମିଟିର ଅନ୍ତରୀଣ ରିପୋର୍ଟ ଆଧାରରେ ନିଲମ୍ବିତ ଅଧ୍ୟକ୍ଷ ଘୋଷଙ୍କୁ ତାଙ୍କ ବାଲେଶ୍ୱରସ୍ଥିତ ବାସଭବନରୁ ଗିରଫ କରାଯାଇଛି। ଗିରଫ ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୂର୍ବରୁ ଏହି ଘଟଣାରେ ଶିକ୍ଷା ବିଭାଗର ଏଚ୍‌ଓଡି ସମୀର ସାହୁଙ୍କୁ ଗିରଫ କରାଯାଇଥିଲା। ଅପରପକ୍ଷରେ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ଏଚ୍‌ଓଡି ପ୍ରଫେସର ଫିରୋଜ ପାଢ଼ୀ ସୋମବାର ନୂତନ ଭାରପ୍ରାପ୍ତ ଅଧ୍ୟକ୍ଷ ☞ପୃଷ୍ଠା-୨





Honda Exclusive Authorized Dealerships: ANGUL: Laxmi Honda - 8908045000, 8908025000; CHENDIPADA: Saralia Honda - 9777854300; DEOGARH: Mittal Motors - 9668608895; ATHAMALLIK: Mamata Honda - 6372989488; TALCHER: Anupama Honda - 9583757065, 7852930592; DHENKANAL: SGAPL Honda - 7735500954; PARJANG: Hari Omm Honda - 8917420998, BHUBAN: Satya Sai Honda-7855890199; KAMAKHYANAGAR: SGAPL Honda - 92373 82101

For Bulk/Institutional enquiries, please write us at: institutionalsales@honda2wheelersindia.com

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଗୁରୁ ଶ୍ରୀ ଦେବ ପ୍ରସାଦ ଦାସଙ୍କ ୩୯ତମ ପୂଣ୍ୟତିଥି ଅବସରରେ ଶ୍ରଦ୍ଧାଞ୍ଜଳି ସମାରୋହ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସକାଳ ୯ଟା।
- ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଘଟଣାରେ ଶିକ୍ଷାମନ୍ତ୍ରୀଙ୍କ ଗିରଫ ଦାବିରେ ସିପିଆଇର ବିକ୍ଷୋଭ, ସ୍ଥାନ: ରାଜମହଲ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଘଟଣାରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ଭାଜପା ପକ୍ଷରୁ ସାମ୍ବାଦିକ ସମ୍ମିଳନୀ, ସ୍ଥାନ: ହୋଟେଲ ଲକି ଇଣ୍ଟରନ୍ୟାଶନାଲ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଭଦ୍ରକ

- ବିଶ୍ୱ ଯୁବ ଦକ୍ଷତା ଦିବସ ପାଳନ, ସ୍ଥାନ: ରାଣୀତାଲ ହାଇଟେକ୍ ଇଞ୍ଜିନିୟରିଂ କଲେଜ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ନାଟକ 'ହେ ମଣିମା ଶୁଣିବା ହେଉ' ମଞ୍ଚସ୍ଥ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ଏସ୍‌ଏଫ୍‌ଆଇ ପକ୍ଷରୁ ପ୍ରତିବାଦ, ସ୍ଥାନ: ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବୈଠକ, ସ୍ଥାନ:ଭଞ୍ଜନଗର କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ବିଶ୍ୱ ୟୁଥ ସ୍କିଲ ଦିବସ ପାଳନ, ସ୍ଥାନ: ସରକାରୀ ଆଇଟିଆଇ କେନ୍ଦ୍ର, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ଉନ୍ନୟନ କାର୍ଯ୍ୟର ସମୀକ୍ଷା, ସ୍ଥାନ: ତେନ୍ତୁଲିଖୁଣ୍ଟି, ସମୟ: ୧୦ଟା।
- ବିଶ୍ୱ ଯୁବ ଦକ୍ଷତା ଦିବସ, ସ୍ଥାନ: ନବରଙ୍ଗପୁର ବିଏଡ୍ କଲେଜ୍, ସମୟ: ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର

- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୭ଟା।
- ରାଧା ଶ୍ରୀନିବାସ ସେବା ଟ୍ରଷ୍ଟ ଆୟୋଜନରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ହାଉସିଂ ବୋର୍ଡ କଲୋନୀ ସ୍ଥିତ ଆରୋଗ୍ୟ ନିକେତନ, ସମୟ: ସକାଳ ୮ଟା।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସନ୍ଧ୍ୟା ୬ଟା ୩୦।
- ସମ୍ବଲପୁରୀ ଦିନ୍ ସକାଶେ ସମ୍ବଲପୁରୀ ଏକତା ମଞ୍ଚର ସାଂସ୍କୃତିକ କାର୍ଯ୍ୟକ୍ରମ ନେଇ ଆଲୋଚନା, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ରାତି ୭ଟା।

## ବରଗଡ଼

- ଶିବ ପୁରାଣ ପାରାୟଣ,ସ୍ଥାନ:ଜଗନ୍ନାଥ ମନ୍ଦିର ପରିସର, ଗାଇସିଲେଟ,ସମୟ: ସକାଳ ୯ଟା।

## କଳାହାଣ୍ଡି

- ଛାତ୍ର ବୃତ୍ତି ବନ୍ଦ ପ୍ରତିବାଦରେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂଗଠନ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ସୁବର୍ଣ୍ଣପୁରରେ ଦିଶା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ମା' ସୁରେଶ୍ୱରୀଙ୍କ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପୌର୍ଣ୍ଣମାସୀଙ୍କ ମନ୍ଦିରରେ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୪୦।

## ନୂଆପଡ଼ା

- ପୂର୍ବତନ ମନ୍ତ୍ରୀ ତଥା ନୂଆପଡ଼ା ଜିଲା ବିନ୍ଧାଣି ସ୍ୱର୍ଗତ ଘାସିରାମ ମାଝିଙ୍କ ଶହେ ତମ ଜୟନ୍ତୀ ଉତ୍ସବ, ସ୍ଥାନ: ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ନୂଆପଡ଼ା, ସମୟ: ଅପରାହ୍ନ ୩ଟା।

# ଅଳକା ଲାମ୍ବାଙ୍କ ପ୍ରେସ୍‌ମିଟ୍ ହାସ୍ୟାସ୍ପଦ: ଭାଜପା

ଭୁବନେଶ୍ୱର,୧୪।୭(ସୁନିତ୍ ମିଶ୍ର)

ବାଲେଶ୍ୱରର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣାରେ ମହିଳା କଂଗ୍ରେସର ସଭାପତି ଅଳକା ଲାମ୍ବା ଓ ଅନ୍ୟ ନେତ୍ରୀ ଦିଲ୍ଲୀରେ ପ୍ରେସମିଟ୍ କରି ଯେଉଁ କଥା କହିଛନ୍ତି ତାହା ବହୁତ ହାସ୍ୟାସ୍ପଦ। ସେ ଜଣେ ମାଆ ହୋଇ ମଧ୍ୟ ଏଭଳି କହିବା ତାଙ୍କୁ ଶୋଭା ଦେଉନାହିଁ ବୋଲି ଭାଜପା ରାଜ୍ୟ ସଭା ଏମ୍‌ପି ମମତା ମହାନ୍ତ କହିଛନ୍ତି।

ଏମ୍‌ସ ମେଡିକାଲ ପରିସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମମତା କହିଛନ୍ତି, ଏହା ଏକ ସମ୍ବେଦନଶୀଳ ବିଷୟ। ସେ ଝିଅ ଏବେ ମରଣ ସହ ସଂଘର୍ଷ କରୁଛି। ବର୍ତ୍ତମାନ ଆମ ସମସ୍ତଙ୍କର ଦାୟିତ୍ୱ ନିଜେ ସଂଯମତା ରଖି ଅଭିବ୍ୟକ୍ତି ରଖିବା ଦରକାର। ଅନ୍ୟପକ୍ଷେ ଏହି ଅଭାବନୀୟ ଘଟଣାରେ ରାଜ୍ୟ ସରକାର ତ୍ୱରିତ ଏବଂ କଠୋର କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଆମ ସରକାର ପରିବାର ଏବଂ ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗରେ ରହି ଚିକିତ୍ସା ବ୍ୟବସ୍ଥାର ତଦାରଖ କରୁଛନ୍ତି। ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଓ ରାଜ୍ୟର ମନ୍ତ୍ରୀମାନେ ପୀଡ଼ିତାଙ୍କ ପରିବାରକୁ ଭେଟି ଆଲୋଚନା କରିଛନ୍ତି। ଅଧିକାରୀମାନେ ମଧ୍ୟ ତଦାରଖ କରୁଛନ୍ତି। ଏହି ଘଟଣାରେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ ମଧ୍ୟ କରାଯାଇଛି। ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଆଯାଇ ନିଲମ୍ବିତ କଲେଜ ଅଧ୍ୟକ୍ଷ ଦିଲୀପ କୁମାର ଘୋଷ ଓ ଅନ୍ୟତମ ଅଭିଯୁକ୍ତ ସମୀର ସାହୁଙ୍କୁ ଗିରଫ କରାଯାଇଛି।

କଂଗ୍ରେସର ଚିନ୍ତାଧାରା ସବୁବେଳେ ଏସ୍‌ସି-ଏସ୍‌ଟି-ଓବିସି ବିରୋଧୀ। କଂଗ୍ରେସ ସବୁବେଳେ ରାଷ୍ଟ୍ରପତିଙ୍କ ପ୍ରତି ଅପମାନସୂଚକ ମନ୍ତବ୍ୟ ଦେଇ ହୀନ ମାନସିକତାର ପରିଚୟ ଦେଇଛି। କଂଗ୍ରେସର ଛାମୁଆ କର୍ମକର୍ତ୍ତାମାନେ ଏହି ଝିଅର ଚରିତ୍ର ସଂହାର କରିବାକୁ ବି ପଛାଇନାହାନ୍ତି। ନିଜ ଜୀବନ ନେବାକୁ ଉଦ୍ୟମ କରିବା ପାଇଁ ଛାତ୍ର କଂଗ୍ରେସ ନେତାମାନେ ଛାତ୍ରୀଙ୍କୁ ଉସ୍‌କାଇଥିବାର ପ୍ରମାଣ ସୋସିଆଲ ମିଡିଆରେ ଆସି ସାରିଛି। ତେଣୁ କଂଗ୍ରେସ ଆଗ ନିଜର ମାନସିକତା ବଦଳାଇବା ଦରକାର ବୋଲି ସେ କହିଛନ୍ତି।

# ବିନା ଭିଜାରେ ୯୨% ଯୁବପିଢ଼ି ବିଦେଶରେ ନିଯୁକ୍ତି ପାଇଁ ଆଗ୍ରହୀ

ନୂଆଦିଲ୍ଲୀ, ୧୪।୭

ମୁକ୍ତ ଭିଜା ସୁବିଧା ମିଳିଲେ ୯୨% ଭାରତୀୟ ଯୁବପିଢ଼ି ବିଦେଶରେ ନିଯୁକ୍ତି ପାଇଁ ଆବେଦନ କରିବାକୁ ଆଗ୍ରହୀ। ଏଆଇ ପାୱର୍ଡ ଗ୍ଲୋବାଲ ଟ୍ୟାଲେଣ୍ଟ ମୋବିଲିଟି ପ୍ଲାଟ୍‌ଫର୍ମ ଟର୍ନ ଗ୍ରୁପ୍ ପକ୍ଷରୁ ସୋମବାର ଜାରି ଏକ ସର୍ଭେ ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ସମ୍ପ୍ରତି ଭାରତୀୟ ଯୁବପିଢ଼ି ବିଦେଶରେ କ୍ୟାରିୟର ଗଢ଼ିବା ପାଇଁ ଉତ୍ସାହିତ ଥିବାବେଳେ ସେମାନଙ୍କର ରାସ୍ତାରେ ବିଶ୍ୱାସର ଅଭାବ, ଭୁଲ୍ ମାର୍ଗଦର୍ଶନ, ଠକ ଏଜେଣ୍ଟଙ୍କ ସଂଖ୍ୟା ବୃଦ୍ଧି ଆଦି ଅନେକ ପ୍ରତିବନ୍ଧକ ରହିଥିବା ଏହି ରିପୋର୍ଟ କହିଛି।

ବିଦେଶରେ ନିଯୁକ୍ତି ପାଇଁ ଆବେଦନ ପ୍ରକ୍ରିୟା କିପରି ଆରମ୍ଭ କରାଯାଏ, ସେ ବିଷୟରେ କୌଣସି ଧାରଣା ନ ଥିବା ନେଇ ଏହି ସର୍ଭେରେ ୫୭% ଉତ୍ତରଦାତା କହିଛନ୍ତି। ବିଦେଶରେ ନିଯୁକ୍ତି ପାଇଁ ସୂଚନାର ଅଭାବ ଏକ ପ୍ରମୁଖ କାରଣ ବୋଲି ଏହି ସର୍ଭେ କହିଛି। ଅବିଶ୍ୱସନୀୟ ଏଜେଣ୍ଟଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ବିଦେଶରେ




କାମ କରିବା ପାଇଁ ସେମାନଙ୍କ ଆତ୍ମବିଶ୍ୱାସ ହ୍ରାସ ପାଉଛି ବୋଲି ୩୪.୬% ଉତ୍ତରଦାତା କହିଛନ୍ତି। ଅତ୍ୟଧିକ ଫି' ଏବଂ ଅସ୍ପଷ୍ଟ ସେବା ଯୋଗୁ ୨୭% ଯୁବପିଢ଼ି ନିରୁତ୍ସାହିତ ହୋଇ ବିଦେଶରେ ନିଯୁକ୍ତି ସୁଯୋଗ ହରାଉଛନ୍ତି। ସ୍ୱଚ୍ଛତା ଏବଂ ବିଶ୍ୱସନୀୟତାଠାରୁ ବହୁ ଦୂରରେ ଥିବା ଏଜେଣ୍ଟ ଏବଂ କମ୍ପାନୀଗୁଡ଼ିକ ଦ୍ୱାରା ଏପରି ଅତ୍ୟଧିକ ଫି' ଆଦାୟ କରାଯାଏ। ଫଳରେ ସେମାନେ ବିଦେଶରେ ନିଯୁକ୍ତି ସୁଯୋଗରୁ ବଞ୍ଚିତ ହେଉଛନ୍ତି ବୋଲି ଏହି ନିଯୁକ୍ତି ଆଶାୟୀମାନେ କହିଛନ୍ତି।

ଟର୍ନ ଗ୍ରୁପ୍‌ର ପ୍ରତିଷ୍ଠାତା ତଥା ସିଇଓ ଅଭିନବ ନିଗମ କହିଛନ୍ତି, ସମ୍ପ୍ରତି ବିଶ୍ୱର ସବୁଠାରୁ ଯୁବ ଏବଂ ମହତ୍ତ୍ୱାକାଂକ୍ଷୀ କର୍ମଶକ୍ତି ଭାବେ ଭାରତର ସ୍ଥାନ ରହିଛି। ଏହାସତ୍ତ୍ୱେ ମଧ୍ୟ ଅନେକ ସମୟରେ ଉପଯୁକ୍ତ ମାର୍ଗ ଦର୍ଶନ, ସ୍ୱଚ୍ଛ ପ୍ଲାଟ୍‌ଫର୍ମ ଏବଂ ନିର୍ଭରଯୋଗ୍ୟ ଏଜେଣ୍ଟଙ୍କ ଅଭାବରୁ ଦେଶର ଯୁବପିଢ଼ି ବିଦେଶରେ ନିଯୁକ୍ତି ନେଇ ସେମାନଙ୍କର ସ୍ୱପ୍ନକୁ ସାକାର କରିପାରନ୍ତି ନାହିଁ। ବିଦେଶରେ ଭାରତୀୟ ଯୁବପିଢ଼ିଙ୍କ ନିଯୁକ୍ତି କ୍ଷେତ୍ରରେ ମିଥ୍ୟା ପ୍ରତିଶ୍ରୁତି, କାଗଜପତ୍ର ପ୍ରକ୍ରିୟାର ଜଟିଳତା ଆଦି ସମସ୍ୟା କଣ୍ଟା ସାଜିଥିବା ସେ କହିଛନ୍ତି। ଯଦି ସରକାର, ବିଭିନ୍ନ ଏଜେନ୍ସି ଏବଂ ଘରୋଇ କମ୍ପାନୀଗୁଡ଼ିକ ଦ୍ୱାରା ମିଳିତ ଭାବେ ବିଦେଶରେ ନିଯୁକ୍ତି ପାଇଁ ଏକ ସ୍ୱଚ୍ଛ ଏବଂ ସୁରକ୍ଷିତ ପ୍ଲାଟ୍‌ଫର୍ମ ସୃଷ୍ଟି କରାଯାଏ, ତେବେ ଭାରତ ବିଶ୍ୱର ଟ୍ୟାଲେଣ୍ଟ ହବ୍ ଭାବେ ପରିଣତ ହୋଇପାରିବ ବୋଲି ଅଭିନବ କହିଛନ୍ତି। ହେଲ୍‌ଥକେୟାର, ଲଜିଷ୍ଟିକ୍, ଇଞ୍ଜିନିୟରିଂ ଆଦି ବିଭିନ୍ନ ଉଚ୍ଚ ଚାହିଦା କ୍ଷେତ୍ରର ୨,୫୦୦ ନିଯୁକ୍ତି ଆଶାୟୀଙ୍କୁ ନେଇ ଏହି ସର୍ଭେ କରାଯାଇଥିଲା।

କାନାଡ଼ାରେ ରଥଯାତ୍ରା ସମୟରେ ଅଣ୍ଡା ମାଡ଼ ଘଟଣା

# ରାଜ୍ୟ ସରକାର ଗୁରୁତ୍ୱର ସହ ନିଅନ୍ତୁ: ନବୀନ

ଭୁବନେଶ୍ୱର,୧୪।୭(ସୁନିତ୍ ମିଶ୍ର)

କାନାଡ଼ାର ଟରୋଣ୍ଟୋ ସହରରେ ରଥଯାତ୍ରା ପାଳନ ସମୟରେ ଶ୍ରଦ୍ଧାଳୁଙ୍କ ଉପରକୁ ଅଣ୍ଡା ମାଡ଼ କରାଯାଇଛି। ଏହି ଖବର ଶୁଣିବା ପରେ ବ୍ୟଥିତ ଲାଗିଛି। ଏହି ଘଟଣା କେବଳ ସାରା ବିଶ୍ୱର ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଦୁଃଖ ପହଞ୍ଚାଇ ନାହିଁ ବରଂ ଓଡ଼ିଶାବାସୀଙ୍କ ଭିତରେ ଅସନ୍ତୋଷ ବଢ଼ାଇଛି। କାରଣ ଓଡ଼ିଶା ଲୋକଙ୍କ ପାଇଁ ଏହି ଯାତ୍ରା ଭାବାବେଗ ଏବଂ ସଂସ୍କୃତିର ପ୍ରତୀକ। ଯଦି ଗଣମାଧ୍ୟମର ଏହି ରିପୋର୍ଟ ସତ୍ୟ ତେବେ ରାଜ୍ୟ ସରକାର ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀ ଏହି ଘଟଣାକୁ ଗୁରୁତ୍ୱର ସହ ନିଅନ୍ତୁ। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଜଣାଇ କାନାଡ଼ା କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ ପ୍ରତିବାଦ ରେଜିଷ୍ଟର କରାନ୍ତୁ ବୋଲି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଲାଜ ନାହିଁ କହିବାକୁ**
**ଆଣ୍ଠୁକ ପାଣିରେ ତପ କରୁଥିଲା**
**ପର ଘର ଭାଙ୍ଗିବାକୁ।**

ଦୁନିଆରେ ଏଭଳି କେତେଜଣ ଲୋକ ଥାଆନ୍ତି ଯେଉଁମାନେ ଅନ୍ୟର ସୁଖ ଶିରୀକୁ ଆଦୌ ସହିପାରି ନ ଥାନ୍ତି। କଳେବଳେ କୌଶଳେ ସେମାନଙ୍କ ଘରେ ଅଶାନ୍ତିର ବାତାବରଣ ସୃଷ୍ଟି କରିବା ସହ ପରିବାର ମଧ୍ୟରେ ଫାଟ ସୃଷ୍ଟି କରିଥାନ୍ତି। ପରଘର ଭଙ୍ଗା ଲୋକର ଚରିତ୍ର ପ୍ରତି ଏଭଳି କରୁକ୍ତି ଉଲ୍ଲେଖ କରାଯାଇଛି।

**ଲୁଚି ଛପି କରୁଥା ପ୍ରେମ,**
**ଆଖି ଗଲେଇ ଦେଖୁଚି ଯମ।**

ଲୁଚାଛପା ପ୍ରେମର ପରିଣତି ବେଳେବେଳେ ଅତି ଭୟଙ୍କର ହୋଇଥାଏ। ଏହା ଅନେକ ସମୟରେ ମରଣମୁହଁକୁ ଟାଣି ନେଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

## ୨୪ ଘଣ୍ଟାରେ...

ସଦସ୍ୟଙ୍କ ସମେତ ଅନ୍ୟ ପ୍ରତିନିଧିମାନେ ରହିପାରିବେ। ୟୁଜିସି (ପ୍ରିଭେନ୍‌ଶନ, ପ୍ରୋହିବିଶନ ଆଣ୍ଡ ରିଡ୍ରେଶାଲ ଅଫ୍ ସେକ୍ସୁଆଲ ହାରାସ୍‌ମେଣ୍ଟ ଅଫ୍ ୱିମେନ୍ ଏମ୍ପ୍ଲିଜ୍ ଆଣ୍ଡ ଷ୍ଟୁଡେଣ୍ଟ୍ସ ଇନ୍ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସ) ନିୟମାବଳୀ ୨୦୧୫କୁ ଅନୁପାଳନ କରିବାକୁ କୁହାଯାଇଛି। ସେହିପରି ଇଣ୍ଟରନାଲ କମିଟିର ସଦସ୍ୟଙ୍କ ନାମ ଓ ଯୋଗାଯୋଗ ନମ୍ବର ସ୍ପଷ୍ଟ ଭାବେ ଲେଖାଯିବାକୁ ଚିଠିରେ ଉଲ୍ଲେଖ ରହିଛି। ଏଥିସହ କମିଟି ସଦସ୍ୟଙ୍କ ବାବଦରେ ସମସ୍ତ ତଥ୍ୟ ହାୟର ଏଜୁକେଶନ ଇନ୍‌ଫରମେଶନ ମ୍ୟାନେଜମେଣ୍ଟ ସିଷ୍ଟମ(ଏଚ୍‌ଆଇଏମ୍‌ଏସ୍) ପୋର୍ଟାଲରେ ଅପଲୋଡ୍ ହେବ। ଯୌନ ନିର୍ଯାତନା ସଂକ୍ରାନ୍ତରେ ସଚେତନତା ପାଇଁ ତୁରନ୍ତ କର୍ମଶାଳା ଆୟୋଜନ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ସେହିପରି ଯୌନ ନିର୍ଯାତନା ସମ୍ପର୍କିତ ମାମଲାର ତୁରନ୍ତ ସମାଧାନ ପାଇଁ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ କଲେଜ ଅଧ୍ୟକ୍ଷଙ୍କୁ ସୋମବାର ନିର୍ଦ୍ଦେଶ ଜାରି ହୋଇଛି। ଏଭଳି ଘଟଣା ସମ୍ପର୍କରେ ଅଭିଯୋଗ ହେଲେ ତୁରନ୍ତ ସକ୍ରିୟ ଭାବରେ କାର୍ଯ୍ୟ କରିବା, ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଏବଂ ଯୌନ ନିର୍ଯାତନା ନିରୋଧୀ ସେଲ୍ ଗଠନ କରିବାକୁ ନିର୍ଦ୍ଦେଶ ପତ୍ରରେ ଦର୍ଶାଯାଇଛି। କଲେଜ କ୍ୟାମ୍ପସରେ ଇନ୍-ହାଉସ୍ ସ୍କ୍ୱାଡ୍ ଦ୍ୱାରା ୨୪ ଘଣ୍ଟା ନଜର ରଖାଯିବା ଏବଂ ସିସିଟିଭିର ଅବାଧ ପରିଚାଳନା ନିଶ୍ଚିତ କରିବାକୁ ବାଧ୍ୟ। ଏହି କ୍ଷେତ୍ରରେ କୌଣସି ପ୍ରକାର ଶିଥିଳତା ଥିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଘୃଣିତ ବକ୍ତବ୍ୟକୁ...

ଆପତ୍ତିଜନକ ପୋଷ୍ଟ ଜବାବରେ ଆପତ୍ତିଜନକ ଟିପ୍ପଣୀ ଦିଆଯିବା ଉଚିତ ନୁହେଁ ବୋଲି ତାଙ୍କ ଓକିଲ କହିଥିଲେ। ଶୁଣାଣି ବେଳେ ଜଷ୍ଟିସ୍ ନାଗରତ୍ନା କହିଛନ୍ତି, ନାଗରିକମାନେ ବାକ୍ ଓ ଅଭିବ୍ୟକ୍ତି ସ୍ୱାଧୀନତାର ମୌଳିକ ଅଧିକାରର ମୂଲ୍ୟବୋଧକୁ ଜାଣିବା ଆବଶ୍ୟକ। ଏହାର ଉଲ୍ଲଂଘନ ହେଲେ ରାଷ୍ଟ୍ର କାର୍ଯ୍ୟାନୁଷ୍ଠାନ ନେଇପାରିବ। କିନ୍ତୁ ରାଷ୍ଟ୍ର କାର୍ଯ୍ୟାନୁଷ୍ଠାନ ନେବା କେହି ଚାହାନ୍ତି ନାହିଁ ବୋଲି ବିଚାରପତି କହିଛନ୍ତି। ସୋସିଆଲ ମିଡିଆରେ ଏଭଳି ସମସ୍ତ ବିଭାଜନକାରୀ ପ୍ରବୃତ୍ତି ଉପରେ ଅଙ୍କୁଶ ଲଗାଇବାକୁ ହେବ। ତେବେ ଏହାର ଅର୍ଥ ସେନ୍‌ସରଶିପ୍ ନୁହେଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି। ନାଗରିକଙ୍କ ପାଇଁ ବାକ୍ ଓ ଅଭିବ୍ୟକ୍ତି ସ୍ୱାଧୀନତା ଉପରେ ଗାଇଡ୍‌ଲାଇନ ପ୍ରସ୍ତୁତ କରିବାକୁ ବିଚାର କରୁଥିବା ଖଣ୍ଡପୀଠ କହିଛନ୍ତି, ନାଗରିକମାନଙ୍କ ମଧ୍ୟରେ ଭ୍ରାତୃଭାବ ରହିବା ଆବଶ୍ୟକ। ସମ୍ବିଧାନର ଅନୁଚ୍ଛେଦ ୧୯(୨) ଅନୁଯାୟୀ ବାକ୍ ଓ ଅଭିବ୍ୟକ୍ତି ସ୍ୱାଧୀନତା ଉପରେ ରହିଥିବା ଉଚିତ କଟକଣା ସମ୍ପର୍କରେ ଖଣ୍ଡପୀଠ କହିଥିଲେ, ସେଗୁଡ଼ିକ ଠିକ୍ ଭାବରେ ରଖାଯାଇଛି। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ୱାଜାହତଙ୍କୁ ଗିରଫଦାରିରୁ ସୁରକ୍ଷା ଦିଆଯାଇଥିବାବେଳେ ନାଗରିକଙ୍କ ବାକ୍ ଓ ଅଭିବ୍ୟକ୍ତି ସ୍ୱାଧୀନତାର ସ୍ୱନିୟନ୍ତ୍ରଣ ପ୍ରସଙ୍ଗରେ ଖଣ୍ଡପୀଠଙ୍କୁ ସହାୟତା କରିବା ପାଇଁ ତାଙ୍କୁ ଓକିଲଙ୍କୁ କୁହାଯାଇଛି। ସୂଚନାଯୋଗ୍ୟ, କେତେକ ପୁରୁଣା ଟୁଇଟ୍‌କୁ ନେଇ ଜୁନ୍ ୯ରେ କୋଲକାତା ପୋଲିସ ୱାଜାହତଙ୍କୁ ଗିରଫ କରିବା ପରେ ତାଙ୍କ ବିରୋଧରେ ବିଭିନ୍ନ ରାଜ୍ୟରେ ଏତଲା ଦାଏର ହୋଇଥିଲା। ଏହା ବିରୋଧରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।



ଖଲ୍ଲିକୋଟ ମେଡିକାଲରେ ଚିକିତ୍ସା ଚାଲିଛି।

## ଯୌତୁକ ପାଇଁ...

ଡା. ସୁଚିତ୍ରା ଦାଶ ମାଜିଷ୍ଟ୍ରେଟ ରିକ୍ୟୁଜିଶନ ପାଇଁ ବୈଦ୍ୟନାଥପୁର ଥାନାଧିକାରୀଙ୍କୁ ଚିଠି କରିଛନ୍ତି। ମଙ୍ଗଳବାର ମୃତ୍ୟୁକାଳୀନ ଜମାନବନ୍ଦୀ ନିଆଯିବ ବୋଲି ଜଣାପଡ଼ିଛି। ଖଲ୍ଲିକୋଟ ଥାନା କହ୍ନେଇପୁର ଗାଁର ଆକାଶ ପରିଡ଼ା ୨ ବର୍ଷ ତଳେ ତାଙ୍କରି ଗାଁର ଆରତିଙ୍କୁ ପ୍ରେମବିବାହ କରିଥିଲେ। ସେମାନଙ୍କର ଗୋଟିଏ ଝିଅ ଅଛି। ଆକାଶ ଦୁବାଇରେ କାମ କରୁଛନ୍ତି। ଯୌତୁକ ପାଇଁ ଶାଶୁଘର ଲୋକେ ଆରତିଙ୍କୁ ବିଭିନ୍ନ ସମୟରେ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଆସୁଥିଲା। ରବିବାର ରାତିରେ ଶାଶୁଙ୍କ ସହିତ ଆରତିଙ୍କ ଝଗଡ଼ା ହୋଇଥିଲା। ସୋମବାର ସକାଳେ ଆରତିଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦିଆଯାଇଥିବା ଅଭିଯୋଗ ହେଉଛି। ଆରତି ଚିତ୍କାର କରିବାରୁ ପଡୋଶୀମାନେ ସେଠାକୁ ଧାଇଁ ଆସି ତାଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ମେଡିକାଲ ନେଇଥିଲେ। ଖଲ୍ଲିକୋଟ ପୋଲିସ ମେଡ଼ିକାଲରେ ପହଞ୍ଚି ପଚରଉଚରା କରିଥିବା ବେଳେ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି। ଶାଶୁଘରେ କେହି ନ ଥିବା ବେଳେ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।

## ଗିରଫ ହେଲେ...

ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ରବିବାର ଓ ସୋମବାର ଦୁଇଦିନ ଧରି କ୍ରାଇମବ୍ରାଞ୍ଚର ସିଏଡବ୍ଲ୍ୟୁ ଓ ସିଡବ୍ଲ୍ୟୁର ଦୁଇଜଣିଆ ଟିମ୍ ମହାବିଦ୍ୟାଳୟରେ ପହଞ୍ଚି ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଛନ୍ତି। ଅତିରିକ୍ତ ଏସ୍‌ପି ରାଜଲକ୍ଷ୍ମୀ ନାୟକ ଓ ଡିଏସ୍‌ପି ଇମନ କଲ୍ୟାଣ ନାୟକ ରବିବାର ସନ୍ଧ୍ୟାରେ ୩ଘଣ୍ଟା ଓ ସୋମବାର ମଧ୍ୟାହ୍ନରେ ୩ ଘଣ୍ଟା ନିଲମ୍ବିତ ଅଧ୍ୟକ୍ଷ ଘୋଷ ଓ ଇଣ୍ଟରନାଲ କମିଟି ସଦସ୍ୟଙ୍କୁ ପଚରାଉଚରା କରି ଫେରିଥିଲେ। ଏହି ସମୟରେ ଅତିରିକ୍ତ ଏସ୍‌ପି ଦେବଜ୍ୟୋତି ଦାସ, ନିରଞ୍ଜନ ବେହେରା, ଡିଏସ୍‌ପି ତପସ୍ୱିନୀ କହଁର, ଆଇଆଇସି ଅଜୟ କୁମାର ମୁର୍ମୁଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ରବିବାର ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର, ଉଚ୍ଚ ଶିକ୍ଷା ଯୁଗ୍ମ ସଚିବ ମୌସୁମୀ ନାୟକ, ବିଜେବି କଲେଜ ଅଧ୍ୟକ୍ଷା ବରିଷ୍ଠ ଏକାଡେମିସିଆନ୍ ଝୁମ୍‌କି ରଥ ମହାବିଦ୍ୟାଳୟରେ ପହଞ୍ଚି ନିଲମ୍ବିତ ଅଧ୍ୟକ୍ଷ ଦିଲୀପ ଘୋଷ ଓ ଇଣ୍ଟରନାଲ କମିଟି ସଦସ୍ୟଙ୍କୁ ସାଢ଼େ ୩ଘଣ୍ଟା ଧରି ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ। ପ୍ରାଥମିକ ତଦନ୍ତର ସବିଶେଷ ତଥ୍ୟ ସଂଗ୍ରହ କରି ଭୁବନେଶ୍ୱର ଫେରିଥିଲେ।

ସୂଚନା ଯେ, ଗତ ୧୨ତାରିଖ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ଚାମ୍ବର ସମ୍ମୁଖରେ ଜଣେ ଇଣ୍ଟିଗ୍ରେଟେଡ୍ ବିଏଡ୍‌ର ଦ୍ୱିତୀୟ ବର୍ଷର ଛାତ୍ରୀ ଦେହରେ ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଥିଲେ। ସେ ବିଭାଗୀୟ ଏଚ୍‌ଓଡି ସମୀର ସାହୁଙ୍କ ଦ୍ୱାରା ମାନସିକ ନିର୍ଯାତନାର ଶିକାର ହୋଇଆସୁଥିଲେ। ପୂର୍ବରୁ ଛାତ୍ରୀ ଜଣକ ଅଭିଯୋଗ କରିଥିଲେ ଯେ, ଏଚ୍‌ଓଡି ସାହୁ ତାଙ୍କୁ ଜାଣିଶୁଣି ହଇରାଣ ହରକତ କରିବା ସହ ଖରାପ ଇଙ୍ଗିତ କରୁଛନ୍ତି। ଏନେଇ ସେ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ବି ଘଟଣାର କୌଣସି ସମାଧାନ ହୋଇ ନ ଥିଲା। ଗତ ଶନିବାର ମଧ୍ୟ ତାଙ୍କୁ ଅଧ୍ୟକ୍ଷ କକ୍ଷକୁ ଡାକି ଅଭିଯୋଗ ପ୍ରତ୍ୟାହାର କରିନେବାକୁ କହିଥିଲେ। ଯାହା ପରେ ସେ ଆତ୍ମାହୁତି ଭଳି ଚରମ ପଦକ୍ଷେପ ନେବାକୁ ବାଧ୍ୟ ହୋଇଥିଲେ। ବର୍ତ୍ତମାନ ଭୁବନେଶ୍ୱର ଏମ୍‌ସ ବର୍ନ ୱାର୍ଡ ଆଇସିୟୁରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ପୀଡ଼ିତା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅତି ସଙ୍କଟାପନ୍ନ ରହିଛି। ଘଟଣାକୁ ନେଇ ପୂରା ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଶୁକ୍ରଙ୍କ ପ୍ରଭାବରେ ଧନଲାଭ ସାଙ୍ଗକୁ ସମ୍ପର୍କୀୟଙ୍କ ଆଦର ଓ ସୌଜନ୍ୟତାରୁ ଖୁସି ରହିବେ। ଶିଳ୍ପ, ନିର୍ମାଣ, ବ୍ୟବସାୟ ଓ ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ପରିସ୍ଥିତିବଶତଃ କେତେକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ବୃଷ** — ସ୍ୱଗୃହୀ ରାଶ୍ୟାଧିପ ହେତୁ ବିବାଦରେ ମଧ୍ୟସ୍ଥତା, ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ଅଂଶଗ୍ରହଣକରି ପ୍ରଶଂସିତ ହେବେ। ସ୍ୱାସ୍ଥ୍ୟରେ ଉନ୍ନତି, ସାହିତ୍ୟ, କ୍ରୀଡ଼ା ପ୍ରଭୃତିରେ ସମସ୍ୟା ସମାଧାନ ହେବ। ଶିଳ୍ପ, ବାଣିଜ୍ୟ, ପରିବହନ, ଲେଖାପଢ଼ା ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ପରିବାରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**ମିଥୁନ** — ବୁଧାଦିତ୍ୟ ଯୋଗ ପ୍ରଭାବରୁ ଆପଣଙ୍କ କଥା ଯେମିତି କାମ ମଧ୍ୟ ଠିକ୍ ସେମିତି ରହିବ। ବହୁଦିନ ହେଲା ଅଟକି ରହିଥିବା କାମଗୁଡିକ ସୁବିଧାରେ ହୋଇଯିବ। ମାତ୍ର ସାମୟିକ ଭାବରେ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କିମ୍ବା କିଛି କରିବା ସକାଶେ ବଳାଇ କର୍ମମୁଖର ହେବେ।

**କର୍କଟ** — ଆଜି ଯାହା କହିବେ ତାହା କରି ଦେଖାଇବେ। ଶନି ପ୍ରଭାବରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ସେମିତି କିଛି ହେବନି। ବ୍ୟବସାୟ ଓ ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟିହୋଇ କାମ ସ୍ଥଗିତ ରହିଯାଇପାରେ। ସାଧାରଣ କଥାକୁ କେନ୍ଦ୍ରକରି ପାରିବାରିକ ଜୀବନରେ ବୁଝାମଣାରେ ବ୍ୟତିକ୍ରମ ସୃଷ୍ଟି ହୋଇପାରେ।

**ସିଂହ** — ପରିସ୍ଥିତିବଶତଃ ଗୁରୁତ୍ୱପୂର୍ଣ୍ଣ କାମକୁ ପଛକୁ ରଖିବା ସକାଶେ ବାଧହୋଇପାରନ୍ତି। ଋଣଭାରରେ ଅତିଷ୍ଠ ହେବା ସହ ଆର୍ଥିକ ଅନଟନ ମଧ୍ୟରେ ଅଣନିଃଶ୍ୱାସୀ ହେବେ। କିନ୍ତୁ ବାରମ୍ବାର ଚେଷ୍ଟାକରିବା କାରଣରୁ ବନ୍ଧୁଙ୍କ ନିକଟରୁ ପରିଶେଷରେ କିଛି ପାଇପାରନ୍ତି। କ୍ରୀଡ଼ା, ସାହିତ୍ୟ ଚର୍ଚ୍ଚା , ସଙ୍ଗୀତ, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ପାଇବେ।

**କନ୍ୟା** — କୌଣସି ଖଳଲୋକଙ୍କ କଥାରେ ପଡ଼ି ଭୁଲ୍ ମାର୍ଗର ଅନୁସରଣରେ ହଇରାଣ ହୋଇପାରନ୍ତି। କାମରେ ଅବହେଳା ଯୋଗୁ ଉପରିସ୍ଥ ଅଧିକାରୀଙ୍କ ରୋଷର ଶିକାର ହେବେ। ମାଲିମକଦ୍ଦମା, ତର୍କବିତର୍କ, ସଭାସମିତି, ସଙ୍ଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ। କଚେରି ମାମଲାରେ ବିଜୟ ଯୋଗ ରହିଛି।

**ତୁଳା** — କର୍ମକ୍ଷେତ୍ରରେ ବ୍ୟତିକ୍ରମ କାରଣରୁ ମାନସିକ ସ୍ଥିତି ଭଲ ରହି ନ ପାରେ। ସାମାଜିକ ସ୍ତରରେ ବନ୍ଧୁଙ୍କ ଉପରେ ରାଗି ବିଭିନ୍ନ ପ୍ରକାର କଥା କହିବା କାରଣରୁ ବିବାଦ ବଢ଼ିପାରେ। ଶିଳ୍ପ, ବାଣିଜ୍ୟ, ରାଜନୀତି, ସାହିତ୍ୟ ଓ ସାମ୍ବାଦିକତାରେ ସନ୍ତୋଷଜନକ ଫଳ ପାଇବେ। ସ୍ୱାସ୍ଥ୍ୟ ନିୟନ୍ତ୍ରଣ ଭିତରେ ରହିବା ସହ ପାରିବାରିକ ସ୍ଥିତି ପୂର୍ବପରି ରହିବ।

**ବିଛା** — ଆଜି ଚନ୍ଦ୍ରଙ୍କ କୁପ୍ରଭାବ ଏବଂ ଦୁର୍ବଳ ମଙ୍ଗଳଜନିତ ମାନସିକ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ଦ୍ରବ୍ୟ ନଷ୍ଟହେବା କାରଣରୁ ଅନ୍ୟ ଉପରେ ରାଗି ପାରନ୍ତି। ସାହିତ୍ୟ, ସାମ୍ବାଦିକତା, ସଙ୍ଗଠନ ଓ କ୍ରୀଡ଼ା,ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ।


**ଧନୁ** — କର୍ମକ୍ଷେତ୍ରରେ ବନ୍ଧୁଙ୍କୁ ପ୍ରିୟ କଥା କହି ଭୁଲ୍ ବୁଝାମଣାଜନିତ ସମସ୍ୟାକୁ ସୁଧାରିନେବେ। ପଡ଼ୋଶୀ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ଅପପ୍ରଚାର କରିପାରନ୍ତି। ଆଜିର ଯାତ୍ରା, ବ୍ୟବସାୟ ଓ ପରିବହନରୁ ଖୁସି ରହିବେ। ଦୀର୍ଘଦିନରୁ ବନ୍ଧୁଙ୍କ ନିକଟରେ ବାକି ରହିଥିବା ଟଙ୍କା ପାଇବାରେ ଅସୁବିଧା ହେବ ନାହିଁ।

**ମକର** — ପାରିବାରିକ କ୍ଷେତ୍ରରେ ମାନସିକ ଅଶାନ୍ତି କମିଯିବାରୁ ଆଂଶିକ ଆଶ୍ୱସ୍ତି ଲାଭ କରିବେ। ଅଫିସ୍ କାମରେ ପ୍ରକୃତ ଘଟଣା ନ ବୁଝି ଉପରିସ୍ଥ କର୍ମଚାରୀ କ୍ରୋଧ ପ୍ରକାଶ କରିପାରନ୍ତି। ରପ୍ତାନି କାରବାର, ନିର୍ମାଣ, ପରିବହନ, ବାଣିଜ୍ୟ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ। ସାହିତ୍ୟ କ୍ଷେତ୍ରରୁ ମଧ୍ୟ ପ୍ରଶଂସା ପାଇବେ।

**କୁମ୍ଭ** — ଆଜି ମନ ଅଶାନ୍ତ ରହିଥିବା ହେତୁ ମାନସିକ ଅସ୍ଥିରତା ଲାଗି ରହିବ। ଜଣେ ବନ୍ଧୁ ପାରିବାରିକ କ୍ଷେତ୍ରର ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କରିପାରନ୍ତି। ଜମିଜମା କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଫେରନ୍ତା ବାଟରେ ମିତ୍ରତା ସୃଷ୍ଟିକରି ସମ୍ପର୍କକୁ ଦୃଢ଼ୀଭୂତ କରିବାକୁ ଚେଷ୍ଟାକଲେ ସଫଳ ହେବେ।

**ମୀନ** — ଆଜି ଅଟକି ରହିଥିବା କାମ ସୁବିଧାରେ ସମ୍ପନ୍ନ ହେବ। କିନ୍ତୁ ଆନୁଷ୍ଠାନିକ କାମରେ ଅର୍ଥ ଓ ସମ୍ମାନ ପାଇବାରେ ଅସୁବିଧା ହେବନାହିଁ। ଅବଶ୍ୟ ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ହେତୁ ମନରେ ସରସତା ସାମୟିକ ରହି ନ ପାରେ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର, ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ସଫଳତା ହାସଲ କରିବେ।

ଆଜି ଜୁଲାଇ ୧୫ ତାରିଖ, ବିଶ୍ୱ ଯୁବକୌଶଳ ଦିବସ, ଶ୍ରାବଣ କୃଷ୍ଣ ୫ମୀ ମଙ୍ଗଳବାର। ରାଶି ନକ୍ଷତ୍ର-ପୂର୍ବ ଭାଦ୍ରପଦ/କୁମ୍ଭ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୫।୨୦ ମି. ଗତେ, ଘ.୦୬।୫ ମଧ୍ୟେ, ଘ.୦୯।୪୧ ଗତେ, ଘ.୧୨।୧୮ ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୦୮ ଗତେ, ଘ.୦୪।୪୭ ମଧ୍ୟେ ରାହୁକାଳ।




# ‘ଏଆଇ’ ନଜରରେ ରହିବ ସବୁ ‘ବ୍ଲାକସ୍ପଟ୍’

■ ଦୁର୍ଘଟଣାଗ୍ରସ୍ତଙ୍କୁ ମିଳିବ ତ୍ୱରିତ୍ ଚିକିତ୍ସା
■ ଜିରୋ କାଜୁଆଲ୍‌ଟିକୁ ପ୍ରାଥମିକତା

ଭୁବନେଶ୍ୱର,୧୪।୭ (ରବିନାରାୟଣ ଜେନା)

ରାଜ୍ୟରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (କୃତ୍ରିମ ବୁଦ୍ଧିମତ୍ତା)ର କାୟା ବିସ୍ତାର ହେବ। ପ୍ରତ୍ୟେକ ବିଭାଗ ଏଆଇ ମାଧ୍ୟମରେ ତାଙ୍କର ସରକାରୀ କାର୍ଯ୍ୟ ସମ୍ପାଦନା କରିବେ। କର୍ମଚାରୀଙ୍କ ଦକ୍ଷତା ବିକାଶଠାରୁ ଆରମ୍ଭ କରି ନଥିର ସୁରକ୍ଷା ରଖିବା ଭଳି ବିଭିନ୍ନ କ୍ଷେତ୍ରରେ ଏହାର ଉପଯୋଗ କରାଯିବ। ଏପରିକି ସଡ଼କ ଦୁର୍ଘଟଣାରେ ମଧ୍ୟ ‘ଏଆଇ’ର ସଦୁପଯୋଗ କରାଯାଇ ମୂଲ୍ୟବାନ ଜୀବନ ବଞ୍ଚାଯାଇ ପାରିବ। ରାଜ୍ୟରେ ଥିବା ୧୯୫ ଦୁର୍ଘଟଣା ପ୍ରବଣ ଅଞ୍ଚଳ(ବ୍ଲାକସ୍ପଟ୍) ଏଆଇ ନଜରରେ ରହିବ। ସେଥିମଧ୍ୟରୁ ରାଜଧାନୀ ଓ ଏହାର ଆଖପାଖ ଅଞ୍ଚଳରେ ୧୯ଟି ବ୍ଲାକସ୍ପଟ୍ ରହିଥିବାବେଳେ କଟକରେ ୨୪ଟି ବ୍ଲାକସ୍ପଟ୍ ଅଞ୍ଚଳ ରହିଛି। ଏହିସବୁ ଅଞ୍ଚଳକୁ ଏଆଇ ମାଧ୍ୟମରେ ଯୋଡ଼ାଯାଇ ଦୁର୍ଘଟଣାଗ୍ରସ୍ତ ଲୋକଙ୍କ ଜୀବନ ବଞ୍ଚାଇବାକୁ ସରକାର ଲକ୍ଷ୍ୟ ରଖିଛନ୍ତି।

ଏହାକୁ ନେଇ ଚଳିତମାସ ୭ରୁ ୧୦ତାରିଖ ପର୍ଯ୍ୟନ୍ତ ‘ଏଆଇ କାଟାଲିଷ୍ଟ’ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ସମସ୍ତ ବିଭାଗକୁ ଏହାର ସଦୁପଯୋଗ ଲାଗି ସ୍ୱତନ୍ତ୍ର ପ୍ରୋଗ୍ରାମିଂ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ସରକାରୀ ଅଫିସରମାନଙ୍କୁ ‘କୃତ୍ରିମ ବୁଦ୍ଧିମତ୍ତା’ ପ୍ରୟୋଗର ବ୍ୟବହାରିକ ଜ୍ଞାନ ସମ୍ପର୍କରେ ଅବଗତ କରାଯାଇଥିଲା। ଏହାସହିତ ନୀତିଗତ ଯୋଜନା ଓ ତା’ର ମନିଟରିଂ ନିମନ୍ତେ ଡାଟା-ପରିଚାଳିତ ନିଷ୍ପତ୍ତି ଗ୍ରହଣ, ଡିଜିଟାଲାଇଜେସନ ଓ ଡିଜିଟାଲ ଟ୍ରାନ୍ସଫର୍ମେଶନ ମଧ୍ୟରେ ଥିବା ପାର୍ଥକ୍ୟ, ବିଚାର ଅବସ୍ଥାରୁ କ୍ରିୟାନ୍ୱୟନ ଅବସ୍ଥାକୁ ଯିବାପାଇଁ ଡାଞ୍ଚା ପ୍ରସ୍ତୁତି, ଶାସନଗତ ଆହ୍ୱାନର ବିଶ୍ଳେଷଣ ତଥା ବୈଷୟିକ ସମ୍ଭାବ୍ୟତା ଓ ବିଶେଷଜ୍ଞଙ୍କ ମତାମତ ସଂଗ୍ରହ ଉପରେ ଆଲୋଚନା କରାଯାଇଥିଲା।

ଉଲ୍ଲେଖଯୋଗ୍ୟ, ଓଡ଼ିଶାରେ ଏବେ ସଡ଼କ ଦୁର୍ଘଟଣାଜନିତ ଜିରୋ କାଜୁଆଲ୍‌ଟି(ଶୂନ୍ୟମୃତ୍ୟୁ)କୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ରାଜ୍ୟରେ ଏବେ ସଡ଼କ ଦୁର୍ଘଟଣା ମୃତ୍ୟୁହାର ୪୮ ପ୍ରତିଶତ ରହିଛି। ଏହାକୁ କିଭଳି ୧୫ ପ୍ରତିଶତକୁ ହ୍ରାସ କରାଯାଇପାରିବ ତାକୁ ସରକାର ଗୁରୁତ୍ୱ ଦେଉଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ଏବେ ୫୬୩୯ଟି ଆମ୍ବୁଲାନ୍ସ ରହିଛି। ଏହାବାଦ୍ ଦୁର୍ଗମ ଅଞ୍ଚଳ ଲାଗି ବୋଟ୍ ଆମ୍ବୁଲାନ୍ସ ସେବାକୁ ତ୍ୱରାନ୍ୱିତ କରିବାପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି।

ସ୍ୱାସ୍ଥ୍ୟବିଭାଗର ତଥ୍ୟ ଅନୁଯାୟୀ, ଦୁର୍ଘଟଣାକୁ ରୋକିବା ପାଇଁ ଓଡ଼ିଶା ଦେଇ ଯାଇଥିବା ପ୍ରତ୍ୟେକ ଜାତୀୟ ରାଜପଥର ୫୦ରୁ ୧୦୦ କିଲୋମିଟର ଅନ୍ତରରେ ଟ୍ରମା କେୟାର କେନ୍ଦ୍ରଗୁଡ଼ିକୁ ଏଆଇ ସହିତ ସଂଯୋଗ କରାଯିବ, ଯାହାଫଳରେ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କୁ ତ୍ୱରିତ ଚିକିତ୍ସା ମିଳିପାରିବ। ଦୁର୍ଘଟଣା ଘଟିଲେ ୪୮ ଘଣ୍ଟା ମଧ୍ୟରେ କିଭଳି ଆହତଙ୍କୁ ସବୁ ପ୍ରକାର ଚିକିତ୍ସା ମାଗଣାରେ ଯୋଗାଇ ଦିଆଯିବ ସେନେଇ ବ୍ୟବସ୍ଥା କରାଯିବା ସହିତ ସଜାଗ ରହିବାକୁ ସତର୍କ କରାଯାଇଛି। ସବୁ ‘ରକ୍ଷକ’ଙ୍କୁ ଏସଂକ୍ରାନ୍ତରେ ବାର୍ତ୍ତା ଜରିଆରେ ଅବଗତ କରାଯିବାକୁ ପ୍ରୋଗ୍ରାମିଂ କରାଯାଉଛି। ଖୁବ୍‌ଶୀଘ୍ର ଏଆଇ ଜରିଆରେ ଏସବୁ କାର୍ଯ୍ୟ ସମ୍ପାଦନା କରାଯିବ ବୋଲି ବିଭାଗ ପକ୍ଷରୁ ଜଣାଯାଇଛି।

# ଡାକ୍ତରମାନେ ଭଗବାନଙ୍କ ପ୍ରତିନିଧି ହୋଇ ସେବା କରନ୍ତୁ: ରାଷ୍ଟ୍ରପତି

ଭୁବନେଶ୍ୱର, ୧୪।୭ (ବନ୍ଦନା ସେଠୀ)

ମା’ ଓ ଭଉଣୀମାନେ ସେବାର ପ୍ରତୀକ। ଝିଅମାନେ ଡାକ୍ତରୀ ପାଠ ପଢ଼ିଲେ ସେବା ଆହୁରି ଜୋରଦାର ଓ ଯତ୍ନଶୀଳ ହେବ। ଅନ୍ୟ କ୍ଷେତ୍ର ଭଳି ମେଡିକାଲ କ୍ଷେତ୍ରରେ ଝିଅମାନଙ୍କର ଅଧିକ ସଫଳତା ନିଶ୍ଚିତ ଭାବେ ଉତ୍ସାହଜନକ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ସୋମବାର ଏମ୍ସ ଭୁବନେଶ୍ୱରର ୫ମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ରପତି କହିଲେ, ଏମ୍ସରେ ସ୍ୱଳ୍ପ ଖର୍ଚ୍ଚରେ ଗୁଣାତ୍ମକ ଚିକିତ୍ସା ମିଳିପାରୁଛି। ଏହା କେବଳ ଦେଶବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଉନାହିଁ, ବରଂ ଅନ୍ୟ ଦେଶର ଲୋକମାନେ ମଧ୍ୟ ଚିକିତ୍ସା ପାଇଁ ଏମ୍ସ ଆସିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ଏମ୍ସର ସ୍ୱାସ୍ଥ୍ୟସେବା ଭିତ୍ତିରେ ଭାରତ ପୃଥିବୀରେ ଏକ ଅଗ୍ରଣୀ ହେଲ୍‌ଥ କେୟାର ଡେଷ୍ଟିନେଶନରେ ପରିଣତ ହୋଇଛି। ଭାରତୀୟ ସଂସ୍କୃତିରେ ସେବାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଏ। ଲୋକମାନେ ମଧ୍ୟ ଡାକ୍ତରଙ୍କୁ ଭଗବାନ୍‌ଙ୍କ ଅବତାର ବୋଲି ମାନିଥାନ୍ତି। ତେଣୁ ସମସ୍ତ ଡାକ୍ତର ଭଗବାନ୍‌ଙ୍କ ପ୍ରତିନିଧି ହୋଇ ଲୋକମାନଙ୍କ ସେବା କରିବା ଆବଶ୍ୟକ। ଡାକ୍ତର ଏକ ବୃତ୍ତି ନୁହେଁ, ବ୍ରତ। ତେଣୁ ଏହି ବ୍ରତ ଜୀବନସାରା ଜାରି ରହିବା ଆବଶ୍ୟକ ବୋଲି ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି।

ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଯୋଗଦେଇ ଏମ୍ସ ଭୁବନେଶ୍ୱରର କାର୍ଯ୍ୟଧାରାକୁ ପ୍ରଶଂସା କରି କହିଲେ, ଏହି ଜାତୀୟ ସ୍ୱାସ୍ଥ୍ୟାନୁଷ୍ଠାନ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଗ୍ରଣୀ ଭୂମିକା ନିର୍ବାହ କରୁଛି। ଏଠାରେ ସ୍ୱଳ୍ପ ଖର୍ଚ୍ଚରେ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ସବୁ ବର୍ଗର ଲୋକଙ୍କ ପାଇଁ ଉପଲବ୍ଧ ହୋଇପାରୁଛି। କୋଭିଡ୍-୧୯ ମହାମାରୀ ସମୟରେ ଏମ୍ସ ଭୁବନେଶ୍ୱର ରୋଗୀସେବା, ଭ୍ୟାକ୍ସିନ, ଟେଷ୍ଟିଂ ଏବଂ ଜନସଚେତନତା କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। ଏହି ସମାବର୍ତ୍ତନ ଉତ୍ସବ ଗର୍ବ ଓ ଗୌରବର ଦିନ ବୋଲି ରାଜ୍ୟପାଳ ମତ ରଖିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅତିଥି ଭାବେ ଯୋଗଦେଇ କହିଲେ, ଏମ୍ସ ଭୁବନେଶ୍ୱର ସେବା କ୍ଷେତ୍ରରେ ଅଗ୍ରଣୀ ଭୂମିକା ନିର୍ବାହ କରୁଛି। ସିକଲ ସେଲ୍, ଆନିମିଆ ଭଳି ରୋଗର ନିରାକରଣ ମିଶନରେ ଏମ୍ସ ଭୁବନେଶ୍ୱରକୁ ଉତ୍କର୍ଷତା କେନ୍ଦ୍ର ଭାବରେ ମାନ୍ୟତା ଦିଆଯାଇଛି। ଏଥିସହ ଏହା ଦେଶରେ ଚିକିତ୍ସା ଶିକ୍ଷା, ଗବେଷଣା ଏବଂ ସ୍ୱାସ୍ଥ୍ୟସେବାରେ ଉତ୍କର୍ଷତାର ପ୍ରତୀକ ଭାବରେ ଉଭା ହୋଇଛି। ଅଳ୍ପ ସମୟ ମଧ୍ୟରେ, ଏହା ଦେଶର ପ୍ରମୁଖ ଚିକିତ୍ସା ପ୍ରତିଷ୍ଠାନ ମଧ୍ୟରୁ ଗୋଟିଏ ହୋଇଗଲାଣି। ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଲେ, ଆପଣମାନେ କେବଳ ଶିକ୍ଷାଗତ ଜ୍ଞାନ ବହନ କରନ୍ତି ନାହିଁ, ବରଂ ଲକ୍ଷଲକ୍ଷ ଲୋକଙ୍କ ଆଶା ଏବଂ ମଙ୍ଗଳ ବହନ କରିଥାନ୍ତି। ତେଣୁ ଆପଣମାନଙ୍କ ବିଶେଷଜ୍ଞତା ଜୀବନ ରକ୍ଷା କରିବ, ଗବେଷଣା ଔଷଧକୁ ଆଗକୁ ବଢ଼ାଇବ ଏବଂ ଆପଣଙ୍କ କରୁଣା ରୋଗୀଙ୍କୁ ମାନସିକସ୍ତରରେ ସୁସ୍ଥ ତଥା ଦୃଢ଼ ହେବାକୁ ପ୍ରେରଣା ଯୋଗାଇବ ବୋଲି ମତ ରଖିଥିଲେ।

ଏହି ଅବସରରେ ଏମ୍ସର ୩୧ଜଣ ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ ମୋଟ ୫୯ଟି ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। ସେହିପରି ୬୪୩ଜଣ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ, ଏମ୍ସ ଭୁବନେଶ୍ୱରର ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ, ସଭାପତି ଡା. ଶୈଳେଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ।


ଏମ୍ସ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଣେ ଡାକ୍ତରୀ ଛାତ୍ରୀଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରୁଛନ୍ତି। ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଅନ୍ୟ ଅତିଥିମାନେ ଉପସ୍ଥିତ ଅଛନ୍ତି।

## ଏମ୍ସ ଭୁବନେଶ୍ୱରରେ ୫ମ ସମାବର୍ତ୍ତନ ଉତ୍ସବ
## ୩୧ଜଣ ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣ ପଦକ

## ପୀଡ଼ିତା ଛାତ୍ରୀଙ୍କୁ ଭେଟିଲେ ରାଷ୍ଟ୍ରପତି

ଭୁବନେଶ୍ୱର,୧୪।୭(ବନ୍ଦନା ସେଠୀ)

ଏମ୍ସ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିବା ବାଲେଶ୍ୱର ଫକୀରମୋହନ କଲେଜ ପୀଡିତାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭେଟିଛନ୍ତି। ସୋମବାର ରାଷ୍ଟ୍ରପତି ଏମ୍ସର ୫ମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷ ହେବା ପରେ ସେ ଏମ୍ସର ବର୍ଣ୍ଣ ୟୁନିଟ୍‌କୁ ଯାଇ ପୀଡିତାଙ୍କୁ ଭେଟିବା ସହ ତାଙ୍କ ପରିବାର ସଦସ୍ୟଙ୍କ ସହ କଥା ହୋଇଥିଲେ। ରାଷ୍ଟ୍ରପତିଙ୍କ ସହ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୀଡିତାଙ୍କୁ ଭେଟିଥିଲେ। ସୂଚନାଯୋଗ୍ୟ, ଗୁରୁତର ଅବସ୍ଥାରେ ପୀଡିତା ଜଣକ ଶନିବାରଠାରୁ ଏମ୍ସରେ ଚିକିତ୍ସିତ ହେଉଛନ୍ତି। ବର୍ତ୍ତମାନ ସେ ବର୍ଣ୍ଣ ୟୁନିଟ୍ ଆଇସିୟୁରେ ଭେଣ୍ଟିଲେଟର ସପୋର୍ଟରେ ଅଛନ୍ତି। ଏମ୍ସ ଦିଲ୍ଲୀ ସହାୟତାରେ ଚିକିତ୍ସା ଚାଲିଥିବାବେଳେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ସୂଚନା ମିଳିଛି।

# କାନ୍ଧରେ ବୋହି ଗର୍ଭବତୀଙ୍କୁ ନଦୀ ପାର କଲେ

## ରାସ୍ତା ନ ଥିବାରୁ ଗାଁକୁ ଆସିପାରିଲାନି ଆମ୍ବୁଲାନ୍ସ

ଛେଣ୍ଡିପଦା,୧୪।୭(ଅଜିତ୍ ଧଳ)

ଗାଁକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ପହଞ୍ଚି ପାରିଲା ନାହିଁ। ଶେଷରେ ଯନ୍ତ୍ରଣା ଭୋଗୁଥିବା ଗର୍ଭବତୀ ମହିଳାଙ୍କୁ କାନ୍ଧରେ ବୋହି ନଦୀ ପାର କଲେ ପରିବାର ଲୋକେ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ନୂଆଗାଁ ପଞ୍ଚାୟତ ଭାଲିଆସର ଗ୍ରାମରେ। ଘଟଣାରୁ ଜଣାପଡ଼ିଛି, ଭାଲିଆସର ଗ୍ରାମର ରାଜେନ୍ଦ୍ର ପ୍ରଧାନଙ୍କ ସ୍ତ୍ରୀ ମାମି ପ୍ରଧାନଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ପରିବାର ଲୋକେ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ମଧ୍ୟ ଆମ୍ବୁଲାନ୍ସ ମିଳିପାରି ନ ଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଯିବା ପାଇଁ ଆଉଁଳି ନଦୀ ବାଧକ ସାଜିଥିବାରୁ ପରିବାର ଲୋକେ ମାମିଙ୍କୁ ଖଟିଆରେ କାନ୍ଧେଇ ଉଚ୍ଛୁଳା ନଦୀରେ ବିପଦପୂର୍ଣ୍ଣ ଭାବେ ପାର କରିଥିଲେ। ପରେ ତାଙ୍କୁ ଏକ ବାଲେରୋ ଯୋଗେ ବାଗଡ଼ିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା।


ଗର୍ଭବତୀଙ୍କୁ ଖଟିଆରେ କାନ୍ଧେଇ ନଦୀ ପାର କରାଯାଉଛି।

## ବରଗଡ଼ରେ ସ୍କ୍ରବ୍ ଟାଇଫସ୍ ଆକ୍ରାନ୍ତ ଚିହ୍ନଟ

ପଦ୍ମପୁର,୧୪।୭(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲାକୁ ପୁଣି ସ୍କ୍ରବ ଟାଇଫସ ରୋଗ ଫେରିଛି। ଏଥିରେ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତ ଜଣକ ପଦ୍ମପୁର ଉପଖଣ୍ଡ ଗାଇସିଲେଟ ବ୍ଲକ ଅଞ୍ଚଳର ବୋଲି ଜଣାପଡ଼ିଛି। ଆକ୍ରାନ୍ତଙ୍କୁ ଜ୍ୱର ଲାଗି ରହିଥିଲା। ପରୀକ୍ଷା ପରେ ସେ ସ୍କ୍ରବ୍ ଟାଇଫସ୍‌ରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା। ବର୍ତ୍ତମାନ ଆକ୍ରାନ୍ତ ଜଣକ ସୁସ୍ଥ ଅଛନ୍ତି ଏବଂ ଅଧିକ ପରୀକ୍ଷା ପାଇଁ ତାଙ୍କ ରକ୍ତ ନମୁନା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି ବୋଲି ପଦ୍ମପୁର ଉପଖଣ୍ଡ ଚିକିତ୍ସା ଅଧିକାରୀ (ଏସ୍‌ଡିଏମ୍‌ଓ) ଡା. ଆଶୁତୋଷ ହୋତା କହିଛନ୍ତି।

# ପୁଅ ବିବାହ ପାଇଁ ରାଜି ନ ହେବାରୁ ବିଷ ପିଇଥିଲେ ମା’ବାପା

## ପ୍ଲାଟଫର୍ମରୁ ୨ ମୃତଦେହ ଜବତ ଘଟଣା

ବ୍ରହ୍ମପୁର/ଦିଗପହଣ୍ଡି,୧୪।୭
(ସୁବାସ ଚନ୍ଦ୍ର ପାଢ଼ୀ/ ଅଶେଷନାଥ ମିଶ୍ର)

ସରକାରୀ ରେଳବାଇ ପୋଲିସ (ଜିଆରପି) ଗତ ୧୨ ତାରିଖରେ ବ୍ରହ୍ମପୁର ଷ୍ଟେଶନ ୪ନଂ ପ୍ଲାଟଫର୍ମରୁ ଜଣେ ପୁରୁଷ ଓ ଜଣେ ମହିଳାଙ୍କ ମୃତଦେହ ଜବତ କରିଥିଲା। ସେମାନଙ୍କ ପରିଚୟ ମିଳିଛି। ମୃତକଙ୍କ ପୁଅ ଏମ. ରଞ୍ଜନ ଦୋରା ଜିଆରପି ଥାନାରେ ପହଞ୍ଚି ନିଜର ବାପା ଓ ମା’ଙ୍କୁ ଚିହ୍ନଟ କରିଛନ୍ତି। ସେମାନେ ହେଲେ ଦିଗପହଣ୍ଡି ଥାନା ଲକ୍ଷ୍ମୀନାରାୟଣପୁର ଏମ. ସୁଦର୍ଶନ ଦୋରା(୫୫) ଓ ତାଙ୍କ ସ୍ତ୍ରୀ ଏମ. କୁମାରୀ (୫୧)। ସେମାନଙ୍କ ଏକମାତ୍ର ପୁଅ ରଞ୍ଜନଙ୍କ ବିବାହ ପାଇଁ ଘର ଲୋକ ସ୍ଥିର କରିଥିଲେ। ହେଲେ ସେ ଏଥିରେ ରାଜି ହୋଇ ନ ଥିଲେ। ଫଳରେ ଉକ୍ତ ଦମ୍ପତି ମାନସିକ ଭାରସାମ୍ୟ ହରାଇ ରେଳଷ୍ଟେଶନ ଆସି ବିଷପାନ କରି ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ଭାରପ୍ରାପ୍ତ ଥାନାଧିକାରୀ ବିକାଶ ପୋଲାଇ କହିଛନ୍ତି। ଏମକେସିଜିରେ ସଂରକ୍ଷିତ ଥିବା ୨ ମୃତଦେହକୁ ପୋଲିସ ତାଙ୍କ ପୁଅଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ୪ନଂ ପ୍ଲାଟଫର୍ମ ଛତ୍ରପୁର ପଟରେ ଥିବା ଫୁଟ ଓଭରବ୍ରିଜ ତଳେ ଜଣେ ମହିଳା ଓ ଜଣେ ପୁରୁଷ ଦୀର୍ଘ ସମୟ ଧରି ପଡିରହିଥିବା ଜିଆରପି ପୋଲିସ ଖବର ପାଇଥିଲା। ସେଠାରେ ପହଞ୍ଚି ଦେଖିବା ବେଳେ ଉଭୟଙ୍କ ମୃତ୍ୟୁ ହୋଇଯାଇଥିବା ଜଣାପଡିଥିଲା। ସେମାନଙ୍କ ନିକଟରୁ ବିଷ ପାଉଚ ଜବତ ହୋଇଥିଲା।

## ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଦ୍ୱିତୀୟ ମହଲାରୁ ଡେଇଁ ରୋଗୀ ଗୁରୁତର

ବଲାଙ୍ଗୀର, ୧୪।୭ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଗନ୍ଧରେଲସ୍ଥିତ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ସୋମବାର ସକାଳେ ଏକ ଅଘଟଣ ଘଟିଥିଲା। ମେଡିକାଲ କଲେଜ କୋଠାର ଦ୍ୱିତୀୟ ମହଲାରୁ ଜଣେ ରୋଗୀ ଡେଇଁଅଳ୍ପକେ ବର୍ତ୍ତିଯାଇଛନ୍ତି। ତେବେ ସେ ଗୁରୁତର ଆହତ ହୋଇଥିବାରୁ ତାଙ୍କୁ ପୁଣି ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରି ଚିକିତ୍ସା କରାଯାଉଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଗତ ୧୨ ତାରିଖରେ ବଲାଙ୍ଗୀର ସହର ଖର୍ସେଲପଡାର ପୂର୍ଣ୍ଣଚନ୍ଦ୍ର ସାହୁ (୪୫)ଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଚିକିତ୍ସିତ ହେଉଥିଲେ। ସୋମବାର ସକାଳ ପ୍ରାୟ ୫ଟାରେ ପୂର୍ଣ୍ଣଚନ୍ଦ୍ର ହଠାତ୍ ମେଡିସିନ୍ ୱାର୍ଡରୁ ବାହାରି ଯାଇଥିଲେ। ସକାଳ ପ୍ରାୟ ସାଢ଼େ ୮ଟାରେ ସେ ହସ୍ପିଟାଲର ଦ୍ୱିତୀୟ ମହଲା ଶିଢ଼ି ନିକଟରୁ ଫାୟାର ସେଫ୍‌ଟି ପାଇଁ ବ୍ୟବହୃତ ପାଇପ୍ ଧରି ତଳକୁ ଡେଇଁପଡିଥିଲେ। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ଏହା ଜାଣିବା ପରେ ହସ୍ପିଟାଲ କର୍ମଚାରୀ ଓ ଅନ୍ୟମାନେ ତାଙ୍କୁ ସେଠାରୁ ଉଦ୍ଧାର କରି ପୁଣି ହସ୍ପିଟାଲକୁ ନେଇଥିଲେ।

# ଏମ୍‌କେସିଜିରୁ ରୋଗୀଙ୍କୁ ଘରୋଇ ନର୍ସିଂହୋମ୍ ଚାଲାଣ

■ ଚିକିତ୍ସା ଅବହେଳାରୁ ମୃତ୍ୟୁ ଅଭିଯୋଗ
■ ଡାକ୍ତରଙ୍କ ନାଁରେ ଥାନାରେ ମାମଲା ରୁଜୁ

ବ୍ରହ୍ମପୁର,୧୪।୭(ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି(ଏମ୍‌କେସିଜି) ମେଡିକାଲ କଲେଜ ଓ ହସ୍ପିଟାଲରେ ପୂର୍ବରୁ କେତେଜଣ ବ୍ୟକ୍ତି ଦଲାଲ୍ ସାଜି ରୋଗୀଙ୍କୁ ଘରୋଇ ନର୍ସିଂହୋମ ପଠାଇ ଗିରଫ ହୋଇଥିବା ନଜିର ରହିଛି। ଏବେ ଜଣେ ଡାକ୍ତର ଅଧିକ ଅର୍ଥ ଲାଳସାରେ ଜଣେ ରୋଗୀଙ୍କୁ ଘରୋଇ ନର୍ସିଂହୋମ ଚାଲାଣ କରିଥିବା ଅଭିଯୋଗ ଆସିଛି। ଘରୋଇ ନର୍ସିଂହୋମରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁ ରୋଗୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋଳନ୍ଥରା ଥାନା ଅନ୍ତର୍ଗତ ବାଘଲଟି ଗ୍ରାମର ରମେଶ ଗୌଡ଼ଙ୍କ ପୁଅ ବଳରାମ ଗୌଡ଼ (୨୮)। ଏ ନେଇ ପରିବାରବର୍ଗ ଏମ୍‌କେସିଜି କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ଘଟଣାର ଯାଞ୍ଚ କରାଯାଇ ଦୋଷୀଙ୍କୁ ଦଣ୍ଡ ପ୍ରଦାନ କରାଯିବ ବୋଲି ଡିନ୍ ତଥା ଅଧକ୍ଷ ପ୍ରଫେସର ଡା. ସୁଚିତ୍ରା ଦାଶ ଆଶ୍ୱାସନା ଦେଇଛନ୍ତି। ଅନ୍ୟପଟେ ବଳରାମଙ୍କ ଭାଇ ଜଗନ୍ନାଥ ଗୌଡ଼ ଡାକ୍ତର ଦିଲୀପ ପ୍ରଧାନଙ୍କ ନାମରେ ଅଭିଯୋଗ କରିଛନ୍ତି। ପୋଲିସ ସମ୍ପୃକ୍ତ ଡାକ୍ତରଙ୍କ ନାମରେ ନଂ.୩୫୨/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ତାଙ୍କ ମୋବାଇଲ ଫୋନ୍ ସୁଇଚ୍ ଅଫ ରହିଥିବା ପୋଲିସ କହିଛି।

ପ୍ରକାଶ ଯେ, ବଳରାମ ଗତ ୧୦ ତାରିଖରେ ବାଇକ୍ ଦୁର୍ଘଟଣାରେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଏମ୍‌କେସିଜି ମେଡିକାଲକୁ ଚିକିତ୍ସା ପାଇଁ ପଠାଇଥିଲେ। ବଳରାମଙ୍କୁ କାଜୁଆଲଟିରେ ଭର୍ତ୍ତି କରାଯାଇଥିଲା। ଦାୟିତ୍ୱରେ ଥିବା ଅସ୍ଥିଶଲ୍ୟ ବିଭାଗର ବରିଷ୍ଠ ଡାକ୍ତର ଦିଲୀପ ପ୍ରଧାନ ରୋଗୀଙ୍କ ଅବସ୍ଥା ଗୁରୁତର ଥିବା ଦର୍ଶାଇବା ସହ ଏଠାରେ ସବୁ ସୁବିଧା ଉପଲବ୍ଧ ନ ଥିବା ପରିବାର ଲୋକଙ୍କୁ କହିଥିଲେ। ଗୋଇଲୁଣ୍ଡିରେ ଥିବା ଘରୋଇ ହସ୍ପିଟାଲକୁ ନେଇ ସେଠାରେ ଚିକିତ୍ସା କରାଗଲେ ମାତ୍ର ୨ ଦିନରେ ରୋଗୀ ସୁସ୍ଥ ହୋଇଯିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ତେଣୁ ପରିବାର ଲୋକେ ଡାକ୍ତରଙ୍କ ପରାମର୍ଶକ୍ରମେ ବଳରାମଙ୍କୁ ଉକ୍ତ ଘରୋଇ ଡାକ୍ତରଖାନାକୁ ନେଇଥିଲେ। ୧୩ ତାରିଖରେ ବଳରାମଙ୍କ ଅସ୍ତ୍ରୋପଚାର ପାଇଁ ନିଷ୍ପତ୍ତି ହେଲା। ତାଙ୍କୁ ଓଟିକୁ ନେଇ ଚିକିତ୍ସା ଆରମ୍ଭ କରାଯାଇଥିଲା। କିଛି ସମୟ ପରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଦର୍ଶାଇ ଭୁବନେଶ୍ୱର ନେବାକୁ କୁହାଗଲା। ବଳରାମଙ୍କୁ ଦେଖିବାକୁ ପରିବାର ଲୋକଙ୍କୁ ଛଡାଯାଇ ନ ଥିଲା। ଆମ୍ବୁଲାନ୍ସରେ ତାଙ୍କୁ ଭୁବନେଶ୍ୱର ନେବା ବେଳେ ପାଖରେ ଥିବା ସ୍ୱାସ୍ଥ୍ୟକର୍ମୀ ବଳରାମଙ୍କୁ ମୃତ ଘୋଷଣା କରିଥିଲେ। ଏପରି ସନ୍ଦେହଜନକ ମୃତ୍ୟୁକୁ ନେଇ ପରିବାର ଲୋକ ସୋମବାର ମେଡିକାଲରେ ପହଞ୍ଚି କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା, ଯେଉଁ ଡାକ୍ତରଙ୍କ ବିରୋଧରେ ଅଭିଯୋଗ ଆସିଛି ସେ କୌଣସି ସୂଚନା ନ ଦେଇ ଡାକ୍ତରଖାନାରେ ଅନୁପସ୍ଥିତ ଅଛନ୍ତି। ଏହି ଘଟଣା ପରେ ବୈଦ୍ୟନାଥପୁର ଥାନାରେ ପରିବାର ଲୋକେ ଏତଲା ଦେଇଛନ୍ତି। ଅନ୍ୟପଟେ ଏମକେସିଜି ଡିନ୍ ଡା. ଦାଶ କହିଛନ୍ତି, ସମସ୍ତ ଦିଗକୁ ନେଇ ତଦନ୍ତ କରାଯିବ, ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ. ଅଭିଯୋଗ ବିଷୟରେ ଅବଗତ ଥିବା କହିବା ସହ ସବିଶେଷ ବିବରଣୀ ଯାଞ୍ଚ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



ମୃତକଙ୍କ ପରିବାର ଲୋକେ ଏମ୍‌କେସିଜି ଡିନ୍‌ଙ୍କୁ ଭେଟି ଡାକ୍ତରଙ୍କ ବିରୋଧରେ ଅଭିଯୋଗ କରୁଛନ୍ତି।

# ପୁଣି ୧୨ ଘର ଭାଙ୍ଗିଲା ହାତୀ

ଚମ୍ପୁଆ, ୧୪।୭ (ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜରେ ହାତୀ ଉପଦ୍ରବ ଲୋକଙ୍କ ନିଦ ହଜାଇଦେଇଛି। ନିୟମିତ ହାତୀପଲ ଘର ଭାଙ୍ଗିବା ସହ ଫସଲ ଉଜାଡୁଛନ୍ତି। କିଛି ଆଦିବାସୀ ପରିବାର ରାତିସାରା ଅନିଦ୍ରା ରହି ହାତୀ ଜଗୁଛନ୍ତି। ରବିବାର ରାତିରେ ହାତୀପଲ ପୁଣି ଚମ୍ପୁଆ ବନାଞ୍ଚଳ ବଡ଼ନଈ ପଞ୍ଚାୟତରେ ପ୍ରାୟ ୧୨ରୁ ଊର୍ଦ୍ଧ୍ୱ ଆଦିବାସୀଙ୍କ ଘର ଭାଙ୍ଗିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଶୁକ୍ରବାର ପତଳା ଗ୍ରାମର କେଦାର ପାତ୍ର, ଯୁଧିଷ୍ଠିର ପାତ୍ର, ବରଣ୍ଡଧର ପାତ୍ର, ରେବତୀ କାଳନ୍ଦୀ, ମଙ୍ଗୁଲୁ ପାତ୍ର, ସନାତନ ପାତ୍ର ଓ ବୁଦୁନି ନାଏକଙ୍କ ଘରକୁ ଭାଙ୍ଗି ସମ୍ପୂର୍ଣ୍ଣ ନଷ୍ଟ କରିଦେଇଥିଲେ। ରବିବାର ରାତିରେ ବଡ଼ନଈ ପଞ୍ଚାୟତର ଧୁଡ଼ାସାହିର ମୀନା ମୁଣ୍ଡା, ବୁଦୁନି ମୁଣ୍ଡା, ସନ ମୁଣ୍ଡା, ଡାକ୍ତର ମୁଣ୍ଡା, ଖଲନା ସେଠୀ, ପଇଡ ମୁଣ୍ଡାଙ୍କ ସମେତ ବହୁ ଲୋକଙ୍କର ଘର ଭାଙ୍ଗିବା ସହ ଧାନ, ଚାଉଳ ଖାଇଯାଇଛନ୍ତି। ହାତୀ ଆସିଲେ ଘରକୁ ବଞ୍ଚାଇବେ ନା ପରିବାରକୁ ସୁରକ୍ଷା ଦେବେ ସେ ନେଇ ଚମ୍ପୁଆ ସେକ୍ସନର ବଡ଼ନଈ ପଞ୍ଚାୟତର ଗମ୍ଭାରିଆ, ସାନନଈ, ବରାବାଡ଼ିଆ, ଧୁଡ଼ା ସାହି, ରଜିଆ ପଞ୍ଚାୟତର ପତଳା ଆଦି ଗ୍ରାମବାସୀ ଚିନ୍ତାରେ ପଡ଼ିଯାଉଛନ୍ତି। ଚମ୍ପୁଆ ସେକ୍ସନରୁ ହାତୀସ୍କ୍ୱାଡ୍ ଆଣି ନିୟୋଜିତ କରାଯାଇଥିଲେ ମଧ୍ୟ ଘଉଡ଼ାଇବାରେ ସଫଳ ହୋଇପାରୁନାହିଁ।



ଯଦି ମା ଭଗବତୀଙ୍କ କରୁଣା ଓ ଅଭୟ ତୁମ ସଙ୍ଗେ ରହିଛି ତେବେ ଆଉ ଏପରି କ'ଣ ରହିଛି- ଯାହା ତୁମକୁ ସ୍ପର୍ଶ କରିପାରିବ ? ଆଉ କାହାକୁ ବା ତୁମେ ଭୟ କରିବ ? ଏହି କୃପାରୁ ଅଚ୍ଛ ବିଶ୍ୱ ମଧ୍ୟ ତୁମକୁ ସକଳ ବାଧା ବିପତ୍ତି ଓ ସଂକଟରୁ ପାରିକରିଦେବ। -ଶ୍ରୀଅରବିନ୍ଦ

-ମନସା ପଞ୍ଚମୀ ଓ ଶରଣ ଶେଷ



# ଯେଉଁମାନେ ଡେଉଁଥିଲେ

ବିହାର ବିଧାନସଭା ନିର୍ବାଚନ ଚଳିତବର୍ଷ ନଭେମ୍ବରରେ ହେବାର ଅଛି। ତା' ପୂର୍ବରୁ ସେଉଁ ପ୍ରସଙ୍ଗଟି ଏବେ ଦେଶବ୍ୟାପୀ ଏକ ବିତର୍କର ବିଷୟ ପାଲଟିଛି, ତା' ହେଲା ଭୋଟର ତାଲିକାର ସ୍ପେଶାଲ ଇଣ୍ଟେନ୍ସିଭ୍ ରିଭିଜନ ବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)। ଭୋଟର ତାଲିକାରେ ଥିବା ଅଯୋଗ୍ୟ ଭୋଟରଙ୍କ ନାମ ହଟାଇବା ପାଇଁ ଭାରତର ନିର୍ବାଚନ କମିଶନ (ଇସିଆଇ) ଜୁନ୍ ୨୪ରେ ଏସ୍ଆଇଆର୍ ସଂକ୍ରାନ୍ତରେ ବିଜ୍ଞପ୍ତି ପ୍ରକାଶ କରିଥିଲେ। ପାଖାପାଖି ୮ କୋଟି ଭୋଟରଙ୍କୁ ଯାଞ୍ଚ କରିବା ଲାଗି ବୁଥ୍ ଲେଭଲ ଅଫିସର (ବିଏଲ୍ଓ)ଙ୍କୁ ଘରକୁ ଘର ଯାଇ କାର୍ଯ୍ୟ କରିବା ଲାଗି କମିଶନ ନିର୍ଦ୍ଦେଶନାମା ଜାରି କରିଥିଲେ। ଜୁଲାଇ ୨୬ ଯାଏ ସଂଶୋଧନ ଅଭିଯାନ ଜାରି ରହି ସେପ୍ଟେମ୍ବର ୩୦ ସୁଦ୍ଧା ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ହେଲେ ଏ ସଂକ୍ରାନ୍ତରେ ନିର୍ଦ୍ଦେଶନାମା ଜାରୀ ହେବାଠାରୁ ବିରୋଧୀ ଦଳଗୁଡ଼ିକ ନିର୍ବାଚନ କମିଶନଙ୍କ ପଦକ୍ଷେପକୁ ସମାଲୋଚନା କରି ଆସୁଛନ୍ତି। ସେମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି ଯେ, ଶାସକ ଦଳକୁ ସୁହାଇଲା ଭଳି ଭୋଟର ତାଲିକା ପ୍ରସ୍ତୁତ କରିବା ସକାଶେ ନିର୍ବାଚନ କମିଶନଙ୍କୁ ବ୍ୟବହାର କରାଯାଉଛି। ଅନ୍ୟପକ୍ଷରେ ଅଯୋଗ୍ୟ ଭୋଟରଙ୍କୁ ହଟାଇବା ପାଇଁ ନିର୍ବାଚନ କମିଶନ ତାଙ୍କ ରୁଟିନ୍ କାର୍ଯ୍ୟ କରୁଛନ୍ତି ବୋଲି ଶାସକ ଦଳ ପକ୍ଷରୁ କୁହାଯାଉଛି। ଏଥିସହିତ ୧୩ ଜୁଲାଇରେ ନିର୍ବାଚନ କମିଶନ କହିଛନ୍ତି, ଭୋଟର ତାଲିକାରେ ନେପାଳ, ବାଂଲାଦେଶ ଓ ମ୍ୟାନ୍ମାରର ଲୋକେ ନାଗରିକଙ୍କ ନାମ ବେଆଇନ ଭାବେ ସାମିଲ ହୋଇଥିବାରୁ ତାହାକୁ ଯାଞ୍ଚ ପରେ ତାଲିକାରୁ ବାଦ୍ ଦିଆଯିବ।

ସମ୍ବିଧାନର ଅନୁଚ୍ଛେଦ ୩୨୪ ଅନୁଯାୟୀ ସଂସଦ ଓ ରାଜ୍ୟ ବିଧାନସଭା ପାଇଁ ନିର୍ବାଚନ କମିଶନ ଭୋଟର ତାଲିକା ପ୍ରସ୍ତୁତ କରିଆସନ୍ତି। ସେହିପରି ଅନୁଚ୍ଛେଦ ୩୨୬ରେ ଉଲ୍ଲେଖ ରହିଛି ଯେ, ୧୮ ବର୍ଷ ବୟସରେ ପହଞ୍ଚିଥିବା ପ୍ରତ୍ୟେକ ନାଗରିକ ଭୋଟର ହୋଇପାରିବେ। ଜନପ୍ରତିନିଧି ଆଇନ ୧୯୫୦ର ଧାରା ୨୧ ଅନୁଯାୟୀ ଭୋଟର ତାଲିକାର ପ୍ରସ୍ତୁତି ଓ ସଂଶୋଧନର ବ୍ୟବସ୍ଥା ରହିଛି। ଏହା ଯେକୌଣସି ସମୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ କରିବା ଲାଗି ନିର୍ବାଚନ କମିଶନଙ୍କୁ ଅନୁମତି ଦେଉଛି। କିନ୍ତୁ ଯେଉଁ ସମୟରେ ବିହାରରେ ସ୍ୱତନ୍ତ୍ର ସଂଶୋଧନ ଲାଗି କାର୍ଯ୍ୟ ଆରମ୍ଭ ହୋଇଛି, ସେହି ସମୟକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୦୩ରେ ଶେଷ ଥର ପାଇଁ ବିହାରରେ ଏସ୍ଆଇଆର୍ ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ କରାଯାଉଥିବା ଏସ୍ଆଇଆର୍‌ରେ ପ୍ରତ୍ୟେକ ଭୋଟର ତାଙ୍କ ନିର୍ଦ୍ଦିଷ୍ଟ ବିଏଲ୍ଓଙ୍କ ନିକଟରେ ଏନୁମେରେଶନ ଫର୍ମ ବା ଗଣନା ଫର୍ମ ଦାଖଲ କରିବେ। ୨୦୦୩ ଏସ୍ଆଇଆର୍ ଅନୁଯାୟୀ ଯେଉଁମାନଙ୍କ ନାମ ଭୋଟର ତାଲିକାରେ ପଞ୍ଜୀକୃତ ହୋଇଥିବ, ସେମାନଙ୍କ ପାଇଁ ଜାନୁଆରୀ ୨୦୦୩ରେ ପ୍ରସ୍ତୁତ ଭୋଟର ତାଲିକା ପର୍ଯ୍ୟାପ୍ତ ରହିବ। ଏହା ପରେ ଯେଉଁମାନଙ୍କ ନାମ ଭୋଟର ତାଲିକାରେ ପଞ୍ଜୀକୃତ ହୋଇଥିବ, ସେମାନଙ୍କ ବାପା ଓ ମାଆଙ୍କ ଜନ୍ମ ତାରିଖ, ଜନ୍ମସ୍ଥାନ ସମ୍ବନ୍ଧୀୟ ପ୍ରମାଣପତ୍ର ଦାଖଲ କରିବା ବାଧ୍ୟତାମୂଳକ। ୨୫ ଜୁନ୍‌ରୁ ୨୬ ଜୁଲାଇ ମଧ୍ୟରେ ଡିଜିଟାଲ କିମ୍ବା ଅନ୍ୟ କୌଣସି ବୈଷୟିକ ସହାୟତା ବିନା କାଗଜ ପ୍ରମାଣ ଦାଖଲ କରିବା ଲାଗି କୁହାଯାଉଛି।

ଇସିଆଇଙ୍କ ତରଫରୁ ୧୧ଟି ଦଲିଲ ଯଥା- ଜନ୍ମ ପ୍ରମାଣପତ୍ର, ସ୍ଥାୟୀ ବାସସ୍ଥାନ ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର, ପାସ୍‌ପୋର୍ଟ, ମାଟ୍ରିକ ବା ତଦୂର୍ଦ୍ଧ୍ୱ ଶିକ୍ଷାଗତ ପ୍ରମାଣପତ୍ର, ଜମିଜମା ସଂକ୍ରାନ୍ତ ଦସ୍ତାବିଜ, ଜଙ୍ଗଲ ଅଧିକାର ପ୍ରମାଣପତ୍ର, ପେନ୍‌ସନ୍ ପାଇବା ଲାଗି ସରକାରୀ ପରିଚୟପତ୍ର, ଆବଶ୍ୟକ କ୍ଷେତ୍ରରେ ଏନ୍ଆରସି ପ୍ରମାଣପତ୍ର, ସ୍ଥାନୀୟ ଅଧିକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପରିବାର ପଞ୍ଜୀକରଣ ଏବଂ ୧୯୮୭ ପୂର୍ବରୁ ସରକାର କିମ୍ବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଦ୍ୱାରା ପ୍ରଦାନ କରାଯାଇଥିବା ପରିଚୟପତ୍ରକୁ ବୈଧ ପ୍ରମାଣପତ୍ର ଭାବେ ସ୍ୱୀକାରଯୋଗ୍ୟ ହେବ ବୋଲି କୁହାଯାଇଛି। ହେଲେ ପୂରୁଣା ଭୋଟର ପରିଚୟପତ୍ର, ରାଶନକାର୍ଡ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆଧାର କାର୍ଡକୁ ସ୍ୱୀକାର କରିବେ ନାହିଁ ବୋଲି ନିର୍ବାଚନ କମିଶନ ସ୍ପଷ୍ଟ ଭାବେ କହାଇ ଦେଇଛନ୍ତି। ସମସ୍ୟା ହେଉଛି ଯେ ବିହାରର ଅନେକ ଜିଲାରେ ସଂଖ୍ୟାଲଘୁ ସମ୍ପ୍ରଦାୟର ସଂଖ୍ୟା ଯଥେଷ୍ଟ ଅଧିକ ବୋଲି କଳାଯାଉଛି। ବିଶେଷକରି ସେହିସବୁ ଜିଲାରେ ୧୦୦ ପ୍ରତିଶତରୁ ଊର୍ଦ୍ଧ୍ୱ ଆଧାର ପରିଚୟପତ୍ର ଜାରି କରାଯାଇଥିବା ହେତୁ କେନ୍ଦ୍ର ସରକାରଙ୍କ ଚିନ୍ତା ପଶିଛି। ବିହାର ଏବଂ ଦିଲ୍ଲୀରେ ଶାସନ କରୁଥିବା ଦଳ ପାଇଁ ସଂଖ୍ୟାଲଘୁଙ୍କ ସମର୍ଥନ ରହି ନ ଥିବା ହେତୁ ବିହାରର କେତେକ ଜିଲାରେ ଶାସକ ଦଳ ଜିତିବା ଅସମ୍ଭବ ହୋଇପାରେ। ଅନ୍ୟପଟେ ଆଧାରକୁ ସବୁ ଅନ୍ୟ ଦଳିଲର କେନ୍ଦ୍ରବିନ୍ଦୁ କରିଦେଇଥିବା କେନ୍ଦ୍ର ସରକାର ନିଜ ଗାତରେ ନିଜେ ପଡ଼ିଯାଉଛନ୍ତି। ଆଧାର ବ୍ୟବସ୍ଥାକୁ ମୁଖ୍ୟତଃ ସରକାରୀ ଜନକଲ୍ୟାଣକାରୀ ଯୋଜନାର ହିତାଧିକାରୀମାନଙ୍କ ବ୍ୟବହାର ପାଇଁ ପ୍ରାଥମିକ ସ୍ତରରେ ଉଦ୍ଦିଷ୍ଟ ଥିଲା। ଏହି ବ୍ୟବସ୍ଥାକୁ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ କେନ୍ଦ୍ରର ଭାଜପା ସରକାର ତାହାକୁ ଅତି କଡ଼ାକଡ଼ି ଭାବେ ଲାଗୁ କଲେ। ୨୦୧୭ ମସିହାରୁ ନାଗରିକଙ୍କ ଉପରେ ଚାପ ପକାଇ କେବଳ ଆଧାର ସଂଯୋଗ କାର୍ଯ୍ୟରେ ସମଗ୍ର ଦେଶକୁ ବ୍ୟସ୍ତ ରଖିଲେ। ମୋବାଇଲ୍ ସିମ୍‌କାର୍ଡ କିଣିବାଠାରୁ ଆରମ୍ଭ କରି ବ୍ୟାଙ୍କ ଆକାଉଣ୍ଟ ଖୋଲିବା, ରେଜଗାରିରେ ତତ୍କାଳ ଟିକେଟ କିଣିବା ପର୍ଯ୍ୟନ୍ତ ସବୁ କାର୍ଯ୍ୟରେ ଆଧାରକୁ ବାଧ୍ୟତାମୂଳକ କଲେ। ନବଜାତ ଶିଶୁଙ୍କ ପାଇଁ ଆଧାର କରାଗଲା ଏବଂ ସେହି ପରିଚୟପତ୍ର ବିନା ପିଲାଙ୍କୁ ସ୍କୁଲରେ ନାମଲେଖାଇବା ସମ୍ଭବପର ହେଲା ନାହିଁ। ଅର୍ଥାତ୍ ଆଧାରକୁ ଶତପ୍ରତିଶତ ତ୍ରୁଟିଶୂନ୍ୟ ଭାବି ଦେଶବାସୀଙ୍କୁ ଦୌଡ଼ାଇଥିବା ସରକାର ଏବେ ବୁଝୁଛନ୍ତି ଯେ ଭାରତରେ ସାଧାରଣ ନାଗରିକଙ୍କ ଚତୁରତାଠାରୁ କୌଣସି ବ୍ୟବସ୍ଥା ଊର୍ଦ୍ଧ୍ୱକୁ ଯାଇପାରିବ ନାହିଁ। ବିହାର ଘଟଣାରେ ଅଣଶାସକ ଦଳଗୁଡ଼ିକ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲେ। କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ ଭାବେ କୌଣସି ନିର୍ଦ୍ଦେଶ ଦେବା ପରିବର୍ତ୍ତେ କହିଲେ ଯେ, ନିର୍ବାଚନ କମିଶନ ଆଧାର, ରାଶନ କାର୍ଡ ସମ୍ପର୍କରେ ବିଚାର କରିବା ଉଚିତ ହେବ। ଏହା କେବଳ ପରାମର୍ଶରେ ରହିଗଲା, ନିର୍ଦ୍ଦେଶ ଭାବେ ନିଆଯିବ ବୋଲି ବିଶ୍ୱାସ ହେଉନାହିଁ। ରାଜନୈତିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଆଧାରକୁ ମୂଳ ପରିଚୟପତ୍ର ଭାବେ ନିଆଯିବା ଉଚିତ ନୁହେଁ। ନିର୍ବାଚନ କମିଶନଙ୍କ ନିଷ୍ପତ୍ତିକୁ ଖୁସି ହେବେ ନାହିଁ। ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ବିରୋଧୀଙ୍କ ଦାବି ହେଉଛି ଆଧାର ଓ ରାଶନ କାର୍ଡକୁ ସ୍ୱୀକାର କରାଯାଉ। ନିର୍ବାଚନ କମିଶନ ଏବଂ କେନ୍ଦ୍ର ସରକାର ଏବେ ଚିନ୍ତିତ ରହିବା ପାଇଁ ଆଧାରକୁ ଅସ୍ୱୀକାର କରୁଛନ୍ତି। ଏକ ଅବଗତ କାର୍ଯ୍ୟକ୍ରମ ଭାବେ ଆଧାରର ଗୁରୁତ୍ୱ ହୁଏତ ଏବେ ହ୍ରାସ ପାଇବାର ସମ୍ଭାବନା ସୃଷ୍ଟି ହୋଇଛି। ଯେଉଁମାନେ ଆଧାର ପାଇଁ ବେଶି ଦୌଡ଼ୁଥିଲେ ସେଇମାନେ ଏବେ ଆଧାରକୁ ଅକାମୀ କରିବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛନ୍ତି।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 8 | 5 |
| | | 9 | 6 | | 4 | | | |
| | | | | 3 | | 2 | | |
| | | | | | | | | |
| 5 | 6 | | | | 8 | | | |
| | | | | 4 | 2 | | | 1 |
| | 1 | | 2 | | | 3 | 5 | |
| | | 6 | | | | | 4 | |
| | | 3 | | | 7 | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 2 | 5 | 9 | 4 | 7 | 1 | 6 |
| 5 | 4 | 7 | 6 | 2 | 1 | 8 | 3 | 9 |
| 1 | 9 | 6 | 3 | 8 | 7 | 5 | 4 | 2 |
| 4 | 7 | 3 | 2 | 1 | 6 | 9 | 5 | 8 |
| 2 | 6 | 1 | 9 | 5 | 8 | 4 | 7 | 3 |
| 9 | 5 | 8 | 7 | 4 | 3 | 6 | 2 | 1 |
| 8 | 2 | 5 | 4 | 3 | 9 | 1 | 6 | 7 |
| 6 | 3 | 9 | 1 | 7 | 5 | 2 | 8 | 4 |
| 7 | 1 | 4 | 8 | 6 | 2 | 3 | 9 | 5 |

ଗତକାଲିର ଉତ୍ତର

# ଯୁଦ୍ଧ ଓ ସାମ୍ୟବାଦ



ନିରାକାର ଦାସ

ସାରା ବିଶ୍ୱ ବର୍ତ୍ତମାନ ଯୁଦ୍ଧର ଆତଙ୍କ, ଉଗ୍ରବାଦର ଭୟ ଏବଂ ଜଳବାୟୁ ସଙ୍କଟରେ ଜର୍ଜରିତ। ଜନସାଧାରଣଙ୍କ ଧନଜୀବନ ବିପର୍ଯ୍ୟସ୍ତ। କେଉଁ ଦେଶରେ ଦାରିଦ୍ର୍ୟର କଷାଘାତରେ ସାଧାରଣ ମଣିଷ ମୁମୂର୍ଷୁ ଅବସ୍ଥାରେ ବଞ୍ଚୁଛି ତ କେଉଁ ଦେଶରେ ଉଗ୍ରବାଦ, ଅଶିକ୍ଷା, ଜାତି, ଧର୍ମ, ବର୍ଣ୍ଣକୁ ନେଇ ସୃଷ୍ଟ ସଙ୍କଟରେ ମଣିଷ ଦୟନୀୟ ଅବସ୍ଥାରେ କାଳାତିପାତ କରୁଛି ଏବଂ କେଉଁଠି ବେଶ ଯୁଦ୍ଧରେ ଲିପ୍ତ। ଏହିସବୁ ସଙ୍କଟକୁ ଦୂରେଇବାକୁ ଓ ଦେଶଗୁଡ଼ିକ ମଧ୍ୟରେ ଭାଇଚାରା ରକ୍ଷା କରିବାକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୨୪ ଅକ୍ଟୋବର ୧୯୪୫ରେ ଜାତିସଂଘ ଗଠନ ହେଲା। ତଥାପି ଯେଉଁ ସଙ୍କଟକୁ ସେଇ ସଙ୍କଟ। ସାମ୍ରାଜ୍ୟବାଦୀ ଶକ୍ତିମାନଙ୍କର ଦାଦାଗିରି ଓ ଏକଛତ୍ରବାଦୀ ନୀତି ବିଶ୍ୱ ଶାନ୍ତି ପ୍ରକ୍ରିୟାକୁ ଧୂଳିସାତ୍ କରୁଛି। ଏଥି ନିମନ୍ତେ ସମସ୍ତ ବୁଦ୍ଧିଜୀବୀ ଏବଂ ଜନନାୟକମାନେ ବିଚଳିତ ଓ ମର୍ମାହତ। ସମସ୍ତଙ୍କ ମୁହଁରେ ଗୋଟିଏ ପ୍ରଶ୍ନ ଏ ବିଶ୍ୱ ସୁରକ୍ଷିତ ରହିବ କେମିତି ? କେମିତି ଏ ସଙ୍କଟରୁ ପୃଥିବୀ ଉଦ୍ଧାର ପାଇବ ? ବିଶ୍ୱ ଅସୁରକ୍ଷିତ ରହିବାର ପାଞ୍ଚଟି କାରଣ ଭାବେ ଯୁଦ୍ଧ, ଧର୍ମାନ୍ଧତା, ପରିବେଶ ପ୍ରଦୂଷଣ, ସାମ୍ପ୍ରଦାୟିକତା ଓ ଦାରିଦ୍ର୍ୟକୁ ଗଣାଯାଇପାରେ। ସବୁଠୁ ପ୍ରମୁଖ କାରଣ ହେଉଛି 'ଯୁଦ୍ଧ' ଓ 'ପରମାଣୁ ବୋମା ସଙ୍କଟ'।

୧୯୩୯ରୁ ୧୯୪୫ ମସିହା ପର୍ଯ୍ୟନ୍ତ ଦ୍ୱିତୀୟ ବିଶ୍ୱଯୁଦ୍ଧର ଭୟଙ୍କର ରୂପ ଓ ମଣିଷର ହତ୍ୟା ମାନବ ସଭ୍ୟତାକୁ ଦୋହଲାଇ ଦେଇଥିଲା। ଜାପାନର ହିରୋସିମା ଓ ନାଗାସାକିରେ ଆମେରିକା ପକେଇଥିବା ପରମାଣୁ ବୋମାର ଆତଙ୍କ ଏବେ ବି ମଣିଷ ଭୁଲିପାରୁନି। ହିଟଲରଙ୍କ ଭଳି ଏକଛତ୍ରବାଦୀ ଓ ସାମ୍ରାଜ୍ୟବାଦୀ ଶାସକଙ୍କୁ ସୋଭିଏଟ୍ ରୁଷିଆର ଲାଲ୍‌ବାହିନୀର ବୀରତ୍ୱ ଓ ପରାକ୍ରମ ବିନାଶ କରିପାରିଥିଲା। ପୁଞ୍ଜିବାଦୀ ସାମ୍ରାଜ୍ୟବାଦ ବିରୋଧରେ ସୋଭିଏଟ୍ ରୁଷିଆ ଭଳି ସମାଜବାଦୀ ରାଷ୍ଟ୍ର ଶକ୍ତ ଲୌହଦଣ୍ଡ ଭଳି ଦଣ୍ଡାୟମାନ ହେଲା। ୟୁରୋପର ବହୁଦେଶରେ ସମାଜବାଦ ପ୍ରତିଷ୍ଠା ହେଲା, ଯାହାଫଳରେ ବିଶ୍ୱର ଏକ ନୂଆ ସମୀକରଣ ସୃଷ୍ଟି ହେଲା। ସାମ୍ରାଜ୍ୟବାଦୀ ରାଷ୍ଟ୍ରମାନଙ୍କ ଭିତରେ କମ୍ପନ ସୃଷ୍ଟି ହେଲା। ଏକଛତ୍ରବାଦ ବନ୍ଦ ହେଲା। ଏହାସହ ବିଶ୍ୱରେ ସନ୍ତୁଳନ ରକ୍ଷା ହେଲା ଏବଂ ଯୁଦ୍ଧର ଭୟ କମିଲା। ଏହାର ଏକ ଉଦାହରଣ ଏଠାରେ ପ୍ରଦାନ କରାଯାଇପାରେ। ୧୯୭୧ ମସିହା ଭାରତ-ପାକିସ୍ତାନ ଯୁଦ୍ଧ ସମୟରେ ଭାରତକୁ ପରାଜିତ କରିବାକୁ ପାକିସ୍ତାନ ଅନୁରୋଧରେ ଯୁକ୍ତରାଷ୍ଟ୍ର ଆମେରିକା ତା'ର ନୌସେନାର ସର୍ବାଧିକ କ୍ଷମତାଶାଳୀ ସେଭେନ୍ଥ




ଫ୍ଲିଟ୍‌ର ଟାସ୍କଫୋର୍ସ-୭୪କୁ ବଙ୍ଗୋପସାଗରରେ ପ୍ରବେଶ କରାଇଲା ଏବଂ ସେହିପରି ଆମେରିକାର ବନ୍ଧୁରାଷ୍ଟ୍ର ତଥା ସାମ୍ରାଜ୍ୟବାଦୀ ଚରିତ୍ରର ଦେଶ ସଂଯୁକ୍ତ ରାଜ୍ୟ ଗ୍ରେଟ୍ ବ୍ରିଟେନ୍ ତା'ର ସର୍ବୋଚ୍ଚ କ୍ଷମତାଶାଳୀ ଏୟାରକ୍ରାଫ୍ଟ କ୍ୟାରିଅର୍ ଏଚ୍ଏମ୍ଏସ୍ ଇଗଲକୁ ଆରବ ସାଗରରେ ଛାଡ଼ିଲା। ଭାରତକୁ ଚିମଟରୁ ଘେରିବାକୁ ଯୁକ୍ତରାଷ୍ଟ୍ର ଆମେରିକାର ଥିଲା ସୁଚିନ୍ତିତ ଯୋଜନା। ଭାରତ ତୁରନ୍ତ ସୋଭିଏଟ୍ ଋଷିଆକୁ ସାହାଯ୍ୟ ପାଇଁ ଅନୁରୋଧ କରାଗଲା। ରୁଷିଆ ତତ୍କାଳ ସାହାଯ୍ୟର ହାତବଢ଼ାଇ ରୁଷିଆନ୍ ଫ୍ଲିଟ୍ ଯାହା ପରମାଣୁ ଅସ୍ତ୍ର ଧ୍ୱଂସକାରୀ ଏବଂ ମିଶାଇଲ୍ ସୁସଜ୍ଜିତ ଯୁଦ୍ଧପୋତ ପଠାଇଲା। ଆମେରିକା ଓ ଗ୍ରେଟ୍ ବ୍ରିଟେନ୍ ଯୁଦ୍ଧପୋତକୁ ଏମିତି ଘେରିଦେଲା ସେମାନେ ବାଧ୍ୟ ହୋଇ ନିଜ ନିଜ ଦେଶକୁ ଫେରିଯାଇଥିଲେ। ତା'ପରେ ପାକିସ୍ତାନ ପରାଜୟ ସ୍ୱୀକାର କରିବା ସଙ୍ଗେ ସଙ୍ଗେ ସ୍ୱାଧୀନ ବାଂଲାଦେଶ ଗଠନ ହେଲା। ଯଦି ରୁଷିଆର ଏପରି କ୍ଷମତା ନ ଥାନ୍ତା ତେବେ ଅନୁମାନ କରନ୍ତୁ ଭାରତର ଅବସ୍ଥା କ'ଣ ହୋଇଥାଆନ୍ତା ! ଏହିପରି କୋରିଆ ଯୁଦ୍ଧ, କ୍ୟୁବା ଯୁଦ୍ଧ, ସୁଏଜ ସଙ୍କଟ, ହଙ୍ଗେରୀ ସଙ୍କଟ ଇତ୍ୟାଦି ସହ ଆମେରିକାର ଉଦଣ୍ଡତା ଓ ପଶ୍ଚିମ ଦେଶ ସମୂହର ଉଗ୍ରଯୁଦ୍ଧପ୍ରବଣତାକୁ ରୋକିବାରେ ସୋଭିଏଟ୍ ରୁଷିଆର ଉଦ୍ୟମ ସର୍ବବିଦିତ। ଏହି ସାମ୍ରାଜ୍ୟବାଦୀ ଓ ପୁଞ୍ଜିବାଦୀ ଦେଶସମୂହ ରୁଷିଆ ପରି ସମାଜତାନ୍ତ୍ରିକ ଦେଶର ଶକ୍ତିରେ ଖୁବ୍ ଭୟଭୀତ ହୋଇପଡ଼ିଥିଲେ। ସିଧା ଯୁଦ୍ଧରେ ରୁଷିଆକୁ ପରାଜିତ କରିପାରିବେ ନାହିଁ ହୃଦୟଙ୍ଗମ କଲା ପରେ ସେମାନେ ରୁଷିଆର ସାମ୍ୟବାଦକୁ ଧ୍ୱଂସବିଧ୍ୱଂସ କରିବାକୁ ବିଭିନ୍ନ କୂଟନୀତି ପ୍ରୟୋଗ କଲେ ଏବଂ ସୋଭିଏଟ ରୁଷିଆକୁ ଖଣ୍ଡବିଖଣ୍ଡିତ କରିବାକୁ ସକ୍ଷମ ହେଲେ। ଏବେ ଆମେରିକାର ଶିଳ୍ପପତିମାନେ ସାରା ସଂସାରକୁ ପ୍ରଭାବିତ କରି ତାଙ୍କର ବ୍ୟବସାୟିକ ବଜାର ଖୋଜିବାରେ ବ୍ୟସ୍ତ ଏବଂ ମିଛ ଜାତୀୟତାବାଦ ସୃଷ୍ଟି କରି ସାରା ବିଶ୍ୱକୁ ନିଜ ଇସାରାରେ ନଚେଇବାକୁ ସାମ୍ରାଜ୍ୟବାଦୀ ଆମେରିକା ତତ୍ପର। ଏହାର ସଦ୍ୟ ଉଦାହରଣ ନେଦରଲାଣ୍ଡର ହେଗ୍ ସହରରେ ଶେଷ ହୋଇଥିବା 'ନାଟୋ' ସମ୍ମିଳନୀ। ଏଥିରେ ସବୁ ସଦସ୍ୟ ରାଷ୍ଟ୍ର ତା'ର ଜିଡିପିର ୫ ପ୍ରତିଶତ ପ୍ରତିରକ୍ଷା ଖର୍ଚ୍ଚ ବଢ଼ାଇବାକୁ ପ୍ରସ୍ତାବ ରଖିଛି ଏବଂ ଏକପ୍ରକାର ବାଧ୍ୟ କରିଛି ଆମେରିକା। ବହୁ ରାଷ୍ଟ୍ର ଏହାକୁ ବିରୋଧ କରିଛନ୍ତି। ସେହିପରି ଏବେ ଆମେରିକାର ଆଇନ ପ୍ରଣେତାମାନେ ସିନେଟ୍‌ରେ 'ଶାଙ୍କସନିଂ ରୁଷିଆ ଆକ୍ଟ - ୨୦୨୫' ନାମରେ ଏକ ନୂଆ ବିଲ୍ ଆଗତ କରିଛନ୍ତି। ଉକ୍ତ ବିଧେୟକ ଅନୁଯାୟୀ ରୁଷିଆ ସହ ୟୁରାନିୟମ୍ ଓ ପେଟ୍ରୋଲିୟମ୍ ସାମଗ୍ରୀ କାରବାରରେ ସମ୍ପୃକ୍ତ ଥିବା ଦେଶଗୁଡ଼ିକରୁ ଆମେରିକା ରପ୍ତାନି କରୁଥିବା ସମସ୍ତ ସାମଗ୍ରୀ ଓ ସେବା ଉପରେ ଶୁଳ୍କ ପରିମାଣକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୫୦୦% ପର୍ଯ୍ୟନ୍ତ ବଢ଼ାଇପାରିବେ। ବର୍ତ୍ତମାନ ଭାରତକୁ ସର୍ବାଧିକ ତୈଳ ଯୋଗାଉଥିବା ଦେଶ ହେଉଛି ରୁଷିଆ। ଜୁନ୍‌ରେ ଭାରତ ରୁଷିଆଠାରୁ ଦୈନିକ ୨ରୁ ୨.୨ ନିୟୁତ ବ୍ୟାରେଲ୍ ତୈଳ ଆମଦାନୀ କରିଛି, ଯାହାକି ଗତ ୨ ବର୍ଷରେ ସର୍ବାଧିକ। ଭାରତୀୟ ସାମଗ୍ରୀ ଉପରେ ଅତ୍ୟଧିକ ଟାରିଫ୍ ଲଗାଇପାରେ ଆମେରିକା। ଏହି ଦୁଇଟି ଉଦାହରଣରୁ ଅନୁମାନ କରାଯାଉ, ଆମେରିକା ବଜାର ବୃଦ୍ଧି ପାଇଁ କେତେ ବ୍ୟଗ୍ର ଏବଂ ଯେଉଁଥିପାଇଁ କିଛ ବୁଦ୍ଧିଠାରୁ ଯୁଦ୍ଧ ପର୍ଯ୍ୟନ୍ତ ସବୁ ଲାଗୁ କରିପାରିବ। ଏହା ଆମେରିକାର ଏକଚାଟିଆ ଗୁଣର ପରିପ୍ରକାଶ ନୁହେଁ କି ?

ପରମାଣୁ ବୋମା ଗଚ୍ଛିତ କରିପାରିବ ବୋଲି ଇରାନ୍,ଏହା ଏକ ବାହ୍ୟ ଧମକ। ବାସ୍ତବରେ ସାରା ଦୁନିଆକୁ ନିଜ ଅଙ୍ଗୁଳି ଆରରେ ରଖିବା ମୂଳ ଉଦ୍ଦେଶ୍ୟ। ଏବେ ପାଶ୍ଚାତ୍ୟର କେତେକ ଖଳନାୟକ ଦେଶ ବିଶ୍ୱକୁ ଯୁଦ୍ଧର ସଙ୍କଟ ଭିତରକୁ ଠେଲି ନେଉଛନ୍ତି। ତଥାପି ସେମାନଙ୍କୁ ଉଚିତ ଶିକ୍ଷା ଶିଖେଇବାକୁ ରୁଷିଆ, ଚାଇନା ଆଦି ଦେଶ ଅଛନ୍ତି। କିନ୍ତୁ ଦୁଃଖ ଯେ ଏହି ଦୁଇଟି ଦେଶ ଆଉ ପ୍ରକୃତ ସମାଜବାଦ କି ସାମ୍ୟବାଦ ରାସ୍ତାରେ ନାହାନ୍ତି। ତଥାପି ଯେହେତୁ ଏମାନଙ୍କର ମୂଳଦୁଆ ସମାଜବାଦ ତେଣୁ ଏମାନଙ୍କ ପ୍ରତିଟି ପଦକ୍ଷେପ ହୁଏତ ବିଶ୍ୱ ପାଇଁ କଲ୍ୟାଣକାରୀ ହୋଇପାରେ। ସାମ୍ୟବାଦ ଯୁଦ୍ଧ ଚାହେଁନା, ଶାନ୍ତି ଚାହେଁ। ସାମ୍ୟବାଦୀ ରାଷ୍ଟ୍ରରେ ପୁଞ୍ଜିପତିଙ୍କ ପ୍ରଭାବ ନଥାଏ, ତେଣୁ ତାଙ୍କର ମନଇଚ୍ଛା ମୁନାଫା ଆବଶ୍ୟକ ପଡ଼େନା। କେବଳ ଶାନ୍ତି ପାଇଁ ଏବଂ ଦୁଷ୍ଟ ଶକ୍ତିଙ୍କ ଦମନ ପାଇଁ ସାମ୍ୟବାଦୀ ବା ସମାଜବାଦୀ ରାଷ୍ଟ୍ରମାନେ ନିଜ ନିଜର ପ୍ରତିରକ୍ଷା ଶକ୍ତିବୃଦ୍ଧି କରିଥାନ୍ତି। ଏବେ ବିଶ୍ୱଶାନ୍ତି ପାଇଁ ଏବଂ ପୁଞ୍ଜିବାଦୀ ସାମ୍ରାଜ୍ୟବାଦୀ ରାଷ୍ଟ୍ରଙ୍କର ଯୁଦ୍ଧ ପ୍ରବଣତାକୁ ରୋକିବା ପାଇଁ ସାମ୍ୟବାଦୀ ବା ସମାଜବାଦୀ ତଥା ଭାରତ ଭଳି ରାଷ୍ଟ୍ରମାନେ ଏକଜୁଟ ହେବାର ସମୟ ଆସିଛି। ବିଶ୍ୱର ସମସ୍ତ ଶାନ୍ତିପ୍ରିୟ ରାଷ୍ଟ୍ର ଏକଜୁଟ ହୋଇ 'ସାମ୍ରାଜ୍ୟବାଦୀ ଓ ଉଗ୍ରବାଦୀ ବିରୋଧୀ ରାଷ୍ଟ୍ର ସମୂହ ସଂଘ' ଗଠନ କରିବା ବିଧେୟ।

ଏସ୍‌ବିଟି ଇଣ୍ଡସ୍ ଭ୍ୟାଲି, ରଘୁନାଥପୁର, ଭୁବନେଶ୍ୱର
ମୋ: ୯୪୩୭୦୧୩୧୩୯

# ବଦଳା ଯାଉଛି ଭାବନା



ଭଗବାନ ଦାଶ

ଶାସନରେ ଶାସକର ଛାପ ରହେ। ଏଇ ଯେପରି ଆମ ଦେଶରେ ପ୍ରଥମେ କଂଗ୍ରେସ ସରକାର ହେଲା ପରେ ଲୋକମାନେ ଦି'ଓଳି ଦି'ମୁଠା କିପରି ଖାଇ ପିଇ ବଞ୍ଚିବେ, ଶିଳ୍ପାୟନ ବା କୃଷି କାର୍ଯ୍ୟ କିପରି କରାଯିବ, ଶ୍ରମିକଙ୍କୁ କିପରି କାମ ମିଳିବ ଇତ୍ୟାଦି ସର୍ବନିମ୍ନ ଭାବନା ଜନତାଙ୍କ ପାଇଁ ସରକାରଙ୍କ ମନରେ ରହୁଥିଲା। କୃଷି, ଜଳସେଚନକୁ ଆଖି ଆଗରେ ରଖି ନଦୀବନ୍ଧ ଯୋଜନା କରାଯାଉଥିଲା। ବେକାରି ସମସ୍ୟା ସମାଧାନର ଚିନ୍ତା ଥିଲା ସରକାରଙ୍କର। ଏହି ଦୀର୍ଘବର୍ଷ ଶାସନ ପରେ ମଧ୍ୟ ସେଥିରେ ଆଖିଦୃଶିଆ ପରିବର୍ତ୍ତନ ହେଉ ନ ଥିଲା। ଅବଶ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ, ଗମନାଗମନ, ବିଦ୍ୟୁତୀକରଣ ଇତ୍ୟାଦିର କିଛିଟା ଉନ୍ନତି ହୋଇଥିଲା। ଏ ସବୁ ତ ସରକାରୀ କଳର ଜନାଭିମୁଖୀ କାର୍ଯ୍ୟକ୍ରମ। ଯେଉଁ ସରକାର ଆଉଳା କାହିଁକି ଏ ପ୍ରକାର ସମସ୍ୟା ପ୍ରତି ନିଶ୍ଚିତ ଧ୍ୟାନ ଦେବା କାରଣ ଏହା ଜନତାଙ୍କର ସର୍ବନିମ୍ନ ଆବଶ୍ୟକତା ଭିତରେ ରହୁଛି। ସର୍ବନିମ୍ନ ଆବଶ୍ୟକତା ପୂରଣ କରିବା ହିଁ ଜନାଭିମୁଖୀ ସରକାରଙ୍କ ପ୍ରାଥମିକତା। ଆଉ ଆମ ଦେଶର ଶାସନ ପଦ୍ଧତି ଗଣତନ୍ତ୍ର। ଲୋକ ଚାହିଁଲେ ସରକାର ବଦଳାଇ ପାରିବେ। ଲୋକଙ୍କର ଚିନ୍ତାଧାରେ, ସରକାର କିପରି ରୋଜଗାର ଯୋଗାଇଦେବ, ଦି'ଓଳି ଦି'ମୁଠା ଖାଇବାକୁ ମିଳିବ। ଆଗରୁ ବଢ଼ିବା ବା ପିଲାଙ୍କୁ ଗଢ଼ିବା ଚିନ୍ତା ଥିଲେ ମଧ୍ୟ ତାହା ଅପ୍ରକାଶ୍ୟ ରହୁଥାଏ। ଆଉ ଦେଶ ବାହାର ବା ଭିତର ସୁରକ୍ଷା ଥାଏ ସରକାରଙ୍କର ପ୍ରାଥମିକତା ଭିତରେ।

ପୂର୍ବ ଶାସନରେ ସନ୍ତୁଷ୍ଟ ନ ଥିବାରୁ ଶାସନ ବଦଳିଲା। ସୁଶାସନର ନାରା, ଶାନ୍ତି ପ୍ରତିଷ୍ଠାର ବାଣୀ, ବାର୍ଷିକ ବହୁ ଲୋକଙ୍କୁ ରୋଜଗାର ଦେବାର ପ୍ରତିଶ୍ରୁତି ଏବଂ ଏତେ କଳାଟଙ୍କା ଉଦ୍ଧାର ସହ ଲୋକଙ୍କୁ ସେହି ଟଙ୍କାରୁ ଲକ୍ଷ ଲକ୍ଷ ଟଙ୍କା ଫେରାଇ ଦେବା ଥିଲା ଆଧାର। ଏ ସବୁ କାର୍ଯ୍ୟକାରୀ ହେଲେ ଲୋକେ ଉପକୃତ ହେବେ ଭାବି ସରକାରକୁ ବଦଳାଇ ଲାଗିଦେଲେ। ପାଞ୍ଚ ବର୍ଷ ନୁହେଁ। ଦଶ ବର୍ଷ ବି ନୁହେଁ। ଆହୁରି ପାଞ୍ଚବର୍ଷ ପାଇଁ ଯାହା ଦେଖାଯାଏ,ସରକାର ନିଜର ଅଧିକ ସ୍ଥାୟିତ୍ୱ ପାଇଁ ଦରକାର ହେଉଥିବା ବେକାରି ଦୂରୀକରଣ, ଦରଦାମ ନିୟନ୍ତ୍ରଣ ଏ ସବୁକୁ ଅପହଞ୍ଚ ଭାବି ଅନ୍ୟ ନୀତି ଆପଣେଇବାକୁ ଚେଷ୍ଟିତ ରହୁଛନ୍ତି। ଜନସଂଖ୍ୟା ବୃଦ୍ଧି ଯୋଗୁ ଆମ ଦେଶର ଆୟ ବଣ୍ଟନ ବିଭକ୍ତ ହେଉଛି। ଯୁବଶକ୍ତି ଚାକିରି ନ ପାଇ ହତାଶ ହେଉଛନ୍ତି। ଜିନିଷ ଦର ଅତ୍ୟଧିକ ବଢ଼ିଛି। ଦରଦାମ ବଢ଼ିଚାଲିଥିଲେ ବି ଠିକ୍ ସୂଚକାଙ୍କ ପ୍ରକାଶ କରାଯାଉଛି କି ନାହିଁ ତାହା ପ୍ରତ୍ୟେକ ଅନୁଭବ କରୁଥିବେ। ସୂଚକାଙ୍କ କମ୍ପ୍ୟୁଟରାଇଜେଶନ ଯୁଗରେ ଶୀଘ୍ର ପ୍ରକାଶ ପାଇବା ସ୍ଥଳରେ ନିର୍ଦ୍ଧାରିତ ସମୟଠାରୁ ବେଶ୍ କିଛିଦିନ ପରେ ପ୍ରକାଶିତ ହେବା ସନ୍ଦେହ ଆଣୁଛି। କିନ୍ତୁ ଆମ ସ୍ୱାର୍ଥାନ୍ୱେଷୀଙ୍କ ଲୋକମାନଙ୍କ ଗଣସ୍ମୃତି ହ୍ରାସ ପାଇବା ସହ ବିଳମ୍ବଜନିତ ସରକାରୀ ବିବୃତି କେତେ ନକଲରେ ଆସୁନି। ପୂର୍ବ ସରକାରର ଅବହେଳା ଏ ସରକାରର ଅବହେଳାକୁ ଏଡ଼ାଇ ଯିବାରେ ଦର୍ଶାଯାଉଛି। ପ୍ରଗତିର ଧାରା ଯେ କେହି ସରକାର ରହିଲେ ଯେ ବଢ଼ିବ ଏହା ନିଃସନ୍ଦେହ। ନଚେତ୍ ଜନତା ସରକାର ବଦଳାଇଦେବେ। ପ୍ରଗତି ଅନିବାର୍ଯ୍ୟ।



ଗଣତନ୍ତ୍ର ଦେଶରେ ଦରବୃଦ୍ଧିରେ ଆନ୍ଦୋଳନ ହେବା ସ୍ୱାଭାବିକ। କିନ୍ତୁ ବିଚିତ୍ର ଏ ଦେଶ। ଦର ବୃଦ୍ଧି ହେଉଛି, ବେକାରି ବଢ଼ୁଛି ତଥାପି କାହାର ସ୍ୱର ବାହାରୁ ନାହିଁ। ବିରୋଧୀ ଦଳ ବି କରାଯାଉ। ସରକାରୀ ହେଉ କି ବିରୋଧୀ ସମସ୍ତେ ବାହାରକୁ ଅଲଗା ହେଲେ ମଧ୍ୟ ଭିତରେ ଏକ ଥିଲା ପରି ମନେହୁଏ। ଦାୟିତ୍ୱନ ଧରି ଇପିଏଫ୍ ପେନ୍‌ସନ୍ ବଢ଼ୁନି। ସେହି ଏକହଜାର ଟଙ୍କା। ଅଥଚ ବାର୍ଦ୍ଧକ୍ୟ ପ୍ରୋତ୍ସାହନ ଭତ୍ତା ତା' ଠାରୁ ଢେର ଅଧିକ ଏଇ ସରକାର ଦେଉଛନ୍ତି। ତା'ହେଲେ କ'ଣ ଆମେ କହିପାରିବା ଷାଠିଏ ବର୍ଷ ପର୍ଯ୍ୟନ୍ତ କାମକରି ଅବସର ନେଇଥିବା ବ୍ୟକ୍ତିଙ୍କ ପ୍ରତି ନ୍ୟାୟ ହେଉଛି। ପେନ୍‌ସନରେ ପାତରଅନ୍ତର। ଷାଠିଏ ବର୍ଷ ପରେ ସମସ୍ତେ ତ ସରକାରଙ୍କ ଦୃଷ୍ଟିରେ ସମାନ ହେବା କଥା। କାହାକୁ ଲକ୍ଷ ଲକ୍ଷ ଟଙ୍କା ପେନ୍‌ସନ ମିଳୁଥିବା ବେଳେ କାହାକୁ ମାତ୍ର ଏକ ହଜାର ଟଙ୍କା। ଧନ୍ୟରେ ସରକାର ବିଚାର। ଇଏ ପୁଣି ଆମ ଜନତାର ଓ ଜନତା ପାଇଁ ସରକାର। କିନ୍ତୁ ଯଦି ନିର୍ବାଚିତ ପ୍ରତିନିଧିଙ୍କର ଭତ୍ତା ବୃଦ୍ଧି ପ୍ରସ୍ତାବ ଆସେ ତାହା ପାସ୍ ହେବାରେ ବିଳମ୍ବ ହୁଏନି। ସରକାର ଆଉ ବିରୋଧୀ ଦଳ ଏକ ହୋଇଯାନ୍ତି। ପାଞ୍ଚ ବର୍ଷରେ ସେମାନଙ୍କର ପେନ୍‌ସନ୍, ଆଉ ଅନ୍ୟର ଏବେ ପଚିଶ ବର୍ଷରେ। ତାରତମ୍ୟ ପ୍ରତ୍ୟେକ କ୍ଷେତ୍ରରେ।

କହି ଜାଣିଲେ କଥା ସୁନ୍ଦର। ବେକାର ପିଲାଟିଏ ତା' ଚାକିରି କଥା ନ ଭାବି ଜାତିଗତ ଭାବରେ ନିଜର ବିଚାରକୁ ଉଗ୍ର କରୁଛି। ଏହି କୁତ୍ସିତ ଭାବନା, ଶାସନରେ ଦାୟିତ୍ୱନ ଦିଆଯିବା ଜମି ରହିଥିବା ସରକାର ଲୋକଙ୍କୁ କଳୁଷିତ କରି ଜାତି ଭ୍ରାତୃତ୍ୱ ଭାବର ବିଲୋପ ପାଇଁ ନୁହେଁ ତ। ଆମେ ପରା ବିଶ୍ୱଗୁରୁ ହେଉଛେ। ତେବେ ବିଶ୍ୱର କଲ୍ୟାଣ ଚିନ୍ତା କରିବା ଆମର କର୍ତ୍ତବ୍ୟରେ ଆସୁନି କାହିଁକି ? ଆମର ବିଚାର ପରା, ସର୍ବେ ଭବନ୍ତୁ ସୁଖିନଃ, ତେବେ ଜାତି ଭେଦଭାବ ଆସିବ କେଉଁଠୁ। ଗୁରୁଙ୍କର ସମସ୍ତେ ଶିଷ୍ୟ। ଜାତି ଆସିଲା କେଉଁଠୁ। ଜାତି ତ ରୋଟିଏ ଶିକ୍ଷା। ବିଚାର ବଦଳୁ। ମନରେ ଧର୍ମଜନିତ ବିଦ୍ୱେଷ ଭାବ ସୃଷ୍ଟିକରି ଉଗ୍ରେଇବା ରଖି ସ୍ୱାର୍ଥ ଆଦାୟ କରା ନ ଯାଉ। ସରକାର ସଜିକର, ସମସ୍ତଙ୍କୁ ପ୍ରାଧାନ୍ୟ ଦେଉ। ସହାବସ୍ଥାନ ନୀତି ବଞ୍ଚୁ। ବସୁଧୈବ କୁଟୁମ୍ବକମ୍ କଥାରେ ସୀମିତ ନ ରହି କାର୍ଯ୍ୟରେ ପରିଲକ୍ଷିତ ହେଉ। ସମ୍ବିଧାନର ମୂଳତତ୍ତ୍ୱ ବଜାୟ ରହୁ। ଦେଶବାସୀଙ୍କର ବିକାଶ ହିଁ ଦେଶର ବିକାଶ। ସେଇ ଲକ୍ଷ୍ୟ ରଖି ଏବେଠାରୁ ଦୁରଦର୍ଶୀ ଶକ୍ତଚାଳକର ବିକଶିତ ଭାରତ ପାଇଁ ଯେଉଁ ପ୍ରସ୍ତୁତି ଚାଲିଛି, ସେଥିରେ ଆନୁପାତିକ ପ୍ରତି ପଞ୍ଚବାର୍ଷିକ ଯୋଜନା କ୍ରମରେ ବୃଦ୍ଧି ପ୍ରତି ସମୀକ୍ଷାଜନିତ ତୀକ୍ଷ୍ଣ ଦୃଷ୍ଟି ଦିଆଯାଉ। ସ୍ୱାଧୀନତାର ଶହେ ବର୍ଷ ପୂର୍ବରୁ ଭାରତ ଉନ୍ନତ ଶୃଙ୍ଖଳିତ ଭାବରେ ସମସ୍ତ ଭାରତୀୟଙ୍କୁ ନେଇ ପାଳିତ ହେଉ। ଏ ଦେଶ ସମସ୍ତ ଭାରତୀୟଙ୍କର। ଯେଶ ବିକାଶଶୀଳରୁ ବିକଶିତ ରାଷ୍ଟ୍ରରେ ପରିଣତ ହେଉ। ବେକାରି ଲୋପପାଉ। ସମସ୍ତ ଯୁବଶକ୍ତି ରୋଜଗାରକ୍ଷମ ହୁଅନ୍ତୁ। ଭାରତ ଆଦର୍ଶ ହେଉ। ଅରାଜକତା ଲୋପହେଉ। ସରକାରଙ୍କର ମହତ ଆକାଂକ୍ଷା ପୂରଣ ହେଉ।

ଗୁଣ୍ଡିଚା ବିହାର, ପୁରୀ
ମୋ: ୮୨୪୯୦୮୨୪୦୦

## ଏଇ ଭାରତରେ

ଛତିଶଗଡ଼ର ମହିଳା ଚାଷୀ ସମୀକ୍ଷା ଚନ୍ଦ୍ରକର ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ସେ ଏମ୍‌ବିଏ ପାସ୍ କରି ପୁଣେର ଏକ କମ୍ପାନୀରେ ଚାକିରି କରିଥିଲେ। ତାହାକୁ ଛାଡ଼ି ରାୟପୁରର ଚାରୁଡ଼ିହା ଗାଁକୁ ଫେରି ୨୦୨୧ରେ ଚାଷ ଆରମ୍ଭ କରିଥିଲେ। ସେ କେବଳ ପନିପରିବା ଚାଷ କରୁଛନ୍ତି ଓ ବର୍ଷକୁ ୧.୫ କୋଟି ଟଙ୍କା ରୋଜଗାର କରୁଛନ୍ତି। ସମୀକ୍ଷା ଟମାଟୋ ଚାଷ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ୨୦ ଏକରରେ ସେ ଏହି ଚାଷ କରୁଛନ୍ତି। ପ୍ରଥମେ ସେ ଟମାଟୋ ଚାଷ ଆରମ୍ଭ କରିଥିଲେ ଓ ଏକର ପିଛା ୫୦ ଟନ ଟମାଟୋ ଉତ୍ପାଦନ କରିଥିଲେ ଏବଂ ଏବେ ଏହା ୫୫ ଟନରେ ପହଞ୍ଚିଛି। ସେ ୨୦୨୩-୨୪ ବର୍ଷରେ ୧.୫ କୋଟିରୁ ଅଧିକ ଟଙ୍କାର ପନିପରିବା ବିକ୍ରି କରିଥିଲେ। ଉତ୍ପାଦକୁ ସେ ରାୟପୁର, ପାଟନା, କୋଲକାତା, ନ୍ୟୁଦିଲ୍ଲୀ, ବେଙ୍ଗାଲୁରୁ ଆଦି ସହର ମଣ୍ଡିକୁ ବିକ୍ରି ପାଇଁ ପଠାଉଛନ୍ତି। ଟମାଟୋ ବ୍ୟତୀତ କାକୁଡ଼ି, ଲାଉ ଓ ବାଇଗଣ ଚାଷ କରୁଛନ୍ତି। ସମୀକ୍ଷାଙ୍କ ବାପା ଓ ଭାଇ ତାଙ୍କୁ ଚାଷରେ ସହଯୋଗ କରୁଛନ୍ତି। ଚଳିତବର୍ଷ ସେ ଆଉ ୧୫ ଏକର ଅଧିକ ଚାଷ କରିବାକୁ ଯୋଜନା କରିଛନ୍ତି। ଚାଷ କାର୍ଯ୍ୟରେ ସେ ୧୨୦ ଲୋକଙ୍କୁ ନିଯୁକ୍ତ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୫ ଜୁଲାଇ ୧୯୭୬

- ଭାରତୀୟ ଲୋକ ଦଳରୁ କଳାହାଣ୍ଡି ଏମ୍‌ପି ପ୍ରତାପ କେଶରୀ ଦେଓଙ୍କ ଇସ୍ତଫା ପ୍ରଦାନ।
- ମୟୂରଭଞ୍ଜର ଆଦିବାସୀ ଅଧ୍ୟୁଷିତ ନଳଗଡ଼ା ଗ୍ରାମରେ କେନ୍ଦ୍ର ପେଟ୍ରୋଲିୟମ ଓ ରସାୟନ ଉପମନ୍ତ୍ରୀ ଜିତେନ୍ଦ୍ର ପ୍ରସାଦ ମାଝୀ ଏକ ନୂତନ କଲେଜ ଉଦ୍‌ଘାଟନ କରିଛନ୍ତି।
- ବିହାର ରାଜ୍ୟକୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ୩୩୩.୫୭ କୋଟି ଟଙ୍କା ର ବୃହତ୍ ଯୋଜନାକୁ ବିହାର ସରକାର କାର୍ଯ୍ୟକାରୀ କରିବାକୁ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଜଗନ୍ନାଥ ମିଶ୍ର ପ୍ରକାଶ କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଅଜଣା ସ୍ୱାସ୍ଥ୍ୟ ସମସ୍ୟା

ମହାଶୟ,

ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଅନୁଯାୟୀ, ଦେଶର ୩୦-୪୦% ମହିଳାଙ୍କ ମଧ୍ୟରେ ପିସିଓଡି (ପଲିସିଷ୍ଟିକ ଓଭାରିଆନ ଡିଜ୍)ର ସମାନ୍ୟ କିମ୍ବା ଗୁରୁତର ଲକ୍ଷଣ ଦେଖାଯାଉଛି। ଗତ କିଛି ବର୍ଷରେ ଗଞ୍ଜାମ, କଟକ, ଭୁବନେଶ୍ୱର ଓ ସମ୍ବଲପୁର ଅଞ୍ଚଳରେ କଲେଜ ଛାତ୍ରୀ ଓ ଯୁବତୀମାନଙ୍କ ମଧ୍ୟରେ ଏହି ରୋଗ ଅଧିକ ମାତ୍ରାରେ ଦେଖାଯାଉଛି। ଡାକ୍ତରଙ୍କ ମତ ଅନୁଯାୟୀ, ଅନେକ ଯୁବତୀ ଏହି ରୋଗ ଥିବା ସତ୍ତ୍ୱେ ଏଥିରେ ଲଜ୍ଜା କରିଥାନ୍ତି, ଡାକ୍ତରଙ୍କ ପାଖକୁ ଯିବାକୁ ବା ମାନସିକ ଭାବେ ମାନିବାକୁ ଭୟ କରନ୍ତି। ଏହା ଗର୍ଭଧାରଣରେ ଅସୁବିଧା ସୃଷ୍ଟି କରିବା ସହ ହର୍ମୋନାଲ ଅସନ୍ତୁଳନ, ହୃଦ୍‌ରୋଗ ଓ ଡାଇବେଟିସ୍ ପର୍ଯ୍ୟନ୍ତ ପହଞ୍ଚିଥାଏ। ଗ୍ରାମାଞ୍ଚଳର ମହିଳାମାନେ ଏହି ରୋଗରେ ଅଧିକ ଆକ୍ରାନ୍ତ ହେଉଛନ୍ତି। କିନ୍ତୁ ସଚେତନତା ଓ ଚିକିତ୍ସା ଅଭାବରୁ ଅନେକ ମାନସିକ ଓ ଶାରୀରିକ ଦୁଃଖ ଭୋଗୁଛନ୍ତି। ସମାଧାନ ଅଛି, କେବଳ ସଚେତନ ହେବାର ଅଛି। ସନ୍ତୁଳିତ ଆହାର, ନିୟମିତ ବ୍ୟାୟାମ, ମାନସିକ ସ୍ୱାସ୍ଥ୍ୟ ଦିଗରେ ଧ୍ୟାନ ଦେଲେ ଏବଂ ଠିକ୍ ସମୟରେ ଡାକ୍ତରୀ ପରାମର୍ଶ ଗ୍ରହଣ କଲେ ଏହି ରୋଗକୁ ନିୟନ୍ତ୍ରଣ କରାଯିବା ସମ୍ଭବ।

-ଜିତେନ୍ଦ୍ର ଦାସ, ଗୋପବନ୍ଧୁ ପାଠାଗାର, କେନ୍ଦ୍ରାପଡ଼ା

## ଚିରନ୍ତନୀ

ଚଳ ଚଳ ଚିତ୍ରୋତ୍ପଳା ହସ ହସ ମୁଖ
ତରଳ ଅନ୍ତରେ ତୋର ନଚାଇ ମୟୂଖ,
ନୀଳ ହେଲା ତୋର ଜଳ
ଧୋଇ ସେ କାହା କୁନ୍ତଳ ?
ସେ ମୋର ପ୍ରେୟସୀ ମୋର ଚିର ଦୁଃଖସୁଖ।
-(ଚିତ୍ରୋତ୍ପଳା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭାଜପା-ଆରଏସ୍‌ଏସ୍ ଦୋଷୀଙ୍କୁ ସୁରକ୍ଷା ଦେଉଛନ୍ତି: ଅଲକା

## ପ୍ରଧାନମନ୍ତ୍ରୀ ନିରବତା ଭାଙ୍ଗନ୍ତୁ: ସୋଫିଆ

ଭୁବନେଶ୍ୱର,୧୪।୭(ରବିନାରାୟଣ ଜେନା)

ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଏବଂ ଯୌନ ନିର୍ଯାତନା ମାମଲାକୁ ନେଇ ଜାତୀୟସ୍ତରରେ କଂଗ୍ରେସ ଭାଜପା ଏବଂ ଆର୍‌ଏସ୍‌ଏସ୍‌କୁ ଟାର୍ଗେଟ କରିଛି। ସୋମବାର ନୂଆଦିଲ୍ଲୀସ୍ଥିତ ଏଆଇସିସି ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏଆଇସିସି ସଭାନେତ୍ରୀ ଅଲକା ଲାମ୍ବା କହିଛନ୍ତି, ଗୋପାଳପୁରରେ ଛାତ୍ରୀଙ୍କୁ ଗଣବଳାତ୍କାରର ୧ମାସ ନ ପୂରୁଣୁ ଏଫ୍‌ଏମ୍ କଲେଜ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେବା ସାରା ଓଡ଼ିଶାକୁ କଳଙ୍କିତ କରିଛି। ଏହି ଘଟଣାରେ ସମ୍ପୃକ୍ତ କଲେଜ ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ତଦନ୍ତ କମିଟି ଗଠନ ହେବା ପରେ କୌଣସି ଠୋସ୍ ପଦକ୍ଷେପ ନିଆଯାଇ ନ ଥିଲା, ଅପରପକ୍ଷେ ପୀଡ଼ିତାଙ୍କୁ ହଇରାଣ କରାଯାଇଥିଲା। ଏପରି କି ଧମକ ଦିଆଯାଇ ଅଭିଯୋଗକୁ ରଫାଦଫା କରିବାକୁ କୁହାଯାଇଥିଲା। ଏବିଭିପି ପଦାଧିକାରୀ ତାଙ୍କୁ ଏତେ ହଇରାଣ ଏବଂ ଆଘାତ ଦେଇଥିଲେ ଯେ ସେ ଶେଷରେ ହତାଶ ହୋଇ ନିଜକୁ ଦାହ କରିଥିଲେ। ପୀଡ଼ିତା ୯୫ ପ୍ରତିଶତ ପୋଡ଼ି ଯାଇଥିବା ଶରୀର ସହ ଜୀବନ ଏବଂ ମୃତ୍ୟୁ ମଧ୍ୟରେ ସଂଘର୍ଷ କରୁଛନ୍ତି। ଏହା କେବଳ ଭାଜପା ଶାସିତ ଓଡ଼ିଶାରେ ହେଉଛି ତାହା ନୁହେଁ, ଉତ୍ତରପ୍ରଦେଶ, ବିହାର, ରାଜସ୍ଥାନ, ଉତ୍ତରାଖଣ୍ଡ ଏବଂ ହରିୟାଣା ଭଳି ରାଜ୍ୟରେ ହେଉଛି; ଯେଉଁଠାରେ ଦୋଷୀକୁ ସୁରକ୍ଷା ଦେବାପାଇଁ ସବୁ ପ୍ରକାର ଉଦ୍ୟମ କରାଯାଉଛି। ଫଳରେ ନାରୀ ନିର୍ଯାତନା ବଢ଼ି ଚାଲିଛି। ଏହି ଅବସରରେ ଲାମ୍ବା ଏନ୍‌ସିଆର୍‌ବି ତଥ୍ୟକୁ ଆଧାରିତ କରି ବର୍ଷକ ଭିତରେ ୨ଲକ୍ଷ ୧୪ହଜାର ୧୧୩ ନାରୀ ନିର୍ଯାତନା ମାମଲା ରୁଜୁ ହୋଇଥିବା କହିଥିଲେ। ସେ କହିଥିଲେ, ଏଥିମଧ୍ୟରୁ ୩୦୫୪ଜଣଙ୍କୁ ବଳାତ୍କାରର ଶିକାର ହେବାକୁ ପଡ଼ିଥିବାବେଳେ ୧୨୦୭ ଜଣଙ୍କୁ ହତ୍ୟା ଏବଂ ୯ଜଣଙ୍କୁ ଏସିଡ୍ ପକାଇ ପୋଡ଼ିବାକୁ ଉଦ୍ୟମ କରାଯାଇଛି। ଏଥିରୁ ଭାଜପା ଶାସିତ ରାଜ୍ୟରେ ମହିଳାମାନେ କେତେ ସୁରକ୍ଷିତ ତାହା ସ୍ପଷ୍ଟ ଅନୁମେୟ ବୋଲି ଲାମ୍ବା କହିଛନ୍ତି।


ସୋମବାର ନୂଆଦିଲ୍ଲୀସ୍ଥିତ ଏଆଇସିସି ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏଆଇସିସି ସଭାନେତ୍ରୀ ଅଲକା, କଟକ ବାରବାଟୀ ବିଧାୟିକା ସୋଫିଆ ଫିରଦୋସ।

ଏହି ଅବସରରେ କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋସ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଘଟଣାରେ ନୀରବତା ଭାଙ୍ଗନ୍ତୁ। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଯେଉଁମାନେ ସଂଶ୍ଳିଷ୍ଟ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ।

ସେ କହିଥିଲେ, ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ସମୟରେ ପୀଡ଼ିତା ତାଙ୍କୁ ଭେଟିବାକୁ ଚେଷ୍ଟା କରିଥିଲେ, କିନ୍ତୁ ତାଙ୍କୁ ଅନୁମତି ଦିଆଯାଇ ନ ଥିଲା। ସେହିପରି ରାଜ୍ୟରେ କ୍ଷମତାସୀନ ଭାଜପାର ଏକ ସହଯୋଗୀ ସଙ୍ଗଠନ ଏବିଭିପିର ଜଣେ ପଦାଧିକାରୀ(ପୀଡ଼ିତା)ଙ୍କ ସହିତ ଯଦି ଏଭଳି ଘଟଣା ହୋଇପାରିଲା, ତେବେ ସାଧାରଣ ମହିଳାଙ୍କ ଭାଗ୍ୟ କ'ଣ ହେବ ବୋଲି ସେ ପ୍ରଶ୍ନ କରିଥିଲେ।

# ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣାରେ ରିପୋର୍ଟ ମାଗିଲେ ରାଜ୍ୟପାଳ

ଭୁବନେଶ୍ୱର,୧୪।୭(ସୁନିତ୍ ମିଶ୍ର)

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣାକୁ ନେଇ ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମ୍ପାଟି ଶେଷରେ ମୁହଁ ଖୋଲିଛନ୍ତି। ଏହି ଘଟଣାରେ ସେ ରିପୋର୍ଟ ମାଗିଛନ୍ତି। ସାମାଜିକ ଗଣମାଧ୍ୟମରେ ସେ ତାଙ୍କ ପ୍ରତିକ୍ରିୟା ରଖି କହିଛନ୍ତି, ଏ ବିଷୟରେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ କଥା ହୋଇଛନ୍ତି। କେଉଁ ପରିସ୍ଥିତିରେ ଏପରି ଘଟିଲା ଏହଂ ଏହା ଉପରେ କ'ଣ ପଦକ୍ଷେପ ନିଆଯାଇଛି ସେନେଇ ତଥ୍ୟ ମାଗିଛନ୍ତି। ଛାତ୍ରୀ ଜଣଙ୍କ ଏବେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅଛନ୍ତି। ଘଟଣା ସମ୍ପର୍କରେ ଜାଣିବା ପରେ ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ବୁଝିଛନ୍ତି। ଉଚ୍ଚଶିକ୍ଷା ମନ୍ତ୍ରୀ ମଧ୍ୟ ଏହି ଘଟଣାକୁ ଗୁରୁତ୍ୱର ସହ ନିଆଯାଇଥିବା ବେଳେ ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଏହାସହ ସେ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଏମ୍ସ ନିର୍ଦ୍ଦେଶକଙ୍କ ସହ ଆଲୋଚନା କରିଛନ୍ତି। ଦିଲ୍ଲୀ ଏମ୍ସର ଏକ ସ୍ପେଶାଲିଷ୍ଟ ଟିମ୍ ଚିକିତ୍ସା ବ୍ୟବସ୍ଥାକୁ ମନିଟରିଂ କରୁଛନ୍ତି। ଛାତ୍ରୀଙ୍କ ତୁରନ୍ତ ଆରୋଗ୍ୟ ନିମନ୍ତେ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିବା ସହ ସେ ତୁରନ୍ତ ସୁସ୍ଥ ହୁଅନ୍ତୁ ବୋଲି ଆଶା କରୁଛନ୍ତି। ରାଜ୍ୟରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା, ମାନସିକ ସ୍ଥିତି ଏବଂ ଆତ୍ମସମ୍ମାନ ଯେପରି ସର୍ବଦା ସୁରକ୍ଷିତ ରହିବ ସେଥିପ୍ରତି ଧ୍ୟାନ ଦିଆଯିବା ଦରକାର। କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରାଯାଉ। ଭବିଷ୍ୟତରେ ଏଭଳି ଘଟଣାକୁ ଯେପରି ରୋକାଯାଇପାରିବ ତାହା ଉପରେ ପଦକ୍ଷେପ ନେବା ଲାଗି ରାଜ୍ୟପାଳ ନିର୍ଦ୍ଦେଶ ଦେଇଛନ୍ତି।

# ଏନ୍‌ଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

ଭୁବନେଶ୍ୱର,୧୪।୭(ସତ୍ୟଜିତ୍ ରାଉତ)

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣାକୁ ଜାତୀୟ ମାନବ ଅଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି) ଗୁରୁତ୍ୱର ସହ ନେଇଛନ୍ତି। ଏହି ଘଟଣାରେ ରୁଜୁ ହୋଇଥିବା ଏକ ଆବେଦନର ତ୍ୱରିତ ଶୁଣାଣି କରି ପୋଲିସ ଓ ଜିଲା ପ୍ରଶାସନକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଥିସହିତ ଚିକିତ୍ସାଧୀନ ଛାତ୍ରୀଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ବାଲେଶ୍ୱର ଜିଲାପାଳ ଓ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ(ସିଡିଏମ୍‌ଓ)ଙ୍କୁ କମିଶନଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ୧୫ଦିନ ମଧ୍ୟରେ ଘଟଣାର ତଦନ୍ତ କରି ଏସମ୍ପର୍କୀତ ସମସ୍ତ ଦସ୍ତାବିଜ ସହ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି। ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ଅଫ୍ ଇଣ୍ଡିଆ(ଏଚ୍‌ଆର୍‌ଏଫ୍‌ଆଇ)ର ଅଧକ୍ଷ ମନୋଜ ଜେନା ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ଅଭିଯୋଗ କରିଥିଲେ।

# ସରକାରୀ ଦାୟିତ୍ୱହୀନତାର ପରିଚୟ: କଂଗ୍ରେସ

ଭୁବନେଶ୍ୱର,୧୪।୭ (ରବିନାରାୟଣ ଜେନା)

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ପ୍ରସଙ୍ଗରେ କେବଳ ଅଧାପକ ଦୋଷୀ ନୁହନ୍ତି, ତଳସ୍ତରରୁ ଉପରିସ୍ଥ ପ୍ରଶାସନିକ ମୁଖ୍ୟଙ୍କ ପର୍ଯ୍ୟନ୍ତ ସମସ୍ତେ ଚରମ ଦାୟିତ୍ୱହୀନତାର ପରିଚୟ ଦେଇଛନ୍ତି ବୋଲି କଂଗ୍ରେସ କହିଛି।

ସୋମବାର କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ତିନିଜଣ ଅଧ୍ୟାପକ, କଲେଜର ଭାରପ୍ରାପ୍ତ ଅଧକ୍ଷ, ସ୍ଥାନୀୟ ବିଧାୟକ ଓ ସାଂସଦ, ଉଚ୍ଚଶିକ୍ଷାମନ୍ତ୍ରୀ ଏପରି କି ଖୋଦ୍ ମୁଖ୍ୟମନ୍ତ୍ରୀ ମଧ୍ୟ ଘଟଣାର ତଦନ୍ତ ପରିସରଭୁକ୍ତ ହେବା ଆବଶ୍ୟକ। ତେଣୁକରି ଏହି ଘଟଣାର ନ୍ୟାୟିକ ତଦନ୍ତ କରାଯାଉ, ନଚେତ୍ ହାଇକୋର୍ଟର ଜଣେ ବିଚାରପତିଙ୍କ ତତ୍ତ୍ୱାବଧାନରେ ସିବିଆଇକୁ ମଧ୍ୟ ତଦନ୍ତଭାର ଅର୍ପଣ କରାଯାଇପାରିବ ବୋଲି କାଡାମ କହିଛନ୍ତି। କାଡାମ କହିଥିଲେ, ବିଧାନସଭାରେ ମହିଳା ନିର୍ଯାତନା ପ୍ରସଙ୍ଗ ଉଠାଇବାରୁ ଆମେ ସମସ୍ତେ ମହିଳା ବାଚସ୍ପତିଙ୍କ ଦ୍ୱାରା ନିଲମ୍ବିତ ହୋଇଥିଲୁ। ଆଶାକରୁଛୁ ଏହି ଘଟଣାରେ ବାଚସ୍ପତି ସମ୍ବେଦନଶୀଳ ହେବେ। ନିଜ ସଂଗଠନର ଜଣେ ମହିଳା କାର୍ଯ୍ୟକର୍ତ୍ତାଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ଏବିଭିପି କର୍ମୀମାନେ ତାଙ୍କୁ ଏମ୍ସ ପରିସରରେ ବାଧା ଉପୁଜାଇବା ଘୋର ନିନ୍ଦନୀୟ ବୋଲି କାଡାମ କହିଥିଲେ।



କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ।

## ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣା

### ମହିଳା ବାଚସ୍ପତି ସମ୍ବେଦନଶୀଳ ହୁଅନ୍ତୁ: ରାମଚନ୍ଦ୍ର

ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଥିଲେ, ରାଜ୍ୟ ସରକାର ଯଦି ମହିଳା ଆୟୋଗ ଗଠନ କରିଥାନ୍ତେ ହୁଏତ ଏପରି ଦୁର୍ଭାଗ୍ୟଜନକ ଘଟଣା ଦେଖିବାକୁ ମିଳି ନ ଥାନ୍ତା। ଘଟଣାର ବହୁଦିନ ପୂର୍ବରୁ ଛାତ୍ରୀ ଉଚ୍ଚଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ସମେତ ଜାତୀୟ ମହିଳା କମିଶନଙ୍କୁ ଅଧାପକଙ୍କ ଏନେଇ ଟୁଇଟ୍ କରିଥିଲେ। ରାଜ୍ୟ ମହିଳା କମିଶନ ଥିଲେ ଏହି ପ୍ରସଙ୍ଗରେ ହୁଏତ ପୋଲିସ ଡିଜିଙ୍କୁ ଜବାବ ଦେବାପାଇଁ କହିଥାନ୍ତେ। ତେଣୁକରି ମୁଖ୍ୟମନ୍ତ୍ରୀ ମଧ୍ୟ କାଠଗଡ଼ାରେ। ଉକ୍ତ ଛାତ୍ରୀଙ୍କ ଟୁଇଟ୍ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇ ଦିଆଯାଇଥିଲା ନା ନାହିଁ? ଯଦି ନାହିଁ ଯେଉଁମାନେ ଜଣାଇ ନ ଥିଲେ, ସେମାନଙ୍କୁ ତୁରନ୍ତ ବରଖାସ୍ତ କରାଯିବାକୁ ସେ ଦାବି କରିଥିଲେ।

ଏହି ପ୍ରସଙ୍ଗରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଥିଲେ, ଉକ୍ତ ଅଧାପକଙ୍କର କଳଙ୍କିତ ଅତୀତ ରହିଥିବାରୁ ଏହି ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବା ଉଚିତ ଥିଲା। ଆଶ୍ଚର୍ଯ୍ୟର କଥା, ଏବିଭିପି କାର୍ଯ୍ୟକର୍ତ୍ତାଙ୍କ ପ୍ରତି ନିର୍ଯାତନା ହେଲା, ଅଥଚ ଖୋଦ୍ ଭାଜପାର ସାଂସଦ ଓ ବିଧାୟକ ତାଙ୍କୁ ସୁରକ୍ଷା ଦେଇପାରିଲେ ନାହିଁ।

# ଆତ୍ମହତ୍ୟା ଲାଗି ଉସ୍କେଇଥିଲା ଛାତ୍ର କଂଗ୍ରେସ: ଭାଜପା

ଭୁବନେଶ୍ୱର,୧୪।୭(ସୁନିତ୍ ମିଶ୍ର)

ବାଲେଶ୍ୱର ଏଫ୍.ଏମ୍. କଲେଜରେ ଯେଉଁ ଘଟଣା ଘଟିଲା ତାହା ଅତ୍ୟନ୍ତ ଦୁଃଖଦାୟକ ଓ ହୃଦୟବିଦାରକ। ଏହି ଘଟଣା ସମସ୍ତ ରାଜ୍ୟବାସୀଙ୍କୁ ଦୁଃଖ ଦେଇଛି। ରାଜନୈତିକ ଦଳ ହିସାବରେ ଭାଜପା ଏବଂ ରାଜ୍ୟ ସରକାର ସମସ୍ତେ ଏହି ଘଟଣାରେ ବ୍ୟଥିତ ଅଛନ୍ତି। ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ କଂଗ୍ରେସ ହୀନ ରାଜନୀତି କରୁଛି। ନାରୀ ନିର୍ଯାତନା ଉପରେ କଂଗ୍ରେସର କହିବାର ଅଧିକାର କେଉଁଠୁ ଆସିଲା। ଛାତ୍ରୀ ଆତ୍ମାହୁତି ଘଟଣା ପଛରେ ଛାତ୍ର କଂଗ୍ରେସର ନେତାମାନେ ଉସ୍କାଇଥିବା ପ୍ରମାଣ ସାମାଜିକ ଗଣମାଧ୍ୟମରେ ରହିଛି। ଗତ ୧ ତାରିଖରେ ପୀଡ଼ିତା ଛାତ୍ରୀ ଯେତେବେଳେ ଏ ସମ୍ପର୍କରେ ଅଭିଯୋଗ କରିଥିଲେ ସେତେବେଳେ ଛାତ୍ର କଂଗ୍ରେସର ବାଲେଶ୍ୱର ଜିଲା ସମ୍ପାଦକ ସାମାଜିକ ଗଣାମଧ୍ୟମରେ ଏହି ଅଭିଯୋଗ ମିଥ୍ୟା ବୋଲି ଲେଖିଥିଲେ। ଉପସ୍ଥାନ କମ୍ ଯୋଗୁ ରାଜନୀତି କରିହେବ ନାହିଁ ସେଥିପାଇଁ ଏଭଳି ମିଛ ଅଭିଯୋଗ ଆଣିଥିବା ସେ ଉଲ୍ଲେଖ କରିଥିଲେ। ସେପରି ଛାତ୍ର କଂଗ୍ରେସର ଅନ୍ୟ ଜଣେ କର୍ମୀ ମଧ ଆତ୍ମହତ୍ୟା କରିଦିଅ ବୋଲି ଲେଖିଥିଲେ। ମାତ୍ର ଏବେ ପକ୍ଷ ପରିବର୍ତ୍ତନ କରି ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ପୀଡ଼ିତାଙ୍କ ପରିବାର ସହ ଠିଆହେବା ବଦଳରେ ଦିଲ୍ଲୀରେ ଖବରଦାତା ସମ୍ମିଳନୀ କରି କଂଗ୍ରେସ ହୀନ ରାଜନୀତି କରୁଛି ବୋଲି ଭାଜପା ମୁଖପାତ୍ର ବିରଞ୍ଚି ତ୍ରିପାଠୀ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିରଞ୍ଚି କହିଛନ୍ତି, ଉସ୍କାଇଥିବା ଛାତ୍ର କଂଗ୍ରେସ ନେତାଙ୍କ ଉପରେ ତାଙ୍କ ଦଳ କ'ଣ କାର୍ଯ୍ୟାନୁଷ୍ଠାନ ନେଇଛି ତାହା ପ୍ରଥମେ ସ୍ପଷ୍ଟ କରୁ। ଓଡ଼ିଶା ସରକାର ଏହି ଘଟଣାକୁ ଗମ୍ଭୀରତାର ସହ ନେଇଛନ୍ତି। ଭବିଷ୍ୟତରେ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନ ହେବ ସେନେଇ ରାଜ୍ୟ ସରକାର କାର୍ଯ୍ୟ କରୁଛି। ରାଜ୍ୟ ସରକାର ମହିଳାମାନଙ୍କ ପାଇଁ ସମର୍ପିତ ବୋଲି ସେ କହିଛନ୍ତି।

# ରାଜ୍ୟରେ ମହିଳା ବିରୋଧୀ ହିଂସା ଉଦ୍‌ବେଗଜନକ ଭାବେ ବଢୁଛି

## ରାଷ୍ଟ୍ରପତିଙ୍କୁ ଭେଟିଲେ ବିଜେଡି ପ୍ରତିନିଧିମଣ୍ଡଳୀ

ଭୁବନେଶ୍ୱର,୧୪।୭(ସୁନିତ୍ ମିଶ୍ର)

ରାଜଭବନରେଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ବିଜୁ ମହିଳା ଜନତା ଦଳର ୩ ଜଣିଆ ପ୍ରତିନିଧି ମଣ୍ଡଳୀ ଭେଟିବା ସହିତ ରାଜ୍ୟରେ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଥିବା ମହିଳା, ଛାତ୍ରୀ ଓ ନାବାଳିକା ବିରୋଧୀ ହିଂସା ଘଟଣାରେ ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି। ସମ୍ପ୍ରତି ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ କଲେଜର ଜଣେ ଛାତ୍ରୀଙ୍କୁ ନିଜ ବିଭାଗୀୟ ପ୍ରଫେସର ଦୀର୍ଘ ୬ ମାସ ଧରି ମାନସିକ ନିର୍ଯାତନା ଦେବା ସହ ଶାରୀରିକ ଅନୁଗ୍ରହ ପାଇଁ ବାଧ କରୁଥିଲେ। ଛାତ୍ରୀ ଜଣକ କଲେଜ ଅଧ୍ୟକ୍ଷ, ସ୍ଥାନୀୟ ସାଂସଦ ଓ ପୋଲିସଙ୍କୁ ଜଣାଇଲା ପରେ ମଧ ତାଙ୍କୁ ନ୍ୟାୟ ମିଳିଲା ନାହିଁ। ଗତ ୧ ତାରିଖରେ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ, ସ୍ଥାନୀୟ ସାଂସଦ ଓ ବିଧାୟକଙ୍କୁ ଛାତ୍ରୀ ଜଣଙ୍କ ସାମାଜିକ ଗଣମାଧ୍ୟମରେ ନିଜ ନିର୍ଯାତନା ବାବଦରେ ଜଣାଇ ହସ୍ତକ୍ଷେପ ପାଇଁ ଅନୁରୋଧ କରିଥିଲେ। ପରିଶେଷରେ ପ୍ରଶାସନ, ପୋଲିସ ଓ ସରକାରଙ୍କ ପକ୍ଷରୁ କୌଣସି ସହାୟତା ନ ମିଳିବାରୁ ଅନନ୍ୟୋପାୟ ହୋଇ ଗତ ୧୨ ତାରିଖରେ କଲେଜ ଅଧକ୍ଷଙ୍କ ପ୍ରକୋଷ୍ଠ ସାମ୍ନାରେ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ବର୍ତ୍ତମାନ ସେ ଭୁବନେଶ୍ୱର ଏମ୍ସରେ ଜୀବନମରଣ ସହ ସଂଗ୍ରାମ କରୁଛନ୍ତି। ସେହିପରି ଗତ ଜୁନ ୧୫ ତାରିଖ ରଜ ସଂକ୍ରାନ୍ତିରେ ଗୋପାଳପୁର ବେଳାଭୂମିକୁ ନିଜ ବନ୍ଧୁଙ୍କ ସହ ବୁଲିବାକୁ ଆସିଥିବା ଜଣେ କଲେଜ ଛାତ୍ରୀଙ୍କୁ ୧୦ ଜଣ ଦୁର୍ବୃତ୍ତ ଗଣବଳାତ୍କାର କରିଥିଲେ। କିଛିଦିନ ତଳେ ଶାସକ ଦଳର ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ଯେଉଁଭଳି ବ୍ୟକ୍ତିଗତ ଚରିତ୍ର ସଂହାର କରି କୁତ୍ସିତ ଓ ଅଶୋଭନୀୟ ଭାଷା ବ୍ୟବହାର କଲେ ତାହା ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଥିଲେ ମଧ ପୋଲିସ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଶାସକ ଦଳ ଓ ସରକାରଙ୍କ ମାନସିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟରେ ଗତ ବର୍ଷକ ମଧ୍ୟରେ ମହିଳା ବିରୋଧୀ ହିଂସାରେ ଦୋଷୀ ସାବ୍ୟସ୍ତ ହାର ୫.୫୭% ରହିଛି, ଯାହା ଦେଶରେ ସର୍ବନିମ୍ନ।

ରାଜ୍ୟ ମହିଳା କମିଶନର ଅଧକ୍ଷା ଓ ସଦସ୍ୟା ପଦ ବର୍ଷେ ହେଲା ଖାଲିପଡ଼ିଥିବା ବିଜେଡି ପ୍ରତିନିଧି ମଣ୍ଡଳୀ ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଏବଂ ଏମ୍‌ପି ସୁଲତା ଦେଓ ପ୍ରମୁଖ ରହିଥିଲେ।

# ପୂର୍ବ ସରକାରଙ୍କ ଭୁଲ୍ ପାଇଁ ବର୍ଷାଜଳ ନିଷ୍କାସନରେ ସମସ୍ୟା ଦେଖାଯାଉଛି: ମନ୍ତ୍ରୀ

ଭୁବନେଶ୍ୱର,୧୪।୭(ସୁନିତ୍ ମିଶ୍ର)

ରାଜ୍ୟର ବିଭିନ୍ନ ସ୍ଥାନରେ ଜଳବନ୍ଦୀ ସମସ୍ୟା ବିଢ଼ିବାରେ ଲାଗିଛି। ସ୍ଥାୟୀ ସମାଧାନ ପାଇଁ ଏବେ ରାଜ୍ୟ ସରକାର ଅଣ୍ଟା ଭିଡ଼ିଛନ୍ତି। ବିଭିନ୍ନ ନଦୀର ଗତିପଥକୁ ସଫା କରିବା ପାଇଁ ସରକାର ଯୋଜନା କରୁଛନ୍ତି। ଖୁବ୍‌ଶୀଘ୍ର ସରକାର ନଦୀ ସଫେଇ ଅଭିଯାନ ଆରମ୍ଭ କରିବେ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ରାଜ୍ୟରେ ହେବାକୁ ଥିବା ବଡ଼ ବର୍ଷାର ମୁକାବିଲା ପାଇଁ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ୪୮ ଘଣ୍ଟାର ମାଷ୍ଟର ପ୍ଲାନ୍ ରାଜ୍ୟ ସରକାର ପ୍ରସ୍ତୁତ କରିଥିବା ବୈଠକ ପରେ ମନ୍ତ୍ରୀ ସୂଚନା ଦେଇଛନ୍ତି। ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ପୂଜାରୀ କହିଛନ୍ତି, ବିଭିନ୍ନ କାରଣରୁ ନଦୀର ଗତିପଥ ଅବରୋଧ ଥିବାରୁ ଜଳ ନିଷ୍କାସନ ସମସ୍ୟା ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବଢ଼ି ଚାଲିଛି। ଏହାର ସ୍ଥାୟୀ ସମାଧାନ ପାଇଁ ରାଜ୍ୟ ସରକାର ଆସନ୍ତା ୫୦ ବର୍ଷକୁ ଆଖି ଆଗରେ ରଖି ଯୋଜନା କରୁଛନ୍ତି। ପୂର୍ବ ସରକାରଙ୍କର ଭୁଲ୍ ପାଇଁ ବର୍ଷା ଜଳ ନିଷ୍କାସନ ହୋଇପାରିବାରେ ସମସ୍ୟା ଦେଖାଯାଉଛି। ରାଜ୍ୟ ସରକାର ଏ ଦିଗରେ ଯୋଜନାବଦ୍ଧ ପଦକ୍ଷେପ ଗ୍ରହଣ କରୁଛନ୍ତି। ପ୍ରବଳ ବର୍ଷା ହେଉଛି କିନ୍ତୁ ବଡ଼ ବନ୍ୟା ସ୍ଥିତି ଉପୁଜିବ ନାହିଁ। ନଦୀଗୁଡ଼ିକ ସତର୍କ ସଙ୍କେତଠାରୁ ମଧ ତଳେ ରହିଛି, କିନ୍ତୁ ଆସୁଥିବା ବଡ଼ ବର୍ଷା ଦ୍ୱାରା କିଛି ସ୍ଥାନରେ ପାଣି ପଶିବାର ସମ୍ଭାବନା ରହିଛି। ବିଶେଷ କରି ଏହି ବର୍ଷା ସମୟରେ ସହରାଞ୍ଚଳ ଲୋକେ ସତର୍କ ରହିବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

# ଅତି ପ୍ରବଳ ବର୍ଷିବ, ବନ୍ୟା ଆଶଙ୍କା

## ଅବପାତର ରୂପ ନେଲା ଲଘୁଚାପ

ଭୁବନେଶ୍ୱର, ୧୪।୭
(ଅନୁରାଧା ମହାରଣା)

ଦକ୍ଷିଣପୂର୍ବ ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟାକା ଓ ପାର୍ଶ୍ୱବର୍ତ୍ତୀ ବାଂଲାଦେଶ ଅଞ୍ଚଳରେ ସକ୍ରିୟ ଲଘୁଚାପ କ୍ଷେତ୍ର ଆହୁରି ଘନୀଭୂତ ହୋଇ ଅବପାତରେ ପରିଣତ ହୋଇଛି। ଏହା ଆଗାମୀ ୨୪ ଘଣ୍ଟା ଯାଏଁ ପଶ୍ଚିମ ଉତ୍ତରପଶ୍ଚିମ ଦିଗରେ ଗାଙ୍ଗେୟ ପଶ୍ଚିମବଙ୍ଗ ମଧ ଦେଇ ଗତିକରିବାର ସମ୍ଭାବନା ରହିଛି। ଅବପାତ ପ୍ରଭାବରେ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଅବପାତଜନିତ ବର୍ଷା ରାଜ୍ୟରେ ବନ୍ୟାଭଳି ପରିସ୍ଥିତି ଆଣିପାରେ ବୋଲି ଆଶଙ୍କା କରାଯାଉଛି।

ସୋମବାର ଉତ୍ତର ଓଡ଼ିଶାରେ ଅତି ପ୍ରବଳ ବର୍ଷା ହୋଇଥିବାବେଳେ ମଙ୍ଗଳବାରଠାରୁ ପଶ୍ଚିମ ଓଡ଼ିଶାରେ ପ୍ରବଳ ବର୍ଷିବ। ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଅବବାହିକା, ମହାନଦୀ ଓ ବ୍ରାହ୍ମଣୀ ଅବବାହିକାରେ ବର୍ଷା ହେବ। କିଛି ସ୍ଥାନରେ ୨୦ ସେମି ପର୍ଯ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ। ଅନ୍ୟପଟେ ସମୁଦ୍ର ଅଶାନ୍ତ ଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି। ଅତିରୁ ଅତି ପ୍ରବଳ ବର୍ଷା ହେବା ନେଇ ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଆଦି ଜିଲାକୁ ରେଡ୍ ୱାର୍ନିଂ ଜାରି କରାଯାଇଛି। ଏହି ୩ ଜିଲାକୁ ବଜ୍ରପାତ ବିପଦ ରହିଥିବାବେଳେ ପବନର ବେଗ ଘଣ୍ଟାପ୍ରତି ୪୦ରୁ ୫୦ କିମି ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସେହିପରି ବର୍ଷା ନେଇ ଅନୁଗୋଳ, ଢେଙ୍କାନାଳ, ଦେବଗଡ଼, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରପଡ଼ା ଆଦି ଜିଲାକୁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ବଜ୍ରପାତ ସହ ବର୍ଷା ନେଇ ସମ୍ବଲପୁର, ଝାରସୁଗୁଡ଼ା, ସୋନପୁର, ବୌଦ୍ଧ, ନୟାଗଡ଼, କଟକ, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ଗଞ୍ଜାମ, ଗଜପତି ଓ ରାୟଗଡ଼ା ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି।

# ପ୍ରେମୀଯୁଗଳ, ଗ୍ରାମବାସୀଙ୍କ ବୟାନ ରେକର୍ଡ


କଞ୍ଜାମଯୋଡି ଗ୍ରାମରେ ଉପଜିଲାପାଳଙ୍କ ସହ ୫ ଜଣିଆ ଟିମ୍ ଘଟଣାର ତଦନ୍ତ କରୁଛନ୍ତି।

## ଯୁଆଳି ପକାଇ ହଳ କରାଇବା ଘଟଣାର ତଦନ୍ତ ଆରମ୍ଭ

ରାୟଗଡ଼ା/କଲ୍ୟାଣସିଂପୁର, ୧୪/୭
(ଆଶିଷ ରଞ୍ଜନ ପଣ୍ଡା/ଦୀପକ କୁମାର ପରିଡ଼ା)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ୍ କଞ୍ଜାମଯୋଡ଼ି ଗ୍ରାମରେ ପ୍ରେମୀଯୁଗଳଙ୍କ ବେକରେ ଜୁଆଳି ପକାଇ ହଳ କରିବା ଘଟଣାର ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଛି। ରାୟଗଡ଼ା ଉପଜିଲାପାଳ ରମେଶ କୁମାର ଜେନାଙ୍କ ନେତୃତ୍ୱରେ ୫ ଜଣିଆ ଟିମ୍ ସୋମବାର କଞ୍ଜାମଯୋଡି ଗ୍ରାମକୁ ଯାଇ ଉଭୟ ଗ୍ରାମବାସୀ ଏବଂ ପ୍ରେମୀଯୁଗଳଙ୍କ ବୟାନ ରେକର୍ଡ କରିଛନ୍ତି। ଦୀର୍ଘ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅଧିକାରୀମାନେ ସମସ୍ତଙ୍କୁ ଜଣ ଜଣ କରି ଜେରା କରିବା ସହ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା ସେ ସଂକ୍ରାନ୍ତରେ ପଚରାଉଚରା କରିଥିଲେ। ଏହି ଟିମ୍‌ରେ ଉପଜିଲାପାଳ ଜେନାଙ୍କ ସମେତ କଲ୍ୟାଣସିଂହପୁର ତହସିଲଦାର, ସିଡିପିଓ, ଥାନା ଅଧିକାରୀ ଓ ସମାଜ ମଙ୍ଗଳ ଅଧିକାରୀ ଉପସ୍ଥିତ ରହି ତଦନ୍ତ କରିଥିଲେ। ଅନ୍ୟପକ୍ଷେ ମଙ୍ଗଳବାର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର କାର୍ଯ୍ୟାଳୟ ଉପନିର୍ଦ୍ଦେଶକ ଅଶୋକ ଶତପଥୀ ଘଟଣାର ତଦନ୍ତ ପାଇଁ ଆସୁଥିବା ସୂଚନା ମିଳିଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସେ ଆସୁଥିବା କହିଛନ୍ତି।

ପ୍ରକାଶଥାଉକି, ପ୍ରେମୀଯୁଗଳ ଗୋଟିଏ ପରିବାରର ଅର୍ଥାତ୍ ସମ୍ପର୍କରେ ପିଉସୀ ଓ ପୁତୁରା ହୋଇଥିବାରୁ ବିବାହ କରିପାରିବେ ନାହିଁ ବୋଲି କହି ଗ୍ରାମବାସୀ ବିରୋଧ କରିଥିଲେ। ଗତ ୯ ତାରିଖରେ କଞ୍ଜାମଯୋଡି ଗ୍ରାମବାସୀ ବୈଠକ କରି ଉଭୟଙ୍କୁ ଦଣ୍ଡିତ କରିଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ଉଭୟଙ୍କୁ ମାଡ଼ ମାରିବା ସହ ବେକରେ ଜୁଆଳି ଲଗାଇ କ୍ଷେତରେ ହଳ କରାଯାଇଥିଲା; ଯାହା ମାନବାଧିକାର ଆଇନକୁ ଉଲ୍ଲଂଘନ କରାଯାଇଛି ବୋଲି ବିଭିନ୍ନ ମହଲରେ ଅଭିଯୋଗ ହୋଇଥିଲା। ଏହି କଙ୍ଗାରୁ କୋର୍ଟର ଭିଡିଓ ଲୋକଲୋଚନକୁ ଆସିବା ପରେ ଜିଲାପାଳ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପଟେ ଘଟଣାର ତଦନ୍ତ କରାଯାଇଛି ଏବଂ ଖୁବ୍‌ଶୀଘ୍ର ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ଉପଜିଲାପାଳ ଜେନା ସୂଚନା ଦେଇଛନ୍ତି। ଅପରପକ୍ଷରେ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କଁୱର ବିଶାଳ ସିଂ ସୂଚନା ଦେଇଛନ୍ତି।

# ବାଇକ୍ ଦୁର୍ଘଟଣାଗ୍ରସ୍ତ, ୨ ଭାଇ ମୃତ

ପୋଲସରା,୧୪।୭(ସୁବ୍ରତ ବେହେରା)

ଗଞ୍ଜାମ ଜିଲା ପୋଲସରା ଥାନା ଅନ୍ତର୍ଗତ ଟିଟିକିପଡ଼ା ଶାସନ ଶିବ ମନ୍ଦିର ନିକଟ ତିନିଛକଠାରେ ରବିବାର ରାତିରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୨ ସମ୍ପର୍କୀୟ ଭାଇଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବଡ଼ ପଙ୍କଲବାଡି ପଞ୍ଚାୟତ ମଙ୍ଗଳପୁର ଗ୍ରାମର ଦୀପକ ନାୟକ (୨୦) ଓ ଆରତ ନାୟକ (୨୦)। ନିଛାଟିଆ ରାସ୍ତାରେ ରାତିସାରା ମୃତଦେହ ପଡ଼ି ରହିଥିଲା। ସୋମବାର ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ ମୃତଦେହକୁ ଅଗ୍ନିଶମ ବାହିନୀ ସହାୟତାରେ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ସେଠାରୁ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲ ପଠାଯାଇଥିଲା। ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ପୋଲିସ ଜବତ କରିଛି।

ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ରବିବାର ଅପରାହ୍ନ ପ୍ରାୟ ୫ଟାରେ ଦୀପକ ଓ ଆରତ ଟିଟିକିପଡ଼ା ଶାସନ ଗ୍ରାମକୁ ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇ ବିଳମ୍ବିତ ରାତିରେ ଫେରୁଥିଲେ। ଝିପିଝିପି ବର୍ଷାରେ ୨ ଭାଇ ବାଇକ୍‌ରେ ଆସୁଥିବା ବେଳେ ତିନିଛକଠାରେ ଭାରସାମ୍ୟ ହରାଇ ମା' ସିଂହାସନୀଙ୍କ ତୋରଣ ଖମ୍ବରେ ଧକ୍କା ହୋଇଥିଲେ। ବାଇକ୍‌ରୁ ଛିଟିକି ଉଭୟଙ୍କ ମୃତ୍ୟୁ ଘଟିଛି। ଏ ନେଇ ମୃତ ଆରତଙ୍କ ବାପା ବିଶିକେଶନ ନାୟକଙ୍କ ଅଭିଯୋଗକ୍ରମେ ପୋଲସରା ଥାନାରେ ନଂ. ୫୦୪/୨୫ରେ ମାମଲା ରୁଜୁ ହୋଇଛି।

# ବିଦ୍ୟୁତ୍ ଆଘାତରେ ମାଈ ହାତୀ ମୃତ, ଜଣେ ଗିରଫ


ମୃତ ମାଈ ହାତୀ।

ଢେଙ୍କାନାଳ,୧୪।୭(ରତନ ନାୟାର)

ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ ଖଜୁରିଆକଟା ସେକ୍ସନ ସରାସିଂ ବିଟ୍ ବାରିହା ରଗଡ଼ି ଗ୍ରାମ ନିକଟସ୍ଥ ଜଙ୍ଗଲରେ ସୋମବାର ସକାଳେ ବିଦ୍ୟୁତ୍ ଆଘାତରେ ଏକ ମାଈ ହାତୀର ମୃତ୍ୟୁ ହୋଇଛି। ହାତୀଟିର ବୟସ ୯ରୁ ୧୦ବର୍ଷ ମଧ୍ୟରେ ହେବ ବୋଲି ବନବିଭାଗ ସୂତ୍ରରୁ ପ୍ରକାଶ। ଏହି ଘଟଣାରେ ବନବିଭାଗ ପକ୍ଷରୁ ବାରିହା ରଗଡ଼ି ଗ୍ରାମର ପ୍ରଭାକର ସାହୁ(୫୫)ଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ସାହୁ ଏଲ୍‌ଟି ଲାଇନ୍ ମାଧ୍ୟମରେ ଜମି ଚାରିପାଖରେ ବେଆଇନ ଭାବେ ବିଦ୍ୟୁତ୍ ତାର ଭିଡିଥିଲେ। ଏହା ସଂସ୍ପର୍ଶରେ ହାତୀଟି ଆସିବାରୁ ପ୍ରାଣ ହରାଇଥିବା ବନବିଭାଗ ଓ ବିଦ୍ୟୁତ୍ ବିଭାଗ ତଦନ୍ତରୁ ଜଣାପଡ଼ିଛି। ଜଏଣ୍ଟ ଟାସ୍କଫୋର୍ସ ଟିମ୍ ସହିତ ଡା. ମନୋଜ ଭି. ନାୟାରଙ୍କ ସମେତ ଅନୁଗୋଳସ୍ଥିତ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ସଞ୍ଜୀବ କୁମାର ସ୍ୱାଇଁ, ଜଏଣ୍ଟ ଟାସ୍କ ଫୋର୍ସର ବିବେକ କୁମାର, ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ବନବିଭାଗ ଅଧିକାରୀ ଓ ହିନ୍ଦୋଳ ରେଞ୍ଜର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପ୍ରାଣୀ ଚିକିତ୍ସକମାନଙ୍କ ଦ୍ୱାରା ହାତୀର ମୃତଦେହକୁ ବ୍ୟବଚ୍ଛେଦ କରାଯାଇଥିଲା। ବିଦ୍ୟୁତ୍ ବିଭାଗ ପକ୍ଷରୁ ମଧ ଘଟଣାସ୍ଥଳରେ ତଦନ୍ତ କରାଯାଇ ଏକ ମାମଲା ରୁଜୁ କରାଯାଇଥିବା ଜିଲା ବନଖଣ୍ଡ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି।

# ଆସିବେ ନାହିଁ ପୋକ

**ବର୍ଷାଦିନେ ସାଧାରଣତଃ କୀଟପତଙ୍ଗଙ୍କ ସଂଖ୍ୟା ବହୁତ ବଢ଼ିଯାଏ। ତେବେ ଘରକୁ ଏମାନଙ୍କଠାରୁ ସୁରକ୍ଷିତ ରଖିବାକୁ ହେଲେ କିଭଳି ପ୍ରତିକାର କରିବେ ଜାଣିରଖନ୍ତୁ...**



-ବର୍ଷାଦିନେ ଘର ଭିତରକୁ କୀଟପତଙ୍ଗଠାରୁ ସୁରକ୍ଷା ଦେବା ପାଇଁ ଏକ ଘରୋଇ ସ୍ପ୍ରେ ତିଆରି କରନ୍ତୁ। ଏଥିପାଇଁ ଏକ ପାତ୍ରରେ ପ୍ରଥମେ ପାଣି ଗରମ କରନ୍ତୁ। ସେଥିରେ ଲବଙ୍ଗ ପକାଇ କିଛି ସମୟ ଫୁଟାନ୍ତୁ। ପାଣିର ରଙ୍ଗ ବଦଳିଗଲା ପରେ ସେଥିରେ ୧ ଚାମଚ ବେକିଂ ସୋଡ଼ା ଓ ତେଜପତ୍ର ପକାଇ ଫୁଟାନ୍ତୁ। ଏବେ ଏହାକୁ ଥଣ୍ଡାକରି ଏକ ସ୍ପ୍ରେ ବୋତଲରେ ରଖନ୍ତୁ। ଏହାକୁ ଘରର ବିଭିନ୍ନ ସ୍ଥାନରେ ସ୍ପ୍ରେ କରି ଦିଅନ୍ତୁ।

-କୀଟ ହେଉଥିବା ସ୍ଥାନରେ ଧଳା ଭିନେଗାର ପକାନ୍ତୁ। ପୋକ ହେବେ ନାହିଁ।

-କୀଟପତଙ୍ଗ ଦୂରେଇବା ପାଇଁ ସେହି ସ୍ଥାନରେ ଲୁଣ ପକାନ୍ତୁ। ଏହା ପ୍ରଭାବରେ ପୋକମାନଙ୍କ ସଂଖ୍ୟା କମ୍ ହୋଇଯିବ।

-ଲେମ୍ବୁରସ ସ୍ପ୍ରେ କରିବା ଫଳରେ ପୋକ ଆସିବେ ନାହିଁ।

-ଘରୁ ପୋକ ବାହାରକରିବା ପାଇଁ ରସୁଣ ମଧ୍ୟ ବେଶ୍ ଉପାଦେୟ। ଏଥିପାଇଁ ରସୁଣକୁ ଛେଚି ପାଣିରେ ମିଶାନ୍ତୁ। ଏହାକୁ ପୋକ ଆସୁଥିବା ସ୍ଥାନରେ ପକାନ୍ତୁ।

# ଭଲ ନୁହେଁ ବିଳମ୍ବରେ ଭୋଜନ

**ଆଧୁନିକ ଜୀବନଶୈଳୀରେ ବିଳମ୍ବିତ ରାତି ପର୍ଯ୍ୟନ୍ତ କାମ କରିବା ଓ ବିଳମ୍ବରେ ଭୋଜନ କରିବା ଏକ ସାଧାରଣ କଥା ହୋଇଗଲାଣି। କିନ୍ତୁ ଏହି ଅଭ୍ୟାସ ଭବିଷ୍ୟତରେ ଅନେକ ସମସ୍ୟା ସୃଷ୍ଟି କରିପାରେ।**



◆ବିଳମ୍ବରେ ଭୋଜନ କରିବା ଅଭ୍ୟାସ ମୋଟାପଣ, ଡାଇବେଟିସ୍ ଓ ହୃଦ୍‌ରୋଗ ଭଳି ବିଭିନ୍ନ ସମସ୍ୟା ସୃଷ୍ଟି କରିପାରେ।

◆ରାତିରେ ଖାଦ୍ୟ ଠିକ୍ ଭାବରେ ହଜମ ହୋଇପାରି ନ ଥାଏ। ତେଣୁ ଏହା ବିଭିନ୍ନ ଶାରୀରିକ ସମସ୍ୟା ସୃଷ୍ଟି କରିଥାଏ।

◆ରାତିରେ ଶରୀର ବିଶ୍ରାମ କରିଥାଏ। ତେଣୁ ବିଳମ୍ବରେ ହୋଇଥିବା ଭୋଜନ କ୍ୟାଲୋରିଭାବେ ଜମା ହୋଇଯାଏ। ଫଳରେ ମେଦବହୁଳତା ଭଳି ସମସ୍ୟା ଦେଖାଦିଏ।

◆ଏହି ଅଭ୍ୟାସ ଶରୀରରେ ଇନ୍‌ସୁଲିନ୍‌ର ମାତ୍ରାକୁ ବି ପ୍ରଭାବିତ କରିଥାଏ। ତେଣୁ ଟାଇପ୍-୨ ଡାଇବେଟିସ୍ ହେବା ଆଶଙ୍କା ସୃଷ୍ଟି କରାଇଥାଏ।

◆ବିଳମ୍ବିତ ରାତିରେ ଅଧିକ ଗରିଷ୍ଠ ଭୋଜନ କଲେ ତାହା ପାଚନକ୍ରିୟା ଉପରେ ପ୍ରଭାବ ପକାଇଥାଏ। ତେଣୁ ଏସିଡିଟି ଓ ବଦହଜମୀ ଭଳି ସମସ୍ୟା ଦେଖା ଦେଇଥାଏ। ଏହା ଅନେକାଂଶରେ ନିଦ ମଧ୍ୟ ଖରାପ କରିପାରେ।

◆ରାତିରେ ଅଧିକ ତେଲ ମସଲାଯୁକ୍ତ ଖାଦ୍ୟ ଖାଇଲେ କୋଲେଷ୍ଟରଲ ଲେଭଲ ବଢ଼ାଇଥାଏ, ଯାହା ହୃଦ୍‌ରୋଗ ଭଳି ସମସ୍ୟାକୁ ନିମନ୍ତ୍ରଣ କରିଥାଏ। ନିଦ କମ୍ ହେଲେ ହୃଦ୍‌ରୋଗ ସହ ରକ୍ତଚାପ ମଧ୍ୟ ବଢ଼ିଥାଏ। ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଏହାର କିଛିମାତ୍ରାରେ ପ୍ରଭାବ ପଡ଼େ।

◆ଶୋଇବାର ୨-୩ ଘଣ୍ଟା ପୂର୍ବରୁ ହିଁ ସବୁବେଳେ ରାତ୍ରିଭୋଜନ କରିବା ଦରକାର। ଅର୍ଥାତ୍ ୭-୮ଟା ମଧ୍ୟରେ ଖାଇବା ଭଲ। ଫଳରେ ଖାଦ୍ୟ ହଜମ ହେବା ପାଇଁ ବହୁତ ସମୟ ମିଳିଥାଏ।

# ମାଇଣ୍ଡ ଫ୍ରି...

**ଅତ୍ୟଧିକ କାମ ଚାପରେ ବ୍ୟତିବ୍ୟସ୍ତ ହୋଇ ଅନେକ ସମୟରେ ଭାରାକ୍ରାନ୍ତ ହୋଇଯାଏ ମନ। ନୀତିଦିନିଆ ଜୀବନରେ ବିଭିନ୍ନ ଭାବରେ ଏହାର ପ୍ରଭାବ ପଡ଼େ। କାର୍ଯ୍ୟ ଦକ୍ଷତା କମିଯାଏ, ବିରକ୍ତ ଲାଗେ। ଏମିତି ଅନୁଭବକଲେ ମନକୁ ରିଲାକ୍ସ କରିବାର ଉପାୟ ଜାଣନ୍ତୁ...**



ଅତ୍ୟଧିକ କାମର ଚାପରେ ଅନେକ ସମୟରେ ମନ ଭାରାକ୍ରାନ୍ତ ହୋଇଯାଏ। ଶରୀର ବି ଥକିଯାଏ, ତା' ସହ ମନ ବି ଅଶାନ୍ତ ରହେ। ଏଥିପାଇଁ ବିରକ୍ତି ଭାବନା ସୃଷ୍ଟି ହୁଏ ଓ ଚିଡ଼ିଚିଡ଼ା ବି ଅନୁଭବ ହୁଏ। ମନେହୁଏ ଯେମିତି କିଛି କାମ କରିହେବ ନାହିଁ। ବାଧ୍ୟବାଧକତାରେ ସବୁ କାମ କରିବା ଫଳରେ ବିଭିନ୍ନ ସମସ୍ୟା ସୃଷ୍ଟିହୁଏ। ଏଭଳି ସ୍ଥିତି ଆସିଲେ ଜାଣିନେବାକୁ ହେବ ଯେ ମନ ଭାରାକ୍ରାନ୍ତ ହୋଇଯାଇଛି। ତେଣୁ ମନକୁ ଖୁସି କରି ପୁଣି ଥରେ ଉତ୍ସାହ ଭରିବାକୁ ହେବ। ଏମିତି ଅବସ୍ଥାକୁ ମୁଡ୍ ଖରାପ ଅଛି ବୋଲି କହିହେବ। ମୁଡ୍ ଖରାପ ଥିଲେ କାମ କରିବାକୁ ଇଚ୍ଛା ହୁଏନି, ଦୁର୍ବଳ ଲାଗେ। ଏଭଳି ପରିସ୍ଥିତିରୁ ମୁକୁଳିବାକୁ ହେଲେ ଆପଣଙ୍କୁ କିଛି ସମୟର ମାନସିକ ବିଶ୍ରାମ ଦରକାର। ତେବେ କେଉଁ ସବୁ ଲକ୍ଷଣ ଥିଲେ ଏନେଇ ସଚେତନ ହେବେ ଜାଣିରଖନ୍ତୁ।


**କାମ ଶେଷ କରିପାରୁ ନ ଥିବେ:** ବେଳେବେଳେ ଏମିତି ମନେହେବ କି ଅନେକ ସମୟ ହେଲାଣି କାମ ଆରମ୍ଭ କରିଛନ୍ତି କିନ୍ତୁ ଶେଷ କରିପାରୁନାହାନ୍ତି। ଆରମ୍ଭ ବେଳକୁ କାମଟି ଖୁବ୍ ସହଜ ଲାଗିବ ହେଲେ ଶେଷ କରିବା ପାଇଁ ବହୁ କଷ୍ଟ ଲାଗୁଥିବ। ଏମିତିକି ଛୋଟ ବା ସହଜ କାମ ମଧ୍ୟ ବୋଝ ଭଳି ଲାଗିବ। ତେଣୁ ବାରମ୍ବାର କାମ ଶେଷ କରିବା ପାଇଁ ସମୟ ନେବାକୁ ବାଧ୍ୟ ହେବେ। ଆଉ କିଛି ସମୟ ପରେ ଅବା କାଲି କରିବି ଭାବି କାମ ବନ୍ଦ କରି ଦେଉଥିବେ। ଏମିତି ବାରମ୍ବାର କରିବା ପରେ ବହୁ ବିଳମ୍ବରେ କାମଟିକୁ ଶେଷ କରିପାରିବେ। ଏଭଳି ଅବସ୍ଥା ଏହି ସଙ୍କେତ ଦେଇଥାଏ ଯେ ଆପଣଙ୍କ ମାନସିକ ସ୍ୱାସ୍ଥ୍ୟ ଭଲ ନାହିଁ। ଏହା ହେଉଛି ମନର ଓଭରଲୋଡ୍ ଅବସ୍ଥା। ମସ୍ତିଷ୍କ କ୍ଳାନ୍ତ, ବିକ୍ଷିପ୍ତ ଓ ଧ୍ୟାନ କେନ୍ଦ୍ରିତ କରିବାକୁ ସଂଘର୍ଷ କରୁଛି।

**ବାରମ୍ବାର ବିଭିନ୍ନ ଆପ୍ ବଦଳାଇବା:** ଡିଜିଟାଲ କ୍ଷେତ୍ରରେ ବିଭିନ୍ନ କାମ କରୁଥିଲେ ସେ କ୍ଷେତ୍ରରେ ମଧ୍ୟ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବେ। କୌଣସି କାମରେ ମନ ଲଗାଇପାରୁ ନ ଥିବେ। କାମ କରିବା ସମୟରେ ଅତି ଶୀଘ୍ର ବିଚଳିତ ହୋଇପଡ଼ିବା ଓ ବ୍ୟତିବ୍ୟସ୍ତ ହୋଇ ଫୋନ୍ କିମ୍ବା କମ୍ପ୍ୟୁଟରରେ ବାରମ୍ବାର ବିଭିନ୍ନ ଆପ୍ ବଦଳାଇ ଚାଲିଥିବେ। ଏହି ଅବସ୍ଥାକୁ ଅନ୍ୟମନସ୍କତା ବୋଲି ଭାବିବା ଭୁଲ୍ ହୋଇପାରେ। ଏହା ମାନସିକ ଅସ୍ଥିରତାର ଏକ ଲକ୍ଷଣ। ଏହା ଦର୍ଶାଏ ଯେ ଆପଣଙ୍କ ମନ ଦିଆଯାଇଥିବା କାମ ଉପରେ ଫୋକସ୍ କରିପାରୁନାହିଁ। କାରଣ ମନ ଅତ୍ୟଧିକ ଉତ୍ତେଜିତ ଓ କ୍ଳାନ୍ତ ହୋଇପଡ଼ିଛି। ଏହି ଅବସ୍ଥା ରହିଲେ ଧୀରେ ଧୀରେ କାର୍ଯ୍ୟଦକ୍ଷତା ବି କମ୍ ହୋଇଯିବ।

**ଅତ୍ୟନ୍ତ କଷ୍ଟ:** ଯେଉଁ କାମ ଦିନେ କରିବା ପାଇଁ ଅତ୍ୟନ୍ତ ସହଜ ମନେ ହେଉଥିଲା ସେହି କାମ କରିବା ପାଇଁ ଖୁବ୍ କଷ୍ଟ ଲାଗିବ। ଅତ୍ୟନ୍ତ ଉତ୍ସାହର ସହ କାମ ଶେଷକରି ଲକ୍ଷ୍ୟ ହାସଲ କରିଥିବା କାମ ମଧ୍ୟ କରିବା ପାଇଁ କଷ୍ଟ ଲାଗିବ। କାମ କରିବାର ଶକ୍ତି କ୍ଷୀଣ ହେବା ଭଳି ମନେ ହେବ। ସମ୍ପୂର୍ଣ୍ଣ ଅନାଗ୍ରହରେ କାମ କରୁଥିବେ। ଏହି ଅବସ୍ଥାର ଅର୍ଥ ହେଉଛି ମନ ଅତ୍ୟନ୍ତ ଭାରାକ୍ରାନ୍ତ ହୋଇପଡ଼ିଛି। ଏହି ସମୟରେ ତୁରନ୍ତ ମନକୁ ରିଚାର୍ଜ କରିବାକୁ ହେବ।

**ନିଦ ଅଳସୁଆ:** ଶୋଇକି ଉଠିବା ପରେ ସମସ୍ତଙ୍କୁ ଫ୍ରେଶ୍ ଲାଗେ। ହେଲେ ବେଳେବେଳେ ବହୁ ସମୟ ଶୋଇବା ପରେ ବି ଉଠିବା ପରେ ସେମିତି ଅନୁଭବ ହେଉ ନ ଥିବ। ତେଣୁ କିଛି ବି କାମ କରିବା ପାଇଁ ଆଦୌ ଇଚ୍ଛା ହେଉ ନ ଥିବ। ଏମିତିକି ଶରୀର ବି ଅସୁସ୍ଥ ଥିବା ଭଳି ଲାଗୁଥିବ। ଏହାର ଏକମାତ୍ର କାରଣ ହେଉଛି ମନ। ମାନସିକ କ୍ଳାନ୍ତି ଅନେକ ସମୟରେ ଶାରୀରିକ ଅସୁସ୍ଥତା ଅନୁଭବ କରାଇଥାଏ। ତେଣୁ ଅଧିକ ସମୟ ଶୋଇବା ପରେ ହୁଏତ ଶରୀର କିଛିମାତ୍ରାରେ ସୁସ୍ଥ ହୋଇପାରେ, ମାତ୍ର ମନକୁ ସୁସ୍ଥକରିବା ନିହାତି ଦରକାର। ସତେଜ ଅନୁଭବ କରିବା ପାଇଁ ସ୍ଥିରତା, ସଚେତନତା ଓ କିଛି ସମୟ ଆବଶ୍ୟକ।

**ଚିଡ଼ିଚିଡ଼ା ଲାଗିବା:** କୌଣସି କାରଣ ନ ଥାଇ ପ୍ରତ୍ୟେକ କଥାରେ ଚିଡ଼ିଚିଡ଼ା ଲାଗୁଥିବ। ବେଳେବେଳେ ଚାହୁଁ ନ ଥିଲେ ବି ଅନ୍ୟମାନଙ୍କୁ ବିରକ୍ତି ଭାବରେ ଏଣୁତେଣୁ କିଛି କହିଦେଉଥିବେ। ଏସବୁ ପାଇଁ କେବେକେବେ ଅନ୍ୟମାନଙ୍କ ସହ ଝଗଡ଼ା ବି ହୋଇପାରେ। ସବୁ ସରିବା ପରେ ଆପଣ ହୁଏତ ଚିନ୍ତା କରିପାରନ୍ତି କି ଭୁଲ୍ ହୋଇଗଲା। ଅନାବଶ୍ୟକଭାବେ ଆପଣ ଅନେକ କିଛି କଟୁ କଥା କହି ଦେଇଛନ୍ତି। ଏସବୁ ଲକ୍ଷଣ ବି ମନ ଉପରେ ଚାପ କାରଣରୁ ହୋଇଥାଏ। ଏହି ପରିସ୍ଥିତିରେ ବୁଝିନେବା ଦରକାର କି ମନ ଭାରାକ୍ରାନ୍ତ ହୋଇଯାଇଛି, ଏଥିରୁ ମୁକୁଳିବାକୁ ହେଲେ ଏକ ଗ୍ୟାପ୍ ଦରକାର।





**ଉପାୟ:**

❖ମନର ବିଚାର ଓ ଭାବନାକୁ ପ୍ରଥମେ ଡାଏରୀରେ ଲେଖନ୍ତୁ। ଦେଖିବେ ମନ କିଛି ମାତ୍ରାରେ ହାଲ୍‌କା ହୋଇଯିବ। ପ୍ରତିଦିନ ଏଭଳି ଅଭ୍ୟାସକରି ଡାଏରୀ ଲେଖିଲେ ନିଜକୁ ବହୁତ ଭଲ ଲାଗିବ। ପର ମୁହୂର୍ତ୍ତରେ ନିଜେ ସେସବୁ ପଢ଼ିଲେ ବି ଏକ ଭିନ୍ନ ଆନନ୍ଦ ପାଇପାରିବେ ଓ ନିଜ କାମରେ ଅଧିକ ଫୋକସ୍ କରିପାରିବେ।

❖ମନ ଅଶାନ୍ତ ଥିଲେ ଆପଣଙ୍କୁ ଭଲ ଲାଗୁଥିବା ଭଳି ବିଭିନ୍ନ ପ୍ରକାର ସଙ୍ଗୀତ ଶୁଣନ୍ତୁ। ଏହା ଏକ ଥେରାପୀ ଭଳି କାମ ଦେଇଥାଏ। ଫଳରେ ଆଙ୍ଗ୍‌ଜାଇଟି କମ୍ ହେବା ସହ ମନ ଶାନ୍ତ ରହିଥାଏ।

❖ମାନସିକ ଶାନ୍ତି ନିମନ୍ତେ ଭଲଭାବେ ଶୋଇବା ଜରୁରୀ। ରାତିରେ ୭ ଘଣ୍ଟା ଭଲ ନିଦରେ ଶୁଅନ୍ତୁ। ଥକ୍କାପଣ ଦୂରହେବା ସହ ମନ ବି ଭଲ ଲାଗିବ।


❖ଯଦି କାମ କରିବାକୁ ଇଚ୍ଛା ହେଉ ନ ଥାଏ ତେବେ କିଛି ସମୟର ବ୍ରେକ୍ ନିଅନ୍ତୁ। ଏହି ସମୟରେ ଘର ବାହାରେ ଏକ ଖୋଲା ପରିବେଶରେ ଅଥବା ନିଜ ବଗିଚାରେ ଥିବା ଗଛ ମୂଳରେ କଟାନ୍ତୁ। ନଚେତ୍ ସୁବିଧା ହେଲେ କିଛି ସମୟ ପାଇଁ ବାହାରେ କୌଣସି ସ୍ଥାନ କିମ୍ବା ପାର୍କକୁ ଯାଆନ୍ତୁ। ଏହା ପରେ ମନ ଫ୍ରେଶ୍ ଲାଗିବ।


❖ ଘରେ ହେଉ ଅବା ଅଫିସ ଯେଉଁଠି କାମ କରୁଛନ୍ତି ସେହି ସ୍ଥାନକୁ ନିଜ ଢଙ୍ଗରେ ସଜାଇ ରଖନ୍ତୁ। ଫଳରେ କାମ କରିବା ପାଇଁ ଆଗ୍ରହ ସୃଷ୍ଟି ହେବ।

❖ମହିଳାଙ୍କୁ ସବୁଠୁ ବେଶି ଭଲ ଲାଗେ ମାର୍କେଟିଂ। ଯଦି ସୁବିଧା ହୁଏ ତେବେ ସପିଂ କରନ୍ତୁ। ମନ ଭଲ ଲାଗିବ।

❖ ମେଡିଟେଶନ କଲେ ଅବସାଦରୁ ମୁକ୍ତି ମିଳିବା ସହ ରିଲାକ୍ସ ଅନୁଭବ କରିହେବ।

❖ମନକୁ ଏକ ନିର୍ଦ୍ଦିଷ୍ଟ ଗ୍ୟାପ୍‌ରେ ଡିଜିଟାଲ ଡିଟକ୍ସ କରାନ୍ତୁ। ଏସବୁ କାମରୁ ବାହାରି ମନପସନ୍ଦର କିଛି କାମକରି ପୁଣି ଥରେ ରିସେଟ୍ କରନ୍ତୁ।





## ସୌନ୍ଦର୍ଯ୍ୟ

# ବର୍ଷାଦିନେ ସୁନ୍ଦର କେଶ

**ବର୍ଷାପାଣିରେ ବିଭିନ୍ନ ପ୍ରକାର ସ୍କିନ୍ ଇନ୍‌ଫେକସନ୍ ହୋଇଥାଏ। ତେଣୁ ଏହି ଦିନେ ଯଦି କେଶ ବାରମ୍ବାର ଓଦା ହୁଏ ତେବେ ବିଭିନ୍ନ ସମସ୍ୟା ଦେଖାଦେଇଥାଏ। ତେଣୁ ଏହି ଦିନେ କିଭଳି ଯତ୍ନ ନେବେ ଜାଣିରଖନ୍ତୁ।**



★ବର୍ଷାରେ କେଶ ବାରମ୍ବାର ଓଦା ହେଲେ ତାହା ବିଭିନ୍ନ ସମସ୍ୟା ସୃଷ୍ଟି କରିଥାଏ। କେଶ ମୂଳ କୁଣ୍ଡାଇହେବା, ରୂପି ତଥା କେଶ ଝଡ଼ିବା ଭଳି ସମସ୍ୟା ଦେଖାଦେଇଥାଏ। ତେଣୁ ଏହି ଋତୁରେ କେଶର ଅଧିକ ଯତ୍ନନେବା ଦରକାର।

★ବର୍ଷାଋତୁରେ କେଶ ମୂଳକୁ ଇନ୍‌ଫେକଶନରୁ ରକ୍ଷା କରିବା ନିମନ୍ତେ ତେଲ ଲଗାନ୍ତୁ। ସପ୍ତାହକୁ ଅତିକମ୍‌ରେ ୨ଥର ତେଲ ଗରମକରି ମାଲିସ କରନ୍ତୁ। ଫଳରେ କେଶ ମୂଳରେ ରକ୍ତ ସଞ୍ଚାଳନ ବୃଦ୍ଧି ପାଇବ ଓ କେଶ ଝଡିବା କମ୍ ହେବ।

★କୌଣସି କାରଣରୁ ଯଦି ବର୍ଷାପାଣିରେ କେଶ ଓଦା ହୋଇଯାଏ ତା'ହେଲେ ଘରକୁ ଆସି କେଶ ଧୋଇଦିଅନ୍ତୁ। ନଚେତ୍ ବର୍ଷାପାଣି କେଶ ମୂଳରେ ପିଏଚ୍ ଲେବର ଅସନ୍ତୁଳନ କରାଇଥାଏ।

★ ଭଲ କ୍ୱାଲିଟିର ଶାମ୍ପୁ ଓ କଣ୍ଡିସନର ଲଗାନ୍ତୁ, ଏହା କେଶ ମୂଳକୁ ଅଧିକ ରୁକ୍ଷ କରିବ ନାହିଁ, ତେଣୁ କେଶ ଝଡ଼ିବା କମ୍ ହେବ।

★କେଶକୁ ସବୁବେଳେ ଶୁଖିଲା ରଖିବା ଦରକାର। ଶାମ୍ପୁ କରିବା ପରେ ପ୍ରାକୃତିକଭାବେ ଶୁଖିବା ପାଇଁ ଦିଅନ୍ତୁ। ଓଦା ଥିବା ସମୟରେ କେଶ ବାନ୍ଧନ୍ତୁ ନାହିଁ। ବର୍ଷାରେ ବାହାରକୁ ଯାଉଥିଲେ କେଶକୁ ଭଲଭାବରେ ଘୋଡ଼ାଇ ଯାଆନ୍ତୁ।




★ଓଦା କେଶକୁ କୁଣ୍ଡାଇବା ସମୟରେ ବଡ଼ ତଥା ଫାଙ୍କା ଥିବା ପାନିଆ ବ୍ୟବହାର କରନ୍ତୁ। ଏପରି ହେଲେ କେଶ ଅଧିକ ଛିଣ୍ଡିବ ନାହିଁ।

★ମନ୍‌ସୁନ୍‌ରେ କେଶକୁ କୋମଳ ରଖିବା ପାଇଁ ସପ୍ତାହକୁ ଥରେ କଣ୍ଡିସନର ନିଶ୍ଚୟ ଲଗାନ୍ତୁ।

★ସୁନ୍ଦର କେଶ ପାଇଁ ସନ୍ତୁଳିତ ଆହାର ନିଅନ୍ତୁ। କମ୍ ତେଲ ମସଲାର ଖାଦ୍ୟ ଖାଆନ୍ତୁ ଓ ପ୍ରଚୁର ପାଣି ପିଅନ୍ତୁ।

★ଦୋମୁହାଁ କେଶ ଓ ମଝିରୁ ନ ଫାଟିବା ପାଇଁ ନିୟମିତଭାବେ ଟ୍ରିମ୍ କରନ୍ତୁ।

★ତୈଳୀୟ କେଶ ହୋଇଥିଲେ ସପ୍ତାହକୁ ୨-୩ ଥର ସାମ୍ପୁ କରନ୍ତୁ ଓ କଣ୍ଡିସନର ଅଳ୍ପ ଲଗାନ୍ତୁ।

★ରୁକ୍ଷ କେଶ ହୋଇଥିଲେ ମଶ୍ଚରାଇଜ୍ ଥିବା ସାମ୍ପୁ ଓ କଣ୍ଡିସନର ବ୍ୟବହାର କରନ୍ତୁ। କେଶ ଶୁଖାଇବାକୁ ଆଦୌ ଡ୍ରାୟର ବ୍ୟବହାର କରନ୍ତୁ ନାହିଁ।

★କୁଞ୍ଚୁକୁଞ୍ଚିଆ କେଶରେ କର୍ଲ ଡିଫାଇନିଂ କ୍ରିମ୍ କିମ୍ବା ଜେଲ ଲଗାନ୍ତୁ। ବାରମ୍ବାର ସାମ୍ପୁ କରନ୍ତୁ ନାହିଁ। ଖୋଲା ତଥା ବଡ ପାନିଆରେ କେଶ କୁଣ୍ଡାନ୍ତୁ।

## ଖାଦ୍ୟରୁଚି

# ଲାଉ ଉତ୍ତପମ୍

**ଆବଶ୍ୟକ ସାମଗ୍ରୀ–**
ଲାଉ ୧ଟି, ପିଆଜ ୨ଟି, କଞ୍ଚାଲଙ୍କା ୪-୫ଟି, ଆଳୁ ୨ଟି(ସିଝା), ଚାଉଳ ୧ କପ୍, ଦହି ଅଧା କପ୍, ଫୁଟଣ ପାଇଁ ଶୁଖିଲା ଲଙ୍କା, ଭୃସଙ୍ଗପତ୍ର, ଜିରା ଓ ସୋରିଷ, ହେଙ୍ଗୁ ଅଳ୍ପ, ସ୍ୱାଦ ଅନୁସାରେ ଲୁଣ ଓ ତେଲ।

**ପ୍ରସ୍ତୁତି ପ୍ରଣାଳୀ–**
ଚାଉଳକୁ ଧୋଇ ୨-୩ ଘଣ୍ଟା ପର୍ଯ୍ୟନ୍ତ ଭିଜାଇ ଦିଅନ୍ତୁ। ପ୍ରଥମେ ଲାଉର ଚୋପା ଛଡ଼ାଇ ଭଲଭାବେ ଧୋଇଦିଅନ୍ତୁ। ଏବେ ଏହାକୁ କଟରରେ କୋରାଇ ରଖିଦିଅନ୍ତୁ। ଯଦି ମଞ୍ଜି ହୋଇଥାଏ ତେବେ ବାହାର କରି ଅଲଗା କରିଦିଅନ୍ତୁ। କୋରା ହୋଇଥିବା ଲାଉରେ ପିଆଜ ଓ କଞ୍ଚାଲଙ୍କାକୁ ଛୋଟ ଛୋଟ କାଟି ପକାନ୍ତୁ। ଏହାପରେ ଲୁଣ ପକାଇ ଗୋଳାଇ ଦେଇ ୫ ମିନିଟ୍ ରଖି ଦିଅନ୍ତୁ। ଏବେ ଭିଜା ହୋଇଥିବା ଚାଉଳ ସହିତ ଆଳୁକୁ ମିଶାଇ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏହି ମିଶ୍ରଣରେ କୋରା ହୋଇଥିବା ଲାଉକୁ ମିଶାନ୍ତୁ। ଆପଣ ଚାହିଁଲେ ଏହି କୋରା ଲାଉକୁ ଅଳ୍ପ ଗ୍ରାଇଣ୍ଡିଂ କରି ମିଶାଇ ପାରିବେ। ଏବେ ଏକ କଡ଼େଇରେ ୨ ଚାମଚ ତେଲ ଗରମ କରି ସେଥିରେ ହେଙ୍ଗୁ, ଶୁଖିଲା ଲଙ୍କା ଓ ଜିରା ସୋରିଷ ଫୁଟାନ୍ତୁ। ଏହାପରେ ଭୃସୁଙ୍ଗ ପତ୍ର ପକାଇ ମିଶ୍ରଣରେ ପକାଇ ଦିଅନ୍ତୁ। ଏଥିରେ ଅଳ୍ପ ଦହି ପକାଇ ସ୍ୱାଦ ଅନୁସାରେ ଲୁଣ ମିଶାନ୍ତୁ। ଅଧା ଚାମଚ ବେକିଂ ସୋଡ଼ା କିମ୍ବା ଇନୋ ମିଶାଇ ଗୋଳାଇ ଦିଅନ୍ତୁ। ଫୁଟଣ, ଭୃସଙ୍ଗପତ୍ର ସବୁ ମିଶିବା ପରେ ମିଶ୍ରଣ ସୁନ୍ଦର ଦେଖାଯିବ। ଏବେ ତାୱା ଗରମକରି ସେଥିରେ ତେଲ ଲଗାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଥିବା ମିଶ୍ରଣକୁ ଟିକିଏ ମୋଟାକରି ତାୱା ଉପରେ ଢାଳନ୍ତୁ। କମ୍ ଆଞ୍ଚରେ ଦୁଇପଟକୁ ସେକି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଲାଉ ଉତ୍ତପମ୍। ଏହାକୁ ଯେକୌଣସି ଚଟଣୀ ସହ ଗରମ ଗରମ ଖାଆନ୍ତୁ ବହୁତ ଭଲ ଲାଗିବ।



**ବୃଦ୍ଧଙ୍କୁ ମାଡ଼ ଅଭିଯୋଗ**

ବଣ୍ଡା,(ପରିକ୍ଷିତ ସାହୁ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ବନମାଳିପୁର ଗ୍ରାମର ବିକ୍ରମ ବେହେରା (୬୫)ଙ୍କୁ ତାଙ୍କ ସାନ ଭାଇ ବିପିନ ବେହେରା ଠେଙ୍ଗାରେ ରବିବାର ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କେ. ନଂ. ୨୦/୨୫ରେ ଏହି ମାମଲା ରୁଜୁ କରିଛି। ପୋଲିସ କହିଛି, ବିକ୍ରମ ହଳ ଧରି ଚାଷ ଜମିକୁ ଘରକୁ ଫେରୁଥିବା ବେଳେ କଳହ ହୋଇ ବିପିନଙ୍କ ଲେଖରେ ପଶି ଯାଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ପରେ ବିପିନ ଠେଙ୍ଗାରେ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

# ପ୍ରବଳ ବର୍ଷା, ଜନଜୀବନ ପ୍ରଭାବିତ

ଛେଣ୍ଡିପଦା,୧୪।୭(ଅଭିଜିତ୍ ଧଳ)

ପ୍ରବଳ ବର୍ଷା ଯୋଗୁ ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ଜନଜୀବନ ପ୍ରଭାବିତ ହୋଇଛି। ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ବିଭିନ୍ନ ସ୍ଥାନରେ ରାସ୍ତା ଉପରେ ୩ ଫୁଟ୍ ଉଚ୍ଚର ପାଣି ଲହଡି ମାରୁଥିବା ବେଳେ କେତେକ ଘର ଓ ଦୋକାନରେ ପାଣି ପଶି ଯାଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିଠାରୁ ଘଡଘଡି ସହ ପ୍ରବଳ ବର୍ଷା ଲାଗି ରହିଥିଲା। ସକାଳ ୯ ଟା ସୁଦ୍ଧା ପାଣିପାଗ ବିଭାଗ ରେକର୍ଡ ଅନୁସାରେ ୪୨. ୨ ମିଲିମିଟର ବର୍ଷା ହୋଇଥିଲା। ସେହିପରି ୯ ଟା ଠାରୁ ସନ୍ଧ୍ୟା ୫ଟା ମଧ୍ୟରେ ୭୨.୪ ମିଲିମିଟର ବର୍ଷା ରେକର୍ଡ ହୋଇଛି। ବର୍ଷା ଯୋଗୁ ଚାଷ ଜମି ଜଳମଗ୍ନ ହେବା ସହ ଛେଣ୍ଡିପଦା, ବାଗଡିଆ, କୋଶଳା, ଖାମାର ରାସ୍ତାରେ ୩ ଫୁଟ୍ ଉଚ୍ଚର ପାଣି ଲହଡି ମାରୁଛି। ସଦର ମହାକୁମା ଜଗନ୍ନାଥ ମନ୍ଦିର, ବାଗଡିଆ ବଜାର, ବାଗଡିଆ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ପାଣି ଜମି ରହିଛି। ଛେଣ୍ଡିପଦା ଫରେଷ୍ଟ କଲୋନୀ, ବାଗଡିଆ ବଜାରରେ ଥିବା ଦୋକାନ ଓ ଖାମାରରେ ଥିବା ବହୁ ଦୋକାନରେ ପାଣି ପଶିଛି। ଛେଣ୍ଡିପଦା ବ୍ଲକ ଦେଇ ଯାଇଥିବା ଜାତୀୟ ରାଜପଥ, ରାଜ୍ୟ ରାଜପଥ ଓ ପୂର୍ତ୍ତ ବିଭାଗ ରାସ୍ତା ପାଣିରେ ବୁଡ଼ିରହିବା ଯୋଗୁ ଯାତାୟାତ ବାଧାପ୍ରାପ୍ତ ସୃଷ୍ଟି ହୋଇଛି।



# ଅଭିଭାବକ-ଶିକ୍ଷକ ପରିଷଦ ସାଧାରଣ ବୈଠକ




ବଣ୍ଡଲା,୧୪।୭(ସୁଶିତ ସାହୁ)

ଅନୁଗୋଳ ବ୍ଲକ ବଡ଼କେରା ପଞ୍ଚାୟତ ଚମ୍ପତିମୁଣ୍ଡାସ୍ଥିତ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷର ଅଭିଭାବକ ଓ ଶିକ୍ଷକ ପରିଷଦର ସାଧାରଣ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ସମସ୍ତ ଅଭିଭାବକଙ୍କୁ ବିଦ୍ୟାଳୟ ତରଫରୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ପରିଷଦ ତଥା ବିଦ୍ୟାଳୟ ଅଧକ୍ଷ ସିଦ୍ଧାର୍ଥ ଶଙ୍କର ବରାଳ, ଉପାଧ୍ୟକ୍ଷ ରତ୍ନାକର ସାହୁ ପ୍ରମୁଖ ଶିକ୍ଷକ ଗଣ ଯୋଗଦେଇ ମା' ସରସ୍ୱତୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବିଗତ ଶିକ୍ଷା ବର୍ଷର ୨ ସଦସ୍ୟ ସେମାନଙ୍କ ଅନୁଭୂତି ପ୍ରଦାନ କରିଥିଲେ। ଉପାଧ୍ୟକ୍ଷ ପରିଷଦର ଉପାଦେୟତା ଓ ଏହାର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ବିଦ୍ୟାଳୟ ଉପାଧ୍ୟକ୍ଷ ବିଗତ ବର୍ଷ ପରିଷଦର କାର୍ଯ୍ୟଶୈଳୀ ଓ ଉପଲବ୍ଧି ବିଷୟରେ ବର୍ଣ୍ଣନା କରିବା ସହ ବିଗତ ବର୍ଷ ଦଶମ ଓ ଦ୍ୱାଦଶ ଶ୍ରେଣୀର ପରୀକ୍ଷା ଫଳ ତଥା ସମଗ୍ର ନବୋଦୟ ବିଦ୍ୟାଳୟ ସମିତି ଭୋପାଳ ସମ୍ଭାଗରେ ନବୋଦୟ ବିଦ୍ୟାଳୟ ଅନୁଗୋଳ ପ୍ରଥମ ସ୍ଥାନ ଅଧିକାର କରିବା ସମ୍ପର୍କରେ ତଥ୍ୟ ପ୍ରଦାନ କରିବା ସହ ବିଦ୍ୟାଳୟର କୃତିତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ସମସ୍ତ ଅଭିଭାବକ ନିଜ ପ୍ରତିନିଧି ଚୟନ କରିବା ସହ ୧୫ ଜଣ ଅଭିଭାବକ ସଦସ୍ୟ ଓ ବିଦ୍ୟାଳୟର ୫ ଜଣ ଶିକ୍ଷକ ସଦସ୍ୟଙ୍କୁ ମନୋନୀତ କରାଯାଇଥିଲା। ସାଧାରଣ ବୈଠକ ଶେଷରେ ବିଦ୍ୟାଳୟ ଉପାଧ୍ୟକ୍ଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମଧ୍ୟାହ୍ନ ଭୋଜନ ପରେ ଚୟନ ସଦସ୍ୟଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ସୁଶାନ୍ତ କୁମାର ବେହେରା ପରିଚାଳନା କରିଥିଲେ। ଶିକ୍ଷକ ଯାଦବେନ୍ଦ୍ର ଦାସ, ବିଭୂତି ରଞ୍ଜନ ମିଶ୍ର, ଜିତେନ୍ଦ୍ର କୁମାର, ପ୍ରକାଶ କୁମାର ଦାଶ, ହିମାଂଶୁ ଶେଖର ବେହେରା, ସୁନିତା ରାଉତ, ଆଲୋକିକା ଚକ୍ରବର୍ତ୍ତୀ, ରବିକାନ୍ତ କଟିୟାର ପ୍ରମୁଖ ସହଯୋଗ କରିଥିଲେ।

# କମଳେଶ୍ୱରଙ୍କ ପୀଠରେ ଜଳାଭିଷେକ

ସନ୍ତିଛକ,୧୪।୭(ସନ୍ତୋଷ ପରିଡ଼ା)

ଶ୍ରାବଣ ମାସର ପ୍ରଥମ ସୋମବାର ଅବସରରେ ଅନୁଗୋଳ ଜିଲ୍ଲା କମଳାଙ୍ଗ ପଞ୍ଚାୟତର ଶ୍ରୀ କମଳେଶ୍ୱର ଶୈବ ପୀଠରେ କାଉଡ଼ିଆ ଜଳଲାଗି କରିଛନ୍ତି ଭକ୍ତମାନେ ବ୍ରାହ୍ମଣୀ ନଦୀ ପଠାରେ ଧଣ୍ଡା ପୁଜାକରି କମଳେଶ୍ୱର ମନ୍ଦିରକୁ ଆସି ପାଣି ଢାଳିଥିଲେ। ପ୍ରାୟ ୮ ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଏଥିରେ ବେଷ୍ଟୁଧର ମହାପାତ୍ର, ମାୟାଧର ଦାସ, ପର୍ଶୁରାମ ମହାପାତ୍ର, ଲଳିତ ଦାସ, ଦାମୋଦର ଦାସ, ବିଜୟ ଦାସ ଏବଂ ଟ୍ରଷ୍ଟର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର



ସନ୍ତିଛକ,୧୪।୭(ସନ୍ତୋଷ ପରିଡ଼ା)

ଭାରତୀୟ ଚର୍ମ ଚିକିତ୍ସକ ସଂଘ ଅନୁଗୋଳ ଜିଲ୍ଲା ଶାଖା ପକ୍ଷରୁ ରବିବାର ପୂର୍ବାହ୍ନରେ ଏକ ନିଃଶୁଳ୍କ ଚର୍ମରୋଗ ଚିକିତ୍ସା ଶିବିର ବଣ୍ଟପାଳ ବ୍ଲକ ଗଡ଼ସନ୍ତ୍ରୀ ପଞ୍ଚାୟତ ଅଫିସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଚିକିତ୍ସକ ସଂଘ ଅନୁଗୋଳ ଜିଲ୍ଲା ଶାଖା ଅଧ୍ୟକ୍ଷ ତଥା ବରିଷ୍ଠ ଚର୍ମରୋଗ ବିଶେଷଜ୍ଞ ଡା. ବିଚ୍ଛନ୍ଦଚରଣ ପ୍ରଧାନ, ଡା. ବିଶ୍ୱଜିତ ସାମଲ ପ୍ରମୁଖ ଯୋଗଦେଇ ୧୩୯ ଜଣ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହା ସକାଳ ୯ଟା ୩୦ ରୁ ୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ସରପଞ୍ଚ ଚନ୍ଦ୍ରଧର ବେହେରା, ସମିତିସଭ୍ୟା ନର୍ମଦା ମାଝୀ ଏବଂ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ରମାଦେବୀଙ୍କ ୧୨୫ତମ ଜୟନ୍ତୀ ସମାରୋହ

ଆଠମଲ୍ଲିକ,୧୪।୭(ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲ୍ଲା ଆଠମଲ୍ଲିକସ୍ଥିତ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଉତ୍କଳ ସମ୍ମିଳନୀ ଜିଲ୍ଲା ସଭାପତି ତଥା ଶିକ୍ଷାବିତ୍ ବିଶ୍ୱରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ରାଜା କିଶୋର ଚନ୍ଦ୍ର ଦେଓଙ୍କ ସିଂହାସନ ଆରୋହଣର ୧୦୦ ବର୍ଷ ପୂର୍ତ୍ତି ଓ ସ୍ୱାଧୀନତା ସଂଗ୍ରାମୀ ମା' ରମାଦେବୀଙ୍କ ୧୨୫ ତମ ଜୟନ୍ତୀ ସମାରୋହ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ରାଜା ପରେଶ ଦେଓ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଆଦିତ୍ୟ କୁମାର ସାହୁ, ଶିକ୍ଷାବିତ୍ ବେବରାଜ ନାୟକ, ସମ୍ମାନିତ ଅତିଥି ଭାବେ ଉତ୍କଳ ସମ୍ମିଳନୀ ସଦସ୍ୟା ଲିପିକା ମହାପାତ୍ର, ପ୍ରଧାନ ଶିକ୍ଷକ ସୁନିଲ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ସ୍ୱାଧୀନତା ଆନ୍ଦୋଳନରେ ରମାଦେବୀଙ୍କ ଭୂମିକା ସମ୍ପର୍କରେ ବ୍ୟାଖ୍ୟା କରିବା ସହିତ ଗଡ଼ଜାତ ଅଞ୍ଚଳ ଆଠମଲ୍ଲିକର ପ୍ରଜାବତ୍ସଳ ରାଜା କିଶୋର ଚନ୍ଦ୍ର ଦେଓଙ୍କ ସମୟରେ ଆଠମଲ୍ଲିକ ଅଞ୍ଚଳର ଶିକ୍ଷା, ଗମନାଗମନ, କଳାସଂସ୍କୃତି ଓ ସାହିତ୍ୟ କ୍ଷେତ୍ରରେ ବିକାଶ ସମ୍ଭବ ହୋଇପାରିଥିଲା ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସ୍କୁଲର ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ପ୍ରାଧ୍ୟାପିକାଙ୍କ ବିୟୋଗରେ ଶୋକସଭା



ଓଡ଼ାପଡ଼ା,୧୪।୭(ରଞ୍ଜିତ୍ ନାୟକ)

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳରୋଡସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ.ସୁଚେତା ମିଶ୍ରଙ୍କ ରବିବାର ପରଲୋକ ହୋଇଯାଇଛି। ସୋମବାର ହିନ୍ଦୋଳ ରୋଡ୍ ହନୁମାନ ମନ୍ଦିର ପରିସରରେ ରଞ୍ଜିତ ନାୟକଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ଯୋଗଦେଇ ପ୍ରାଧ୍ୟାପିକା ମିଶ୍ର କର୍ତ୍ତବ୍ୟ ପରାୟଣ ଓ ଛାତ୍ରବତ୍ସଳ ଥିଲେ ବୋଲି କହିଥିଲେ। ଏଥିସହ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶୁକଦେବ ମହାରାଣା ସମରଜୀତ ପଟ୍ଟନାୟକ, ପଙ୍କଜ ଲୋଚନ ଦାସ, ହଟକିଶୋର ରାଉତ, ପ୍ରଦୀପ କୁମାର ସାହୁ, ରବିନାରାୟଣ ବେହେରା ଓ ଅରୁଣ ସେନାପତ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ନୀରବ ପ୍ରାର୍ଥନା କରିଥିଲେ।

# ଶୈବପୀଠରେ କାଉଡ଼ିଆଙ୍କ ଜଳଲାଗି

କାମାକ୍ଷାନଗର,୧୪।୭(ସୁଧାର କୁମାର ପରିଡ଼ା)

ଶ୍ରାବଣ ମାସର ପ୍ରଥମ ସୋମବାର ଅବସରରେ କାମାକ୍ଷାନଗରର ବିଭିନ୍ନ ଶୈବପୀଠରେ କାଉଡ଼ିଆମାନେ ଜଳ ଲାଗି କରିଥିଲେ। କାମାକ୍ଷାନଗର ପୁରାତନ ରାମେଶ୍ୱର ମନ୍ଦିରରେ ୫ ହଜାରରୁ ଅଧିକ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ହୋଇଥିଲା। ମନ୍ଦିର କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସେହିପରି ଶିଳୁଆପାଳ ଶିବ ମନ୍ଦିର, ବିଜୟିନ୍ଦ ଶିବ ମନ୍ଦିର, କେଦାରେଶ୍ୱର, କାମେଶ୍ୱର, କାମାକ୍ଷାନଗର, କାପୁଆ, ବଡ଼ସୋଲା ହାତୁଆରା କପିଳେଶ୍ୱର ମନ୍ଦିର ଆଦିରେ ଶତାଧିକ କାଉଡ଼ିଆ ଜଳଲାଗି କରିଥିଲେ।

# ମଦ ଜବତ, ଜଣେ ଗିରଫ



ବଣ୍ଟପାଳ,୧୪।୭(ସୁବାସ ସାହୁ)

ଅନୁଗୋଳ ଜିଲ୍ଲା ନାଲ୍କୋ ନଗର ଥାନା ସିପିସି ଛକ ନିକଟରେ ଥିବା ଏକ ଚାହା ଦୋକାନରେ ଦେଶୀ ଓ ବିଦେଶୀ ମଦ ବିକ୍ରିକରିବା ଅଭିଯୋଗରେ ସୋମବାର ନାଲ୍କୋ ପୋଲିସ ପରଙ୍ଗଙ୍କ ଅଞ୍ଚଳର ପର୍ଶୁରାମ ପରିଡ଼ା (୨୭)ଙ୍କୁ ଗିରଫ କରିଛି। ଆଇଆଇସି ଦୀପକ କୁମାର ସିଂ ଓ ଏଏସ୍‌ଆଇ ପବିତ୍ର ନାଗ ଚଢ଼ାଉ କରି ୧୮ ଲିଟର ମଦ ଜବତ କରିବା ସହ ପର୍ଶୁରାମଙ୍କୁ ଗିରଫ କରିଛନ୍ତି।



**ଦ.ପୂ. ରେଳପଥ – ଟେଣ୍ଡର**

(PR-388)

www.ireps.gov.in

**झारखण्ड सरकार**
**खेलकूद एवं युवाकार्य निदेशालय**
**(पर्यटन, कला-संस्कृति, खेलकूद एवं युवाकार्य विभाग)**

गेट नं०–28, बिरसा मुण्डा फुटबॉल स्टेडियम, मोराबादी, राँची–834008
E-mail Id - directorsportsjharkhand@gmail.com

**आवश्यक सूचना**

एतद् द्वारा सूचित किया जाता है कि खेलकूद एवं युवाकार्य निदेशालय, झारखण्ड, राँची द्वारा "Rate Contract For Supply Of Sports & Generic Kits" के निमित्त आमंत्रित निविदा(13/2025–26 दिनांक 26.05.2025) विज्ञापन संख्या – PR No. 353530 (Art, Culture, Sports & Youth Affairs) Dt. 27.05.2025 को अपरिहार्य कारणों से रद्द किया जाता है।

ह०/–
निदेशक,
खेलकूद एवं युवाकार्य निदेशालय, झारखण्ड, राँची।

PR.NO.357283 Art Culture Sports and Youth Affairs(25-26):D

**OFFICE OF THE NOTIFIED AREA COUNCIL, NIMAPARA**
At/PO/PS - Nimapara, Dist - Puri, Odisha, PIN - 752106
eMail ID - nimapadanac@gmail.com, eo-nacnimapada.od@gov.in,
Website - nimaparanac.in, Phone-06758-454167
Letter No.1316/Date 13.07.2025

**CORRIGENDUM**

No.C-670 : With Reference to the e-Procurement Notice No.2132/ Date 26.06.2025, Bid Reference No. : NP-NAC-01/2025-26 and Bid Identification No. : 2025_ORULB_114915_1 to 9, the Tender will be extended for submission of Bid Online till Dt.18.07.2025 upto 5.00 P.M. and Bids received online shall be opened at 11.00 A.M. on Dt.19.07.2025 for Technical Qualification due to unavoidable circumstances. Further details can be seen from the procurement portal i.e. www.tendersodisha.gov.in.

Sd./- Executive Officer
Nimapara N.A.C.

OIPR-13112/11/0029/2526

**OFFICE OF THE REGULATED MARKET COMMITTEE, SAMBALPUR**
E-PROCUREMENT (INVITATION FOR BIDS)
TENDER CALL NOTICE No. 604/RMC. Dt.10.07.2025
BID IDENTIFICATION No.01/2025-26

No.H-16 : Sub-Collector, Sambalpur-cum-Chairman, RMC, Sambalpur invites one construction work at Sanatanpali under RMC, Sambalpur. The details of which available at e-procurement portal www.tendersodisha.gov.in. Intending bidders are requested to visit the mentioned website for submission of e-tender.
Last date/time for submission of bid is 29.07.2025 upto 5.00 P.M.
Bids received online shall be opened on dt.31.07.2025 at 11.00 A.M.

Sd./- Sub-Collector, Sadar-cum-Chairman, RMC, Sambalpur

OIPR-15013/11/0060/2526

No.CAD-1070

idco ODISHA NEW OPPORTUNITIES

**OFFICE OF THE DIVISIONAL HEAD, IDCO, CUTTACK DIVISION, JAGATPUR (NEW), CUTTACK-754021**

Tender Call Notice No. IDCO/CTC/CIVIE : 1322 Dated : 05.07.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the work : Construction of CC Road from IDCO Plot No.28 to Plot No.27 at Old Industrial Estate, Jagatpur, Cuttack.
2. Estimated cost : Rs.23.35 Lakh
3. Period of completion : 03 (Three) Calendar months
4. Other details

| Procurement Officer | Bid ID/Tender reference No. | Availability of Tender on-Line for Bidding | |
|---|---|---|---|
| 1 | 2 | 3 | 4 |
| Divisional Head, IDCO, Cuttack Division | Bid ID/Tender reference No. CTC/CIV/ EST/E-01/2025-26 | 17.07.2025 at 17.00 Hrs. | 31.07.2025 up to 17.00 Hrs. |

Further details can be seen from the e-procurement portal, www.tendersodisha.gov.in and Corrigendum if any will not be published in newspapers and can only be seen in the e-Procurement portal www.tendersodisha.gov.in and www.idco.in.

Sd./- Divisional Head
IDCO, Cuttack Division

OIPR-14003/11/0198/2526

**FOREST DEPARTMENT** No.MM-123
**OFFICE OF THE DIVISIONAL FOREST OFFICER, BARIPADA FOREST DIVISION**
e-mail : dfo.baripada@odisha.gov.in
Government of Odisha "e" Procurement Notice
Bid Identification No. : DFO-BPD-04/2025-26

1. Number of works : 3 (Three numbers of work)
2. Approximate estimated cost : 8.08 lakh to 27.23 lakh
3. Period of Completion : 90 (Ninety) days
4. Date & Time of availability of bid documents in the portal : Dt.16.07.2025 to 25.07.2025
5. Last Date / Time of receipt of bid in the portal : Dt.25.07.2025 up to 5.00 P.M.
6. Date of Opening of bid : Dt.28.07.2025 at 11.00 A.M.
7. Name & address of the Office inviting bid : O/o the Divisional Forest Officer, Baripada Forest Division, Baripada, Mayurbhanj, Pin-757001

Further details can be seen from the e-procurement portal http:// www.tendersodisha.gov.in

Sd./- Divisional Forest Officer
Baripada Forest Division

OIPR-08065/11/0014/2526

No.C-664

**GOVERNMENT OF ODISHA**
**OFFICE OF THE ADDITIONAL CHIEF ENGINEER, PUBLIC HEALTH CIRCLE, BERHAMPUR**
E-Mail ID - acephcbam@gmail.com
**NATIONAL COMPETITIVE BIDDING THROUGH e-PROCUREMENT**
**Invitation For Bids (IFB)**

| Sl. No. | Name of Work | Bid Identification No. | Estimated Cost (Rs. in Lakhs) | Period of Completion | Availability of Bid Document for Online Bidding From | To | Name & Address of Officer Inviting Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of WTP and laying of RWRM and CWRM with ancillary works for Sorada NAC' under AMRUT 2.0, (SWAP-III) | Identification No. ACEPHCBAM 07/2025-26 Dt. 11.07.2025 | 684.70 | 12 (Twelve) Calendar Months | 11.00 Hrs. of 19.07.2025 | 17.30 Hrs. of 04.08.2025 | Chief Engineer, P.H. Circle, Berhampur |

The technical bid shall be opened on dt. 08.08.2025 at 12.30 P.M.
Further details can be seen from the e-Procurement portal http://tendersodisha.gov.in

Sd./- Chief Engineer (PH)

OIPR-13004/11/0020/2526

**Government of Odisha, "e"-Procurement Notice**
**WORKS DEPARTMENT**
E-mail : ceroads.bbsr@gmail.com
**RFP Identification No. CE-Roads-II-01/2025-26**
No.B-285

1. The Chief Engineer, Roads-II, Odisha (Authority) on behalf of the Works Department, Govt. of Odisha is engaged in the Development of State Roads and Highways in Odisha and as part of this endeavour, Govt. of Odisha has decided to undertake the following "Projects" under EPC Contract (Engineering, Procurement and Construction) basis and has decided to carry out the bid process for selection of the parties/Joint Ventures to whom the Project may be awarded eventually.
2. Nature of project : Road works
3. No. of project : 2 Nos.
4. Tender Paper cost : Rs. 10,000.00
5. Class of Contractor : Super Class
6. Available of bid document in the website : From 10.00 A.M. of 22.07.2025 to 5.30 P.M. of 12.08.2025
7. Date of Pre-Application conference : 02.08.2025 at 12.30 P.M.
8. Date of opening of Bid : Dt.13.08.2025 at 11.30 A.M.
9. The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum/corrigendum/cancellation of tender can also be seen in the said website.

Sd./- Chief Engineer (Roads-II), Odisha

OIPR-34181/11/0029/2526

**WORKS DEPARTMENT**
**OFFICE OF THE SUPERINTENDING ENGINEER BHADRAK (R&B) DIVISION**
No.B-300
e-mail : bhadrakrnbdivision@gmail.com
Government of Odisha "e" Procurement Notice
Bid Identification No. SE (R&B) BDK-06/2025-26
No.5473/dt.-11.07.2025

Nature of work : Civil Works
Number of works : 5 (Five) Nos
Amount put to Tender : Rs.16.60 to 87.97
Class of Contractor : B Class, B&C, C&D Class
Date & Time of availability of bid document in the portal : 21.07.2025 at 11.00 A.M.
Last Date / Time of receipt of bid in the portal : 30.07.2025 up to 05.00 P.M.
Date of opening of bid : Dt.31.07.2025 at 11.30 A.M.
Name & address of the Office inviting bid : Superintending Engineer, Bhadrak (R&B) Division
The bidders have to participate in ONLINE bidding only
Further details can be seen from the e-procurement portal "http//tendersodisha.gov.in".
All future corrigendum will be available on ONLINE mode only

Sd./- Superintending Engineer
Bhadrak (R&B) Division

OIPR-34079/11/0025/2526

**राजकीय रेल थाना धनबाद**

**आवश्यक सूचना**

सर्व साधारण को सूचित किया जाता है कि रेल थाना धनबाद काण्ड संख्या–41/2022, दिनांक–01.02.2022, धारा–379 भा0द0वि0 के अप्राथमिकी अभियुक्त संजय हेम्ब्रम, पिता–कासरम हेम्ब्रम, पता–बेनासुली नयाग्राम गरमल, थाना–सालबनी (पीड़ाकाटा पुलिस पोस्ट), जिला–पश्चिमी मेदिनीपुर (प0बं0) जो गिरफ्तारी के डर से भाग फिर रहा है। उनके विरुद्ध माननीय रेलवे न्यायालय धनबाद के द्वारा इश्तेहार निर्गत किया गया है जिनका दिनांक–04.07.2025 को विधिवत् तामिला किया जा चुका है। अगर यदि वे एक महिना के अंदर रेल थाना धनबाद अथवा माननीय रेलवे न्यायालय धनबाद में आत्मसर्पण नहीं करते है तो उनके चल संपत्ति की कुर्क करने हेतु माननीय रेलवेग न्यायालय धनबाद से कुर्की अधिपत्र निर्गत करने हेतु अनुरोध किया जायेगा।

विश्वासभाजन
(कैलाश प्रसाद महतो)
पु0अ0नि0 रेल थाना धनबाद

PR 357294 (Police)25-26*D

**ଫର୍ମ ନଂ.-୧୩**
**ଋଣ ଅସୁଲି ପ୍ରାଧିକରଣ, କଟକ**

ବ୍ୟାଙ୍କ ଅଫ୍ ଇଣ୍ଡିଆ .....ଆବେଦନକାରୀ
ବନାମ
ଶ୍ରୀମତୀ ମଞ୍ଜୁଲତା ସାମନ୍ତରାୟ ଏବଂ ଅନ୍ୟମାନେ .....ପ୍ରତିବାଦୀମାନେ

ପ୍ରାର୍ଥନା କାର୍ଯ୍ୟିକ ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ
ଖବରକାଗଜ ପ୍ରକାଶନ ଦ୍ୱାରା ଜାରୀ ସମନ୍

ସ୍ୱା/- (ନିଷ୍କର ରଞ୍ଜନ ପତି)
ରେଜିଷ୍ଟ୍ରାର

No.O-414

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BOLANGIR**
**e-Procurement Notice**

1. Name of work : Improvement to NH-201 to Bhanpur Road in the district of Bolangir under MMSY-Improvement to Existing RD Road for the year 2024-25 in the district of Bolangir
2. No. of work : 1 (One) work
3. Time for completion : 9 (Nine) Calendar Months
4. Approximate estimated cost : Rs.129.62 lakhs
5. Mode of submission of tender : Tender should be submitted online in www.tendersodisha.gov.in
6. Other details are as follow

| Procurement Officer | Bid Identification No. | Availability of Tender on line for bidding From | To | Last date and time of seeking tender clarification | Date & time of opening of tender Technical Bid | Financial Bid |
|---|---|---|---|---|---|---|
| Chief Construction Engineer, R.W. Circle, Bolangir | BLGR-Online-08/2025-26 | 16.07.2025 at 11.00 A.M. | 30.07.2025 upto 5.00 P.M. | 29.07.2025 upto 5.00 P.M. | 31.07.2025 at 11.00 A.M. | The date will be intimated later on |

- Further details can be seen from the website www.tendersodisha.gov.in
- Any Corrigendum/Addendum will be displayed in the above e-tender website only.

Sd./- S.Mahali
Chief Construction Engineer
R.W.Circle, Bolangir

OIPR-25118/11/0040/2526

No.A-380

**GOVERNMENT OF ODISHA**
**DEPARTMENT OF WATER RESOURCES**
**O/o THE CHIEF ENGINEER AND BASIN MANAGER, MAHANADI BASIN, AT-BURLA, DISTRICT-SAMBALPUR, PIN-768017**
E-mail ID - cebmumbburla@gmail.com
'e' Procurement Notice No-CE & BM-MB-02/2025-2026 (Online)
Bid Identification No-CE & BM-MB-02/2025-2026 (Online)

| | | |
|---|---|---|
| 1 | Name of the work | Renovation of Canal System of Hirakud Dam Project of Kadobahal Canal Section |
| 2 | No of works | One (01) number |
| 3 | Class of contractor | "Special Class" and "Super Class" |
| 4 | Bid Identification No | CE&BM-MB-02/2025-2026 (Online) |
| 5 | Estimated cost | Rs.20.05 Crores |
| 6 | Period of completion | 24 (Twenty-Four) Calendar Months |
| 7 | Date and time of availability of Bid Documents in the portal | Dated - 15.07.2025 at 11.30 A.M. to Dated - 04.08.2025 up to 5.00 P.M. |
| 8 | Last date/time for receipt of Bids in the portal | Dated - 04.08.2025 up to 5.00 P.M. |
| 9 | Date of opening of Technical Bid (Cover-I) | Dated - 05.08.2025 at 11.30 A.M. O/o Chief Engineer & Basin Manager, Mahanadi Basin, Burla |
| 10 | Name and Address of the Officer inviting Bid | Chief Engineer & Basin Manager, Mahanadi Basin, Burla, Dist-Sambalpur, Odisha-768017 Email ID : cebmumbburla@gmail.com |

1. Any addendum/corrigendum/cancellation/erratum of tender can also be seen in the said Website.
2. Further details can be seen from Government Website http://tendersodisha.gov.in.

Sd./- Chief Engineer & Basin Manager, Mahanadi Basin, Burla

OIPR-32508/11/0005/2526

# ୭ ଦଫା ଦାବି ନେଇ ଆପ୍ ପକ୍ଷରୁ ଦାବିପତ୍ର

■ଶିକ୍ଷାନୁଷ୍ଠାନରେ ନିର୍ଯାତିତ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ କରାଯାଉ

■ସୋସିଆଲ ମିଡିଆ ପ୍ଲାଟଫର୍ମରେ ଅଭିଯୋଗ ଶୁଣାଣି ହେଉ

ଢେଙ୍କାନାଳ,୧୪।୭(ରତନ ନାୟାର)



ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଢେଙ୍କାନାଳ ଆମ୍ ଆଦମୀ ପାର୍ଟି ପକ୍ଷରୁ ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୭ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀଙ୍କୁ ସୋମବାର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଜିଲାରେ ବେଆଇନ ନିଶା କାରବାର ବନ୍ଦ ଓ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ପ୍ରଦାନ, ଗିରଫ ହେଉଥିବା ଚୋରା ଦେଶୀ ବିଷାକ୍ତ ମଦ ବ୍ୟବସାୟୀମାନଙ୍କୁ ଆଜୀବନ କାରାଦଣ୍ଡ ଦେବାର ବ୍ୟବସ୍ଥା କରାଯିବା, ଜନପ୍ରତିନିଧି, ଅପରାଧରେ ଲିପ୍ତ ଥିବା ପ୍ରଶାସନିକ ତଥା ପୋଲିସ ଅଧିକାରୀମାନଙ୍କୁ ବହିଷ୍କାର ସହ ଆଜୀବନ କାରାଦଣ୍ଡାଦେଶ ଆଦି ଦାବି କରାଯାଇଛି। ଅନ୍ୟ ଏକ ଦାବିପତ୍ରରେ ବାଲେଶ୍ୱରସ୍ଥିତ ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣା ପରି ଅନେକ ନିର୍ଯାତିତ ଛାତ୍ରୀ ନ୍ୟାୟ ଅପେକ୍ଷାରେ ଥିବାରୁ ସେମାନଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରାଯାଉ। ସମସ୍ତ ଶିକ୍ଷାନୁଷ୍ଠାନରେ ବାଲେଶ୍ୱର ଭଳି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ଅଧ୍ୟକ୍ଷ ଏବଂ କମିଟି ଉଚିତ ପଦକ୍ଷେପ ନେବା, ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଆସୁଥିବା ଅଭିଯୋଗଗୁଡ଼ିକୁ ସୋସିଆଲ ମିଡିଆରେ ଶୁଣିବା ପାଇଁ ନିର୍ଦ୍ଦେଶ ଦିଆଯିବା, ଏପରି ଅଭିଯୋଗଗୁଡ଼ିକୁ ଗୁରୁତ୍ୱ ଦେଇ ମାମଲା ରୁଜୁ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦିଆଯିବା ଆଦି ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ରାଜ୍ୟ ସଙ୍ଗଠନ ସମ୍ପାଦକ ଭରତ କୁମାର ଦାସ, ଜିଲା ସଭାପତି ରମେଶ ଚନ୍ଦ୍ର ପଣ୍ଡା, ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା, ସଦର ନିର୍ବାଚନମଣ୍ଡଳୀ ସଭାପତି ରତିରଞ୍ଜନ ଜେନା, ନଗର ସଭାପତି ଦେବାଶିଷ ନନ୍ଦ, ସଦର ବ୍ଲକ ଉପସଭାପତି ଜୟନ୍ତ ଦାସ, ସଦସ୍ୟ ପ୍ରସନ୍ନ ବରାଳ, ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଦାବିଗୁଡ଼ିକୁ ତୁରନ୍ତ ପୂରଣ କରା ନ ଗଲେ ଆନ୍ଦୋଳନାପନ୍ଥା ଅବଲମ୍ବନ କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଜଳଲାଗି କଲେ ୫୦ ହଜାର କାଉଡ଼ିଆ



କପିଳାସ ପୀଠରେ କାଉଡ଼ିଆଙ୍କ ଜଳଲାଗି।

ଗଁଦିଆ,୧୪।୭(ବିଶ୍ୱ ମୋହନ ସାହୁ)

**ଶ୍ରାବଣ ମାସ ପ୍ରଥମ ସୋମବାରରେ କପିଳାସ ପୀଠରେ ଗହଳି**

ଶ୍ରାବଣ ମାସର ପ୍ରଥମ ସୋମବାର ଅବସରରେ ରାଜ୍ୟ ତଥା ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଶୈବପୀଠ କପିଳାସରେ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆ ମହାପ୍ରଭୁ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ଠାରେ ଜଳଲାଗି କରିଥିଲେ। ଢେଙ୍କାନାଳ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ କାଉଡ଼ିଆ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା କପିଳାସକୁ। ଢେଙ୍କାନାଳ ସଦର ଥାନା ବ୍ରାହ୍ମଣୀ ନଦୀର ଗେଙ୍ଗୁଟିଆ ଘାଟ, ଗଁଦିଆ ଥାନା ମନ୍ଦାର ଘାଟ ଓ କାଲୁରିଆ ବ୍ରାହ୍ମଣୀ ଘାଟ, କଟକ ମହାନଦୀ ଗଡ଼ଗଡ଼ିଆ ଘାଟରୁ ଶ୍ରଦ୍ଧାଳୁମାନେ ପାଣି ଉଠାଇ କପିଳାସରେ ପହଞ୍ଚି ଜଳଲାଗି କରିଥିଲେ। ଶ୍ରଦ୍ଧାଳୁମାନେ ଜୟ ଜୟ କପିଳାସ ବାବା, ଓମ୍ ନମଃ ଶିବାୟ ଧ୍ୱନି ଦେଇ ବାରବାଙ୍କ ରାସ୍ତା ଓ ପାହାଚ ରାସ୍ତାଦେଇ ଯାଉଥିବା ଦେଖାଯାଇଥିଲା। ପ୍ରଶାସନ ପକ୍ଷରୁ ଭିଡ଼ ନିୟନ୍ତ୍ରଣ କରିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଓ ଆଶୁ ଚିକିତ୍ସା ବ୍ୟବସ୍ଥା କରାଯାଇଥିଲା। ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ ବହୁ ସଂଖ୍ୟାରେ ଫୋର୍ସ ମୁତୟନ କରାଯାଇଥିଲା।

# ଅଦାଲତ ପରିସରରେ ଚାରାରୋପଣ





ଅଦାଲତ ପରିସରରେ ଚାରାରୋପଣ କରାଯାଉଛି।

ପରଜଙ୍ଗ,୧୪।୭(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗସ୍ଥିତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ପରିସରରେ ସୋମବାର ବିଚାରପତି ଦିଲୀପ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ୭୬ ତମ ବନମହୋତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଇନଜୀବୀ ପ୍ରଦୀପ ସାହୁ, ବେଣୁଧର ସାହୁ, ସଦାଶିବ ମଲ୍ଲିକ, ବିନୋଦ ସାହୁ, ଅଶୋକ ଦଳବେହେରା, କୋର୍ଟ କର୍ମଚାରୀ ମହେନ୍ଦ୍ର ଭୋଇ, ବିଶ୍ୱରଞ୍ଜନ ରାଉତ, ଅଶ୍ୱିନୀ ଭୋଇ, ଉପେନ୍ଦ୍ର ନାୟକ, ସନ୍ତୋଷ ବାରିକ, ଦେବାନନ୍ଦ ବେହେରା, ରେଞ୍ଜର ହରିଶ୍ଚନ୍ଦ୍ର କିଶନ, ଡିହଡୋଳ ଫରେଷ୍ଟର ଚନ୍ଦ୍ରଶେଖର ବେହେରା, ହାତୀ ସ୍କ୍ୱାଡ୍ ପ୍ରମୁଖ ଉପସ୍ଥିତ ରହି ଚାରାଟିଏ ମା'ଙ୍କ ନାମରେ ଅଭିଯାନରେ ସହଯୋଗ କରିଥିଲେ। ଏଥିରେ କରଞ୍ଜ, ଅଁଳା, ଅଶୋକ ଆଦି ବିଭିନ୍ନ ଚାରାରୋପଣ କରାଯାଇଥିଲା।

# ପିଙ୍ଗୁଆରେ ଝାଡ଼ାବାନ୍ତି ବ୍ୟାପିଲା

ଗଁଦିଆ,୧୪।୭(ବିଶ୍ୱ ମୋହନ ସାହୁ)



ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ପିଙ୍ଗୁଆ ଗ୍ରାମ ୧ନଂ ୱାର୍ଡରେ ସୋମବାର ଝାଡ଼ାବାନ୍ତି ବ୍ୟାପିଥିବା ଜଣାପଡିଛି। ୨ଦିନ ମଧ୍ୟରେ ୯ଜଣ ରୋଗୀ ଚିହ୍ନଟ ହୋଇଛନ୍ତି। ଅଞ୍ଚଳବାସୀ କହିଛନ୍ତି, ଝାଡ଼ାବାନ୍ତିରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଛନ୍ତି। ଆକ୍ରାନ୍ତମାନଙ୍କୁ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଅନ୍ୟ କେତେଜଣ ଆକ୍ରାନ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସପନ ମହାନ୍ତି, ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସ୍ଥିତପ୍ରଜ୍ଞ ମହାନ୍ତି, ସ୍ଥାନୀୟ ଅଞ୍ଚଳର ସ୍ୱାସ୍ଥ୍ୟକର୍ମୀ ଓ ଆଶାକର୍ମୀ ଏବଂ ସ୍ୱାସ୍ଥ୍ୟ ବିଭାଗର ଅନ୍ୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ସମୀକ୍ଷା କରିବା ସହିତ ଭୟଭୀତ ନ ହେବା ପାଇଁ ଲୋକମାନଙ୍କୁ ସଚେତନ କରିଛନ୍ତି। ଏକ ଦୂଷିତ କୂଅରୁ ପାଣି ପିଇବା ଦ୍ୱାରା ଝାଡ଼ାବାନ୍ତି ବ୍ୟାପିଥିବା ସନ୍ଦେହ କରାଯାଉଛି। କୂଅ ପାଣିକୁ ବିଶୋଧନ କରିବା ସହ ସମସ୍ତଙ୍କୁ ଆବଶ୍ୟକ ଔଷଧ ଏବଂ ଓଆରଏସ୍ ପ୍ରଦାନ କରାଯାଇଛି। ସ୍ଥିତି ଉପରେ ସ୍ୱାସ୍ଥ୍ୟ କର୍ମୀ ଓ ଆଶା କର୍ମୀ ନଜର ରଖିଛନ୍ତି ବୋଲି ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୂଚନା ଦେଇଛନ୍ତି।

# କାର୍‌ରୁ ୨୪କେଜି ଗଞ୍ଜେଇ ଜବତ, ୩ ଗିରଫ



ଗଞ୍ଜେଇ ଜବତ ସହ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଉଛି।

ଢେଙ୍କାନାଳ,୧୪।୭(ରତନ ନାୟାର)

ଢେଙ୍କାନାଳ ସହର ୫୫ନଂ. ଜାତୀୟ ରାଜପଥର କଲେଜ ବାଇପାସ ଓ ମହିଷାପାଟ ଛକ ମଧ୍ୟରେ ଏକ ହୋଟେଲ ସମ୍ମୁଖରେ ରବିବାର ବିଳମ୍ବିତ ରାତିରେ ଟାଉନ ଥାନା ପୋଲିସ ଏକ କାର୍‌କୁ ଅଟକାଇ ସେଥିରୁ ୨୪କେଜି ୫୭୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଅନୁଗୋଳ ଆଡୁ ଏହି କାର୍‌ଟି ଭୁବନେଶ୍ୱର ଆଡ଼କୁ ଯାଉଥିଲା। କୌଣସି ସୂତ୍ରରୁ ଖବରପାଇ ଟାଉନ ଥାନା ପୋଲିସ ଗାଡ଼ିଟିକୁ ଅଟକାଇ ଗଞ୍ଜେଇ ଜବତ କରିବା ସହିତ କାର୍ ମଧ୍ୟରେ ଥିବା ୩ଜଣଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ସଦର ଥାନା ସିମିନଇ ଗ୍ରାମର ପପୁନ ନାୟକ(୩୦), ବଳଦିଆବନ୍ଧ ଗ୍ରାମର ରଶ୍ମି ରଞ୍ଜନ ସାହୁ(୪୪) ଓ ଢେଙ୍କାନାଳ ସହର ଜୟଗୋପାଳ ସାହି ଅଞ୍ଚଳର କାଳିଆ ନାୟକ(୨୬)। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଟାଉନ ଥାନା ଅଧିକାରୀ ପ୍ରଭାତ କୁମାର ସାହୁଙ୍କ ସୂଚନାରୁ ଜଣାପଡିଛି। ଏ ସଂକ୍ରାନ୍ତରେ ଟାଉନ ଥାନାରେ ନଂ. ୪୭୧।୨୫ରେ ଏକ ମାମଲା ରୁଜୁ କରାଯାଇଛି।

# ହିନ୍ଦୋଳ ବନାଞ୍ଚଳରେ ବଢୁଛି ହାତୀ-ମଣିଷ ବିବାଦ

ସାତମାଇଲ,୧୪।୭ (ସୁଶାନ୍ତ ପତି)

**ବର୍ଷକରେ ଗଲାଣି ୩ ହାତୀ, ୫ ମଣିଷ ଜୀବନ**

ଢେଙ୍କାନାଳ ଜିଲା ହିନ୍ଦୋଳ ବନାଞ୍ଚଳରେ ବଢୁଛି ହାତୀ-ମଣିଷ ବିବାଦ। ହାତୀ ଆକ୍ରମଣରେ ବର୍ଷକ ମଧ୍ୟରେ ୫ ଜଣଙ୍କ ଜୀବନ ଯାଇଥିବା ବେଳେ ଚାଷୀଙ୍କ ବିଦ୍ୟୁତ୍ ଫାଶ ଓ ଶିକାରୀଙ୍କ ପାଇଁ ୩ ହାତୀଙ୍କ ପ୍ରାଣହାନି ଘଟିଛି। ସେଥିରୁ ୨ଟି ହାତୀ ଶିକାରୀଙ୍କ ବିଦ୍ୟୁତ୍ ଫାଶରେ ପଡ଼ି ପ୍ରାଣ ହରାଇଥିବାବେଳେ ରବିବାର ରାତିରେ ହିନ୍ଦୋଳ ବନାଞ୍ଚଳ ବାରିହାରଗଡ଼ି ଗ୍ରାମ ନିକଟ ମନ୍ଦିରପାଖ ଜଙ୍ଗଲରେ ଏକ ମାଈ ହାତୀର ମୃତ୍ୟୁ ଚାଷୀଙ୍କ ବିଦ୍ୟୁତ୍ ଆଘାତରୁ ଯାଇଥିବା ସୂଚନା ମିଳିଛି। ଦିନକୁ ଦିନ ହାତୀ-ମଣିଷ ବିବାଦ ଏଠାରେ ବଢୁଥିବା ବେଳେ ବନ ବିଭାଗର ଅଧିକାରୀମାନେ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ହାତୀ ଆକ୍ରମଣରେ ବ୍ୟାପକ ଫସଲହାନି, ଆନ୍ତଃରାଜ୍ୟ ଶିକାରୀଙ୍କ ଦ୍ୱାରା ବ୍ୟାପକ ଜନ୍ତୁ ଶିକାର, ଗଛ କଟା ହିନ୍ଦୋଳ ଏନ୍‌ଏସି ସମେତ ସମଗ୍ର ଅଞ୍ଚଳ ହାତୀ ଘେରରେ ଥିବାବେଳେ ଦିନ ଦ୍ୱିପହରରେ ଘରୁ ବାହାରି ନ ପାରିବା ଲୋକଙ୍କୁ ଚିନ୍ତାରେ ପକାଇ ଦେଇଛି। ହିନ୍ଦୋଳ ବନବିଭାଗ ଏଥିପ୍ରତି ଅଧିକ କ୍ରିୟାଶୀଳ ହୋଇ ଆବଶ୍ୟକ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କରାଯିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ବୁଢେଶ୍ୱର ପୀଠରେ ୫ ହଜାର କାଉଡ଼ିଆ



ଜଳଲାଗି ପାଇଁ କାଉଡ଼ିଆମାନେ ଅପେକ୍ଷା କରିଛନ୍ତି।

ଭୁବନ,୧୪।୭(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନସ୍ଥିତ ବୁଢେଶ୍ୱର ପୀଠରେ ଶ୍ରାବଣ ମାସ ପ୍ରଥମ ସୋମବାରରେ ୫ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆ ଜଳଲାଗି କରିଛନ୍ତି। ଭୋର ୪ଟାରେ ପ୍ରଭୁଙ୍କ ନୀତିକାନ୍ତି ଓ ପୂଜାର୍ଚ୍ଚନା ପରେ କାଉଡ଼ିଆଙ୍କ ଦ୍ୱାରା ଜଳଲାଗି ଆରମ୍ଭ ହୋଇଥିଲା। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶୃଙ୍ଖଳା ରକ୍ଷା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଭୁବନ ତହସିଲଦାର ସୂର୍ଯ୍ୟଶଙ୍କର ଦାସ ଉପସ୍ଥିତ ରହି ତଦାରଖ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଭୁବନ ପୋଲିସ, ବନ ବିଭାଗ, ଦମକଳ ବାହିନୀ, ଜନସ୍ୱାସ୍ଥ୍ୟ ବିଭାଗ, ଏନ୍‌ଏସି କର୍ତ୍ତୃପକ୍ଷ, ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ସହ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ପରିଚାଳନା କମିଟି ପକ୍ଷରୁ ରାତ୍ରିଯାପନ, ଶୌଚାଳୟ ସହ ଖାଦ୍ୟ ବ୍ୟବସ୍ଥା କରାଯାଇଥିଲା। ଅଞ୍ଚଳର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉପସ୍ଥିତ ରହି ସେବା ବ୍ୟବସ୍ଥା ସାଙ୍ଗକୁ ଖାଦ୍ୟ ଯୋଗାଇଥିଲେ। ଏଥିରେ ସତ୍ୟସାଇ ସେବା ସଙ୍ଗଠନ, ଖୁସି ବାଣ୍ଟିବା ସଙ୍ଗଠନ ସହିତ ଶିବସେନା ପକ୍ଷରୁ ସମସ୍ତ ସହଯୋଗ କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ନରହରି ସାହୁ, ସମ୍ପାଦକ ସମୀର କୁମାର ସାହୁ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ବିହାରୀ ଓ କାର୍ଯ୍ୟାଳୟ ପ୍ରମୁଖ ଗୁଲ୍‌ଗୁଲ୍ ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଅଷ୍ଟଶମ୍ଭୁ ମନ୍ଦିରରେ କାଉଡ଼ିଆଙ୍କ ଭିଡ଼

ପରଜଙ୍ଗ,୧୪।୭(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କୁଆଳୁସ୍ଥିତ ଶ୍ରୀ ଶ୍ରୀ ଅଷ୍ଟଶମ୍ଭୁ ମନ୍ଦିରରେ ଶ୍ରାବଣ ମାସ ପ୍ରଥମ ସୋମବାରରେ ପ୍ରାୟ ୧୦ ହଜାରରୁ ଅଧିକ କାଉଡ଼ିଆ ଜଳାଭିଷେକ କରିଛନ୍ତି। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଏହି କାଉଡ଼ିଆମାନେ ପାଣିଭାର ନେଇ ଅଷ୍ଟଶମ୍ଭୁ ପୀଠକୁ ଆସିଥିଲେ। ଏହି କାଉଡ଼ିଆଭକ୍ତଙ୍କ ପାଇଁ ପ୍ରାସାଦ ସେବନ ନିମନ୍ତେ ବିଭିନ୍ନ କମିଟି ତରଫରୁ ବ୍ୟବସ୍ଥା କରାଯାଇଥିଲା। କିଭଳି ଭାବେ ସୁରୁଖୁରୁରେ ଜଳାଭିଷେକ ହେବ ସେଥିପାଇଁ ମନ୍ଦିର ପକ୍ଷରୁ ସବୁ ପ୍ରକାର ସୁବିଧା କରାଯାଇଥିଲା। ଭିଡ଼କୁ ନଜରରେ ରଖି ପରଜଙ୍ଗ ପୋଲିସ ପକ୍ଷରୁ ମନ୍ଦିର ବେଢ଼ା ଭିତରେ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।



# ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ କଲେ ତଦନ୍ତ



ଅଙ୍ଗନୱାଡ଼ି କେନ୍ଦ୍ରରେ ଖାଦ୍ୟ ଆୟୋଗ ସଦସ୍ୟ ତଦନ୍ତ କରୁଛନ୍ତି।

**ଅଙ୍ଗନୱାଡ଼ି କେନ୍ଦ୍ରରେ ଭୂତ ପିଲା ଖାଉଛନ୍ତି ମଧ୍ୟାହ୍ନଭୋଜନ ଅଭିଯୋଗ**

ପରଜଙ୍ଗ,୧୪।୭(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗସ୍ଥିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟଠାରୁ ଅଳ୍ପ ଦୂର ଗଣ୍ଡଟୈଳା ସାହି ଅଙ୍ଗନୱାଡ଼ି କେନ୍ଦ୍ରରେ ବ୍ୟାପକ ଅନିୟମିତତା ସହ ଭୂତ ପିଲା ଏଠାରେ ମଧ୍ୟାହ୍ନ ଭୋଜନ ଖାଉଥିବା ସାହିବାସୀ ଅଭିଯୋଗ କରିଥିଲେ। ଏ ନେଇ ଗତ ଶନିବାର 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ଏହାପରେ ସୋମବାର ଭୁବନେଶ୍ୱରସ୍ଥିତ ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ଅକ୍ଷୟ କୁମାର ବେହେରା ଉକ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ପରଜଙ୍ଗ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିଜୟଲକ୍ଷ୍ମୀ ମାର୍ଣ୍ଡି ଉପସ୍ଥିତ ଥିଲେ। ତଦନ୍ତ ବେଳେ ଆୟୋଗ ସଦସ୍ୟ ସାହି ବାସିନ୍ଦାଙ୍କ ସମ୍ମୁଖରେ ଉପସ୍ଥାନ ଖାତାରେ ଥିବା ନାମ ପଢ଼ିଥିଲେ। ସେଥିରୁ ଅଧିକାଂଶ ନାମଧାରୀ ପିଲା ସାହିର ନ ଥିବା ଓ ଆଉ କେତେଜଣ ପାଖ ସ୍କୁଲରେ ପଢୁଥିବା ଜାଣିବାକୁ ପାଇଥିଲେ। ଉପସ୍ଥାନ ଖାତାରେ ପ୍ରତ୍ୟେକ ଦିନ ୩୦ ଜଣ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ପଡୁଥିବା ଦେଖିଥିଲେ ସୁଦ୍ଧା ସୋମବାର ୭ ଜଣ ପିଲା ଆସିଥିଲେ। ଏଥିସହ ପିଲାମାନଙ୍କ ପାଇଁ ପିଇବା ପାଣିର ସେପରି ବ୍ୟବସ୍ଥା ନ ଥିବା ଦେଖି ଖାଦ୍ୟ ଆୟୋଗ ସଦସ୍ୟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏ ସମ୍ପର୍କରେ ସୁପରଭାଇଜର ପୂର୍ଣ୍ଣିମା ବେହେରା କହିଛନ୍ତି, ଗତ ୪ ତାରିଖରେ କେନ୍ଦ୍ର ପରିଦର୍ଶନ ବେଳେ ଅଳ୍ପ ପିଲା ଥିବାରୁ ଉପସ୍ଥାନ ଖାତାରୁ ଅନୁପସ୍ଥିତଙ୍କ ଆବସେଣ୍ଟ ପକାଇ ଆସିଥିଲି। ତଦନ୍ତ ରିପୋର୍ଟ ପ୍ରଦାନ ପରେ ଉଚ୍ଚ ପଦସ୍ଥ ଅଧିକାରୀ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଜିଲା ପ୍ରକଳ୍ପ ଅଧିକାରୀ ଏବଂ ସୁପରଭାଇଜର ମଧ୍ୟ ଅନୁରୂପ ଭାବେ କେନ୍ଦ୍ରକୁ ଯାଇ ସୋମବାର ତଦନ୍ତ କରିଛନ୍ତି। ଏ ନେଇ ପରଜଙ୍ଗ ଶିଶୁ ବିକାଶ ଅଧିକାରୀ ବିଜୟଲକ୍ଷ୍ମୀ ମାର୍ଣ୍ଡି କହିଛନ୍ତି, ଉକ୍ତ କେନ୍ଦ୍ରକୁ ଯାଇ ସବୁ ଠିକ୍ କରିଦେଇଛି। ସେମିତି କିଛି ଆଉ ହେବ ନାହିଁ।

# ସକାଳ ୯ଟା ୧୫ରେ ପତାକା ଉତ୍ତୋଳନ

**ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ**

କାମାକ୍ଷାନଗର,୧୪।୭(ସୁଧୀର ପରିଡ଼ା)



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ସଭାଗୃହରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଦୀନମଣି ନାଏକ ଏଥିରେ ଅଧ୍ୟକ୍ଷତା କରିଥିଲେ। ସହକାରୀ ଜିଲାପାଳ ତଥା ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସ୍ୱାଧୀନତା ଦିବସ ପ୍ରତ୍ୟୁଷରୁ ରାମଧୁନ ସହ ସକାଳ ୮ଟା ୩୦ରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ସରକାରୀ ଓ ବେସରକାରୀ ସ୍ତରରେ ସକାଳ ୭ଟା ୩୦ରେ ପତାକା ଉତ୍ତୋଳନ କରାଯିବା ସହ ୯ଟା ୧୫ରେ ଉପଜିଲାପାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ପତାକା ଉତ୍ତୋଳନ କରି ପରେଡରେ ଅଭିବାଦନ ଗ୍ରହଣ କରିବେ ବୋଲି ସ୍ଥିର କରାଯାଇଥିଲା। ଏଥିସହ ବିଦ୍ୟାଳୟ ମହାବିଦ୍ୟାଳୟ ସ୍ତରରେ ୩ଟି ବର୍ଗରେ ଦେଶାତ୍ମବୋଧକ ସଙ୍ଗୀତ, ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ ସ୍ୱାଧୀନତା ଦିବସରେ ପୁରସ୍କାର ପ୍ରଦାନ କରାଯିବା ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବାକୁ ସ୍ଥିର କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା, ବିଡିଓ ପ୍ରଭୁକଲ୍ୟାଣ ଦାଶ, ଡେପୁଟି କଲେକ୍ଟର ଜ୍ୟୋତିରୂପା ଶତପଥୀ, ସହକାରୀ ଜିଲାପାଳ କମଳା ମଲ୍ଲିକ, ଅର୍ଚ୍ଚନା ଗୌଡ଼, ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଦତ୍ତ ସାହୁ, ଓକିଲ ସଂଘ ସଭାପତି ରଞ୍ଜନ କୁମାର ରାଉତ, ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ, କଳ୍ପନା କ୍ଲବ ଉପସଭାପତି ଅଯୋଧ୍ୟା ଶତପଥୀ, ସାମାଜିକ କର୍ମୀ ସୁଶାନ୍ତ ପଟ୍ଟନାୟକ, ଜ୍ୟୋତି ରଞ୍ଜନ ପାଢୀଙ୍କ ସମେତ ବିଭିନ୍ନ ସରକାରୀ ବେସରକାରୀ ଅନୁଷ୍ଠାନର ପ୍ରତିନିଧି, ମାନ୍ୟଗଣ୍ୟ ବ୍ୟକ୍ତି, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ତହସିଲଦାର ଶୁଭଙ୍କର ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

## ବିଦ୍ୟାଳୟରେ ୨ ଛାତ୍ରୀଙ୍କୁ ଅସଦାଚରଣ

# ଶିକ୍ଷକଙ୍କ ନାଁରେ ମାମଲା

ଝାରସୁଗୁଡ଼ା/ଲଇକେରା, ୧୪।୭(ଆଶିଷ ରଞ୍ଜନ ଦାଶ/ରଞ୍ଜନ କୁମାର ମେହେର)

ବାଲେଶ୍ୱରସ୍ଥିତ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷା ବିଭାଗର ଜଣେ ଛାତ୍ରୀ ଯୌନ ନିର୍ଯାତନାର ଶିକାର ହୋଇ ଆତ୍ମାହୁତି ଉଦ୍ୟମ କରିବା ଘଟଣା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ଝାରସୁଗୁଡ଼ା ଜିଲା ଲଇକେରା ଥାନା ଅଞ୍ଚଳରେ ଥିବା ଏକ ହାଇସ୍କୁଲର ୨ ଜଣ ଛାତ୍ରୀଙ୍କୁ ଶିକ୍ଷକ ଅସଦାରଣ କରିଥିବା ସୋମବାର ଅଭିଯୋଗ ହୋଇଛି। ସମ୍ପୃକ୍ତା ଛାତ୍ରୀ ଦ୍ୱୟଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୨୨୦/୨୫) ରୁଜୁ କରି ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, ଶନିବାର ଉକ୍ତ ହାଇସ୍କୁଲର ଶିକ୍ଷକ ତ୍ରୈଲୋକ୍ୟନାଥ ମହାପାତ୍ର କ୍ଲାସ୍‌ରୁମ୍‌ରେ ପାଠ ପଢାଉଥିବାବେଳେ ୨ ଜଣ ଛାତ୍ରୀଙ୍କୁ ପାଖକୁ ଡାକି ଅସଦାଚରଣ କରିଥିଲେ। ପରେ ଛାତ୍ରୀ ଦ୍ୱୟ ଘରକୁ ଯାଇ ଏ ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ଏହାପରେ ୨ ଛାତ୍ରୀଙ୍କ ପରିବାର ସଦସ୍ୟ ଘଟଣା ସମ୍ପର୍କରେ ଲଇକେରା ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ହିମାଂଶୁ ବାଗ୍‌ଙ୍କୁ ଜଣାଇଥିଲେ। ଏଥିସହ ଥାନାରେ ଅଭିଯୋଗ କରି ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଏନେଇ ବିଇଓ ବାଗ୍ କହିଛନ୍ତି, ଏହି ଘଟଣାର ତଦନ୍ତ ପାଇଁ ଏକ କମିଟି ଗଠନ କରାଯିବା ସହ ସମ୍ପୃକ୍ତ ଶିକ୍ଷକଙ୍କୁ ଡେପୁଟେଶନରେ ଅନ୍ୟ ବିଦ୍ୟାଳୟକୁ ପଠାଯାଇଛି। କମିଟିର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅପରପକ୍ଷେ ଝାରସୁଗୁଡ଼ା ଏସ୍‌ଡିପିଓ ଉମାଶଙ୍କର ସିଂ କହିଛନ୍ତି, ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ତଦନ୍ତର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରୁଛି। ତଦନ୍ତ ପରେ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏନେଇ ସମ୍ପୃକ୍ତ ଶିକ୍ଷକଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## କଲେଜରେ ଛାତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

### ଦସ୍ତଖତ ନେଇ ତଦନ୍ତ ସାରିଲେ ଅଧ୍ୟକ୍ଷ

ଟିଟିଲାଗଡ଼, ୧୪।୭(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଅଞ୍ଚଳର ଏକ କଲେଜରେ ଜଣେ ବିଜ୍ଞାନ ଛାତ୍ରୀଙ୍କୁ ଅଧ୍ୟାପିକା ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ସୋମବାର ଘଟଣାର ସମାଧାନ ନେଇ ଉକ୍ତ କଲେଜରେ ବୈଠକ ହୋଇଥିଲା। ଏହି ବୈଠକରେ ଅଧ୍ୟକ୍ଷ ଉକ୍ତ ଛାତ୍ରୀଙ୍କ ସମେତ ତାଙ୍କ ବାପା, ମା' ଏବଂ ଭଉଣୀଙ୍କଠାରୁ ଘଟଣାର ସମାଧାନ କରିଦେବା ଓ ଆଗକୁ କଥା ନ ବଢ଼ାଇବା ପାଇଁ ଦସ୍ତଖତ ନେଇଯାଇଛନ୍ତି। ଅଧ୍ୟକ୍ଷ ଛାତ୍ରୀଙ୍କ ପରିବାର ଲୋକଙ୍କୁ ଗଣମାଧ୍ୟମକୁ କାହିଁକି ଜଣାଇଲ ବୋଲି ପଚାରିଥିଲେ। ଅଧ୍ୟକ୍ଷଙ୍କ ଧମକପୂର୍ଣ୍ଣ ଆଚରଣ, ଦସ୍ତଖତ ସଂଗ୍ରହ କାର୍ଯ୍ୟ ଆଲୋଚନାର ବିଷୟ ହୋଇଛି।

ଉକ୍ତ ଛାତ୍ରୀଙ୍କୁ ସମ୍ପୃକ୍ତ ଅଧ୍ୟାପିକା ବହୁ ଦିନରୁ ନିର୍ଯାତନା ଦେଇଆସୁଥିଲେ। ଗତ ଶନିବାର ଅଧ୍ୟାପିକା ଅଚାନକ ସକାଳ ୭ଟା ୪୭ରେ ମୋବାଇଲ ଫୋନ୍‌ରେ ମେସେଜ କରି ସକାଳ ୯ ଟାରେ ପ୍ରାକ୍ଟିକାଲ ପରୀକ୍ଷା ପାଇଁ ଆସିବାକୁ କହିଥିଲେ। ତେବେ ଛାତ୍ରୀ ଜଣକ ୩୦ମିନିଟ ବିଳମ୍ବରେ ଆସିବାରୁ ତାଙ୍କୁ ଗାଳିଗୁଲଜ ସହ ପରୀକ୍ଷା ଦେବାକୁ ବାରଣକରି ହଲ୍‌ରୁ ବାହାର କରିଦେଇଥିଲେ। ପ୍ରାକ୍ଟିକାଲ କ୍ଲାସରୁ ବଞ୍ଚିତ ହେବାରୁ ଛାତ୍ରୀଙ୍କ ମାର୍କ କଟିଛି। ଏନେଇ ଅପମାନିତ ହେବା ପରେ ଛାତ୍ରୀ ଘରକୁ ଯାଇ କାନ୍ଦି କାନ୍ଦି ବେହୋସ ହୋଇପଡ଼ିଥିଲେ। ତୁରନ୍ତ ତାଙ୍କ ମାତାପିତା ଏବଂ ଭଉଣୀ କଲେଜକୁ ଯାଇ ଅଧ୍ୟକ୍ଷଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଗଣମାଧ୍ୟମ ପ୍ରତିନିଧି ଯାଇ ଅଧ୍ୟକ୍ଷଙ୍କୁ ପଚାରିବାରୁ ସେ କିଛି କହି ନ ଥିଲେ। ଅନ୍ୟପକ୍ଷରେ ଛାତ୍ରୀ ଜଣକ ରବିବାର ଟିଟିଲାଗଡ଼ ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି। ଘଟଣା ସମ୍ପର୍କରେ ଟିଟିଲାଗଡ଼ ଥାନା ଆଇଆଇସି କଲ୍ୟାଣୀ ବେହେରାଙ୍କୁ ପଚାରିବାରୁ ସେ କହିଲେ, ଛାତ୍ରୀଙ୍କ ସମେତ ପରିବାର ସଦସ୍ୟ, ଅଧ୍ୟାପିକା, ଅଧ୍ୟକ୍ଷଙ୍କୁ ଡାକି ପଚରାଉଚରା କରାଯାଉଛି। ଏନେଇ ଆମେ ସଚେତନ ରହିଛୁ। ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

## ଅଭିଯୁକ୍ତ ଦେବୁଙ୍କୁ ଆଜୀବନ କାରାଦଣ୍ଡ

### ବହୁ ଚର୍ଚ୍ଚିତ ପ୍ରକାଶ ଦାସ ହତ୍ୟା ମାମଲା



କୋର୍ଟଙ୍କ ରାୟ ପ୍ରକାଶ ପରେ ଅଭିଯୁକ୍ତଙ୍କୁ ପୋଲିସ ଜେଲକୁ ନେଉଛି।

ଯାଜପୁରଟାଉନ,୧୪।୭ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଥାନା ଅନ୍ତର୍ଗତ ବୃନ୍ଦାବନପୁର ଗ୍ରାମରେ ଘଟିଥିବା ବହୁ ଚର୍ଚ୍ଚିତ ପ୍ରକାଶ ଦାସ ହତ୍ୟା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଯାଜପୁର ଜିଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ ଅଭିଯୁକ୍ତ ଦେବ ପ୍ରସାଦ ମଲିକ ଓରଫ ଦେବୁଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ କୋର୍ଟ ୧୦ହଜାର ଟଙ୍କା ଜରିମାନା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଯାଜପୁର ଜିଲା ଯାଜପୁର ଥାନା ରାହାସୋଇ ଗ୍ରାମ ବୃନ୍ଦାବନପୁରର ପ୍ରକାଶ ଦାସ ୨୦୨୧ ଡିସେମ୍ବର ୧୨ ତାରିଖ ସକାଳେ ହନୁମାନ ମନ୍ଦିର ନିକଟରେ ଦାନ୍ତ ଘଷୁଥିବା ବେଳେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ସେହି ଗ୍ରାମର ଦେବ ପ୍ରସାଦ ମଲିକ (୩୨) ନିଜ ଜ୍ୟାକେଟରେ ଲୁଚାଇ ରଖିଥିବା ଏକ କଟୁରିରେ ପ୍ରକାଶଙ୍କ ବେକକୁ ହାଣି ଦେଇଥିଲେ। ଫଳରେ ପ୍ରକାଶଙ୍କ ବେକ ଅଧା ଝୁଲିପଡ଼ିଥିଲା। ଘଟଣାସ୍ଥଳରେ ଥିବା ଗ୍ରାମବାସୀ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ପ୍ରକାଶଙ୍କ ସ୍ତ୍ରୀ ଯଶୋବନ୍ତୀ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଆଧାରକରି ଯାଜପୁର ଥାନା ଅଧିକାରୀ ଏକ ମାମଲା(ନଂ. ୪୫୦/୨୧) ରୁଜୁ କରି ତଦନ୍ତ ଜାରି ରଖିଥିଲେ। ପରେ ଅଭିଯୁକ୍ତ ଦେବୁଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ସେଦିନଠାରୁ ଦେବୁ ବିଚାରାଧୀନ କଏଦୀ ଭାବେ ଯାଜପୁର ଜେଲ୍‌ରେ ଅଛନ୍ତି। ଏହି ମାମଲାର ଚୂଡ଼ାନ୍ତ ଶୁଣାଣି କରି ୨୨ଜଣ ସାକ୍ଷୀ ଓ ୧୮ଟି ଦସ୍ତାବିଜ୍‌କୁ ଆଧାର କରି ଯାଜପୁର ଜିଲା ଦୌରାଜଜ୍ ନନ୍ଦ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ହଜାର ଟଙ୍କା ଜରିମାନା ପାଇଁ ରାୟ ଦେଇଛନ୍ତି। ଏହି ଜରିମାନା ଅର୍ଥ ଅନାଦାୟେ ଅଭିଯୁକ୍ତ ଅଧିକ ୬ମାସ ଜେଲଦଣ୍ଡ ଭୋଗିବେ ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ମୋନାଲି ରାଇସା, ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ସମରେନ୍ଦ୍ର ଦାସ ମାମଲା ପରିଚାଳନା କରିଥିଲେ।

## ଶୁଣାଣି ଆରମ୍ଭ, ଶ୍ରଦ୍ଧାଞ୍ଜଳି, ଅକ୍ଷୟ ପରିଜାଙ୍କ ସାକ୍ଷ୍ୟ ଗ୍ରହଣ

### ଅର୍ଚ୍ଚନା ନାଗ ହନିଟ୍ରାପ୍ ମାମଲା

ଭୁବନେଶ୍ୱର,୧୪।୭(ସତ୍ୟଜିତ୍ ରାଉତ)

ବହୁଚର୍ଚ୍ଚିତ ଅର୍ଚ୍ଚନା ନାଗଙ୍କ ହନିଟ୍ରାପ୍ ମାମଲାରେ ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ସିଜେଏମ୍ କୋର୍ଟରେ ସୋମବାର ଶୁଣାଣି ଆରମ୍ଭ ହୋଇଛି। ଶ୍ରଦ୍ଧାଞ୍ଜଳି ବେହେରାଙ୍କ ଅଭିଯୋଗ ଆଧାରରେ ଖଣ୍ଡଗିରି ଥାନାରେ ରୁଜୁ ହୋଇଥିବା ମାମଲା (ନଂ.୪୯୬/୨୦୨୨)ରେ ଏହି ଶୁଣାଣି ହୋଇଥିବାବେଳେ ସାକ୍ଷ୍ୟଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଶୁଣାଣିର ପ୍ରଥମ ଦିନରେ ଅଭିଯୋଗକାରିଣୀ ଶ୍ରଦ୍ଧାଞ୍ଜଳି ଓ ସାକ୍ଷୀ ଥିବା ସିନେ ପ୍ରଯୋଜକ ଅକ୍ଷୟ ପରିଜାଙ୍କ ସାକ୍ଷ୍ୟ ଗ୍ରହଣ ହୋଇଥିବା ସରକାରୀ ଓକିଲ ରତ୍ନାକର ନାୟକ ସୂଚନା ଦେଇଛନ୍ତି। ସାକ୍ଷ୍ୟଗ୍ରହଣ ସମୟରେ ମାମଲାରେ ଅଭିଯୁକ୍ତ ଥିବା ଅର୍ଚ୍ଚନା ନାଗ, ସ୍ୱାମୀ ଜଗବନ୍ଧୁ ଚାନ୍ଦ କୋର୍ଟରେ ଉପସ୍ଥିତ ଥିଲେ। ଆସନ୍ତା ଜୁଲାଇ ୨୯ତାରିଖକୁ ପରବର୍ତ୍ତୀ ଶୁଣାଣି ଥିବାବେଳେ ଅନ୍ୟସାକ୍ଷୀମାନଙ୍କୁ ସମନ କରାଯାଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଶ୍ରଦ୍ଧାଞ୍ଜଳିଙ୍କ ମାଧ୍ୟମରେ ଅର୍ଚ୍ଚନା ବ୍ଲାକ୍‌ମେଲ କରି ଟଙ୍କା ମାଗୁଥିବା ସମ୍ପର୍କରେ ଅକ୍ଷୟ ୨୦୨୨ ସେପ୍ଟେମ୍ବର ୩୦ରେ ନୟାପଲ୍ଲୀ ଥାନାରେ ଏତଲା ଦେବା ପରେ ପୋଲିସ ମାମଲା ରୁଜୁ କରିଥିଲା। ସେପଟେ ଅର୍ଚ୍ଚନା, ଜଗବନ୍ଧୁ ଓ ସହଯୋଗୀ ଖଗେଶ୍ୱର ପାତ୍ର ନିଶାଦେଇ ନଗ୍ନ ଭିଡିଓ ସହ ବ୍ଲାକ୍‌ମେଲ୍ କରି ବଡ଼ବଡ଼ିଆଙ୍କୁ ହନିଟ୍ରାପରେ ଫସାଇବାକୁ ବାଧ କରୁଥିବା ଶ୍ରଦ୍ଧାଞ୍ଜଳି ଖଣ୍ଡଗିରି ଥାନାରେ ଏତଲା ଦେଇଥିଲେ। ଏହି ମାମଲାରେ ପୋଲିସ ଅର୍ଚ୍ଚନା ଓ ଜଗବନ୍ଧୁଙ୍କୁ ଗିରଫ କରିଥିଲା।

## ମାଇନ୍ସ କଲୋନି କ୍ୱାର୍ଟର୍ସରେ ମହିଳାଙ୍କ ମୃତ୍ୟୁ

### ଶରୀରରେ କ୍ଷତଚିହ୍ନ, ସ୍ୱାମୀ ଅଟକ

ବଡ଼ବିଲ,୧୪।୭(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ଏକ ଘରୋଇ ମାଇନ୍ସ କଲୋନି କ୍ୱାର୍ଟର୍ସରୁ ସୋମବାର ଜଣେ ମହିଳାଙ୍କ ମୃତଦେହ ମିଳିଛି। ମୃତ ମହିଳା ହେଲେ ସ୍ଥାନୀୟ ଏକ ମାଇନ୍ସରେ କାମ କରୁଥିବା ଆସିଷ୍ଟାଣ୍ଟ ମ୍ୟାନେଜର ନୀଳ ପ୍ରସାଦ ଶର୍ମାଙ୍କ ସ୍ତ୍ରୀ ନିର୍ମଳା(୪୧)। ପୋଲିସ ମୃତଦେହ ଜବତ କରିବା ସହ ସ୍ୱାମୀଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଏ ନେଇ ପୋଲିସ ପକ୍ଷରୁ କିଛି ସ୍ପଷ୍ଟ କରାଯାଇ ନ ଥିଲେ ହେଁ ମୃତ ଶରୀରରେ ଏକାଧିକ କ୍ଷତଚିହ୍ନ ଥିବାରୁ ମାଡ଼ ମରାଯାଇଥିବା ସନ୍ଦେହ କରାଯାଉଛି।

ସୂଚନା ଅନୁଯାୟୀ, ସୋମବାର ପୂର୍ବାହ୍ନରେ ଘରୋଇ ମାଇନ୍ସ କଲୋନିରେ ରହୁଥିବା କମ୍ପାନୀର ଆସିଷ୍ଟାଣ୍ଟ ମ୍ୟାନେଜର ନୀଳ ପ୍ରସାଦ ଶର୍ମାଙ୍କ କ୍ୱାର୍ଟର୍ସରେ ସ୍ତ୍ରୀ ନିର୍ମଳା ମୁମୂର୍ଷୁ ଅବସ୍ଥାରେ ପଡ଼ିଥିଲେ। ନୀଳ ପ୍ରସାଦ ପଡ଼ୋଶୀଙ୍କ ସହାୟତାରେ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଶରୀରରେ ଏକାଧିକ କ୍ଷତଚିହ୍ନ ଥିବା ଦେଖିବାକୁ ମିଳିଥିଲା। ଫଳରେ ନିର୍ମଳାଙ୍କୁ ପିଟି ହତ୍ୟା କରାଯାଇଥିବା ସନ୍ଦେହ ଘନୀଭୂତ ହୋଇଛି। ମୃତଦେହ ବ୍ୟବଚ୍ଛେଦ କରାଯାଇଥିବାବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। ନୀଳ ଓ ନିର୍ମଳାଙ୍କ ୨ ସନ୍ତାନ ମଧ୍ୟରୁ ଝିଅ ଭୁବନେଶ୍ୱରରେ ରହି ଉଚ୍ଚ ଶିକ୍ଷା ଲାଭ କରୁଥିବାବେଳେ ପୁଅ ବଡ଼ବିଲରେ ଏକ ଘରୋଇ ସ୍କୁଲରେ ଦଶମ ଶ୍ରେଣୀରେ ଅଧ୍ୟୟନରତ। ପୋଲିସ ସ୍ୱାମୀଙ୍କୁ ଥାନାରେ ଅଟକ ରଖିଛି। ରିପୋର୍ଟ ଲେଖାହେବା ବେଳକୁ ମୃତାଙ୍କ ଝିଅ ଓ ବାପଘର ଲୋକେ ବଡ଼ବିଲରେ ପହଞ୍ଚିଥିବା ବେଳେ ପୋଲିସ ତାଙ୍କୁ ମୃତଦେହ ହସ୍ତାନ୍ତର କରିଛି। ଥାନା ଅଧିକାରୀ ଅଶୋକ କୁମାର ନାୟକ କହିଛନ୍ତି, ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଓ ଏତଲା ଅନୁଯାୟୀ ତଦନ୍ତ ଜାରି ରହିବ। ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲ ସେ କହିଛନ୍ତି।

## ହାତୀର ଗଳିତ ମୃତଦେହ ଠାବ

କେନ୍ଦୁଝର,୧୪।୭ (ନରେଶ ଚନ୍ଦ୍ର ପଟ୍ଟନାୟକ)



କେନ୍ଦୁଝର ଜିଲା ତେଲକୋଇ ରେଞ୍ଜ ବର୍‌ହାଦେବତା ବିଟ ସଲେଇକେନା ଗ୍ରାମ ନିକଟ ଏକ ଡ୍ୟାମ ନିକଟରୁ ବନ ବିଭାଗ ଏକ ହାତୀର ଗଳିତ ମୃତଦେହ ଠାବ କରିଛି। କିଛି ଦିନ ତଳେ ହାତୀ ମରିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ହାତୀର ବୟସ ୭ରୁ ୮ ବର୍ଷ ହେବ ବୋଲି ବନ ବିଭାଗ ଅନୁମାନ କରୁଥିବା ବେଳେ ମାଈ କି ଅଣ୍ଡିରା ଜଣାପଡ଼ିନାହିଁ। ସୋମବାର ଅପରାହ୍ନରେ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବନ କର୍ମଚାରୀ ଘଟଣାସ୍ଥଳକୁ ଯାଇଥିବା ବେଳେ ହାତୀ ମୃତ୍ୟୁର କାରଣ ଖୋଜୁଛନ୍ତି। ବର୍ଷା ଯୋଗୁ ବନ ବିଭାଗ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିପାରି ନ ଥିବା ଜଣାପଡ଼ିଛି। ତେଲକୋଇ ରେଞ୍ଜ ଅଧିକାରୀ ଶିବାଜୀ ମୋହନ ରାଓ କହିଛନ୍ତି, ହାତୀ ମୃତ୍ୟୁବରଣ କରିଥିବା ଖବର ପାଇବା ପରେ ସେ ଘଟଣାସ୍ଥଳକୁ ଯାଉଛନ୍ତି। ଦେଖିବା ପରେ ଯାହା କହିବେ।

## କାନ୍ଥ ପଡ଼ି ଶିଶୁଙ୍କ ମୃତ୍ୟୁ

ପାଟଣା,୧୪।୭(ବୀର କିଶୋର ଦାଶ): କେନ୍ଦୁଝର ଜିଲା ଘୁରୁମୁଣ୍ଡା ଥାନା ନିଶ୍ଚିତପୁର ଗ୍ରାମରେ ଅଭାବନୀୟ ଘଟଣା ଘଟିଯାଇଛି। ରବିବାର ଏକ ଘର ନିକଟରେ ଖେଳୁଥିବା ବେଳେ କାନ୍ଥ ପଡ଼ି ଜଣେ ଶିଶୁ କନ୍ୟାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ପାଟଣା ବ୍ଲକ୍ ବାଉଁଶୁଳି ପଞ୍ଚାୟତ ନିଶ୍ଚିତ ଗ୍ରାମର ସନ୍ତୋଷ ନାଏକଙ୍କ ଝିଅ ଖୁଲଣା ସୁନ୍ଦରୀ(୯)। ପ୍ରକାଶ ଯେ, ସୁନ୍ଦରୀ ଗାଁ ପୋଖରୀ କୂଳରେ ଥିବା ଗାଧୁଆଘର ନିକଟରେ ସାଙ୍ଗମାନଙ୍କ ସହ ଖେଳୁଥିଲେ। ଏହି ସମୟରେ ଗାଧୁଆଘରର କାନ୍ଥ ତାଙ୍କ ଉପରେ ଖସିପଡ଼ିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଘୁରୁମୁଣ୍ଡା ଥାନାରେ ଏକ ମାମଲା(ନଂ.୧୮/୨୫)ରୁଜୁ ହୋଇଥିବା ଏଏସ୍‌ଆଇ ଦେବେନ୍ଦ୍ର ମୁର୍ମୁ କହିଛନ୍ତି।

## ୭ ଜଣଙ୍କଠାରୁ ଠକି ନେଲେ ୮୬ ଲକ୍ଷ ୫୦ ହଜାର

### ରେଲ୍‌ୱେରେ ଚାକିରି କରାଇଦେବା ନାଁରେ ଠକେଇ

ଦିଗପହଣ୍ଡି,୧୪।୭(ଅଶେଷ ନାଥ ମିଶ୍ର)

ରେଳବାଇରେ ଚାକିରି କରାଇ ଦେବା ନାଁରେ ଗଞ୍ଜାମ ଜିଲା ଦିଗପହଣ୍ଡି ଅଞ୍ଚଳର କେତେଜଣ ଯୁବକଙ୍କଠାରୁ ଅର୍ଥ ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଠକମାନେ ୭ ଜଣ ଯୁବକଙ୍କଠାରୁ ୮୬ ଲକ୍ଷ ୫୦ ହଜାର ଟଙ୍କା ଠକି ନେଇଛନ୍ତି। ଠକେଇର ଶିକାର ହୋଇଥିବା ଦିଗପହଣ୍ଡି ଥାନା ଅନ୍ତର୍ଗତ ପଦ୍ମନାଭପୁର ଗ୍ରାମର ଅଭିଷେକ ପଣ୍ଡା ସୋମବାର ଥାନାରେ ଏତଲା ଦେଇଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଖବରରୁ ଜଣାପଡ଼ିଛି, ୨୦୨୩ରେ କୁକୁଡାଖଣ୍ଡି ଗ୍ରାମ ଶାନ୍ତି ନଗରର ଏ. ବିଘ୍ନେଶ୍ୱର ରାଓ (୫୦) ଏବଂ ଆଙ୍କୁଶପୁର ଗ୍ରାମର ଏ. ଆପାରାଓ ଦୋରା ନାମକ ଦୁଇ ବ୍ୟକ୍ତି ପଦ୍ମନାଭପୁର ଗ୍ରାମକୁ ଆସି ଗ୍ରାମର ଅଭିଷେକଙ୍କ ସମେତ ୭ ଜଣଙ୍କୁ ରେଳ ବିଭାଗରେ ଚାକିରି କରାଇ ଦେବାକୁ ଆଶା ଦେଖାଇଥିଲେ। ବିଘ୍ନେଶ୍ୱର ଓ ଏ.ଆପାରାଓ ଚାକିରି ଆଶାୟୀ ଯୁବକମାନଙ୍କଠାରୁ ପର୍ଯ୍ୟାୟକ୍ରମେ ୮୬ ଲକ୍ଷ ୫୦ ହଜାର ଟଙ୍କା ଚାକିରି କରାଇ ଦେବାକୁ ପ୍ରତିଶ୍ରୁତି ଦେଇ ନେଇଥିଲେ। ଚାକିରୀ ଆଶାୟୀଙ୍କ ମନରେ ବିଶ୍ୱାସ ଜନ୍ମାଇବା ପାଇଁ ସେମାନଙ୍କୁ ରାଜ୍ୟର ବିଭିନ୍ନ ସ୍ଥାନକୁ ନେଇ ରେଳବାଇରେ ଚାକିରି ପାଇଁ ସମସ୍ତଙ୍କୁ ୩ ମାସିଆ ତାଲିମ ଦେଇଥିଲେ। ତେବେ ଏହି ଠକେଇର ମାଷ୍ଟର ମାଇଣ୍ଡ କୁହାଯାଉଥିବା ସମରଜିତ ରାଉତ ଏବଂ ତାଙ୍କ ସ୍ତ୍ରୀ ଶୁଭଲକ୍ଷ୍ମୀ ରାଉତଙ୍କ ଘର ଠିକଣା ଜଣାପଡି ନ ଥିବା ବେଳେ ତାଙ୍କ ନାମ ଏତଲାରେ ଉଲ୍ଲେଖ ରହିଛି। ଅଭିଯୋଗକୁ ଭିତ୍ତିକରି ଦିଗପହଣ୍ଡି ଥାନା ଭାରପ୍ରାପ୍ତ ଆଇଆଇସି ଦୁଷ୍ମନ୍ତ ପ୍ରଧାନ ନଂ.୨୪୯/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ଏ. ଆପାରାଓ ଫେରାର ହୋଇଯାଇଛନ୍ତି। ଅନ୍ୟପକ୍ଷରେ ଅନ୍ୟ ଏକ ଠକେଇ ନେଇ ପୂର୍ବରୁ ହୋଇଥିବା ଅଭିଯୋଗକୁ ଭିତ୍ତିକରି ଏ.ବିଘ୍ନେଶ୍ୱରଙ୍କୁ ଶୁକ୍ରବାର ବ୍ରହ୍ମପୁର ସଦର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କୁ ରିମାଣ୍ଡରେ ଆଣି ଏହି ଠକେଇ ମାମଲାର ପର୍ଦ୍ଦାଫାଶ କରିବାକୁ ପୋଲିସ ଚିନ୍ତା କରୁଥିବା ତଦନ୍ତକାରୀ ଅଧିକାରୀ ପ୍ରଧାନ ସୂଚନା ଦେଇଛନ୍ତି।

## ଯୁବଶକ୍ତିଙ୍କ ଡିଜିଟାଲ ଦକ୍ଷତା ବୃଦ୍ଧିକୁ ଗୁରୁତ୍ୱ

### ଆଜି ବିଶ୍ୱ ଯୁବ ଦକ୍ଷତା ଦିବସ

*ଭୁବନେଶ୍ୱର,୧୪।୭(ସୁଚିସ୍ମିତା ସାହୁ): ବେକାରି ସମସ୍ୟା ବିଶ୍ୱସ୍ତରରେ ବଡ଼ ଚିନ୍ତାର କାରଣ ପାଲଟିଛି। ଏହା ଦେଶ ଓ ରାଜ୍ୟ ପ୍ରଗତିରେ ବାଧକ ସାଜୁଛି। ଯୁବପିଢ଼ି ଦେଶର ଭବିଷ୍ୟତ ହୋଇଥିବାରୁ ସେମାନଙ୍କ ଦକ୍ଷତା ଓ ସାମର୍ଥ୍ୟର ବିକାଶ ଜରୁରୀ ହୋଇପଡ଼ିଛି। ଯୁବକମାନଙ୍କୁ ରୋଜଗାରକ୍ଷମ, ଉପଯୁକ୍ତ କାମ ଏବଂ ଉଦ୍ୟୋଗୀ କରିବା ପାଇଁ କୌଶଳ ଶିକ୍ଷା ସହ ଉଚିତ ରଣନୀତି ପ୍ରସ୍ତୁତିର ଆବଶ୍ୟକତା ରହିଛି। ସାରା ବିଶ୍ୱରେ ଯୁବପିଢ଼ି ମଧ୍ୟରେ ବେରୋଜଗାରର ଆହ୍ୱାନକୁ ହ୍ରାସ କରିବା ସହିତ ସେମାନଙ୍କ ଦକ୍ଷତା ଓ ସାମର୍ଥ୍ୟ ବୃଦ୍ଧି ପାଇଁ ସଚେତନ କରିବା ଲାଗି ୨୦୧୪ରେ ମିଳିତ ଜାତିସଂଘର ସାଧାରଣ ସଭା ୧୫ ଜୁଲାଇକୁ 'ବିଶ୍ୱ ଯୁବ ଦକ୍ଷତା ଦିବସ' ଭାବରେ ଘୋଷଣା କରିଥିଲା। ସେବେଠାରୁ ପ୍ରତିବର୍ଷ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳନ କରାଯାଉଛି। ଚଳିତବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି 'କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ ଡିଜିଟାଲ ଦକ୍ଷତା ମାଧ୍ୟମରେ ଯୁବଶକ୍ତିଙ୍କୁ ସଶକ୍ତ କରିବା'। ଏହାମାଧ୍ୟମରେ ଯୁବବର୍ଗ ଯେପରି ରୋଜଗାରକ୍ଷମ ହୋଇପାରିବେ ସେନେଇ କେନ୍ଦ୍ର ସରକାରଙ୍କଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ଯୋଜନା କରାଯାଉଥିଲେ ମଧ୍ୟ ସେପରି ସଫଳତା ମିଳୁ ନ ଥିବାରୁ ଏ କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପକୁ ଆହୁରି ବ୍ୟାପକ କରିବାକୁ ମତ ପ୍ରକାଶ ପାଉଛି।*

**“ ବୟସ୍କଙ୍କ ତୁଳନାରେ ଯୁବପିଢ଼ି ବେକାରି ସଂଖ୍ୟା ଅଧିକ**

ପ୍ରାସଙ୍ଗିକ ଦକ୍ଷତାର ଅଭାବ, ଶିକ୍ଷା ଏବଂ ଚାକିରି ବଜାରର ଚାହିଦା ମଧ୍ୟରେ ମେଳ ଓ ତାଲିମର ସୀମିତ ପ୍ରବେଶ ହେତୁ ଅନେକ ଯୁବକ ବେକାରି କିମ୍ବା କମ୍ ବେକାରିର ସମ୍ମୁଖୀନ ହୁଅନ୍ତି। ଅନ୍ତର୍ଜାତୀୟ ଶ୍ରମ ସଂଗଠନ ଅନୁଯାୟୀ, ବୟସ୍କଙ୍କ ତୁଳନାରେ ଯୁବପିଢ଼ି ବେକାର ହେବାର ସମ୍ଭାବନା ତିନିଗୁଣ ଅଧିକ। ବର୍ଷ ବର୍ଷ ଧରି ଚାକିରି ପାଇଁ ଯୁବପିଢ଼ି ଅପେକ୍ଷା କରିଥିଲେ ସୁଦ୍ଧା ଖାଲି ପଡ଼ିଥିବା ପଦବୀ ପୂରଣ ହେଉନାହିଁ। ଡିଜିଟାଲ ଦକ୍ଷତା ନିଯୁକ୍ତି କ୍ଷମତା ବୃଦ୍ଧି କରିବା ସହ ଭବିଷ୍ୟତରେ ଚାକିରି ପାଇଁ ଯୁବପିଢ଼ିଙ୍କୁ ପ୍ରସ୍ତୁତ କରେ। ତେଣୁ ଏହା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି।

**–ସୁନୀଲ କୁମାର ମିଶ୍ର, ଚାକିରି ଆଶାୟୀ**

**“ ବାସ୍ତବ ଯୋଜନା କାର୍ଯ୍ୟକାରୀ କରାଯାଉ**

ଶରୀରରେ ରକ୍ତ ସଞ୍ଚାଳନ ପରି ଏକ ସମୃଦ୍ଧ ରାଜ୍ୟ ପାଇଁ ସୁଦକ୍ଷ ଯୁବଶକ୍ତିଙ୍କ ଆବଶ୍ୟକତା ରହିଛି। ସେମାନଙ୍କ ଦକ୍ଷତା ଉପରେ ହିଁ ସମଗ୍ର ରାଜ୍ୟର ସାମଗ୍ରିକ ବିକାଶ ନିର୍ଭର କରେ। ଏବର୍ଷ ବିଶ୍ୱ ଯୁବ ଦକ୍ଷତା ବିକାଶ ଦିବସରେ ଏଆଇ ଏବଂ ଡିଜିଟାଲ ଦକ୍ଷତାର ବିକାଶ ବିଷୟ ରହିଛି। କିନ୍ତୁ ଏଯାଏ ଉପଯୁକ୍ତ ତାଲିମ ପ୍ରଦାନ, ନୂଆ କ୍ଷୁଦ୍ର ଓ ମଧ୍ୟମ ଯୁବ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଦିଆଯାଇନାହିଁ। ବିଶ୍ୱବିଦ୍ୟାଳୟରେ ଏଆଇକୁ ନେଇ ବିଭିନ୍ନ ଗବେଷଣାରେ ଆମ ରାଜ୍ୟ ବହୁ ପଛରେ ରହିଛି। ରାଜଧାନୀ ଭୁବନେଶ୍ୱରକୁ ଶିକ୍ଷା ଓ ବୈଷୟିକ ହବ୍ କରିବାକୁ କେବଳ ସ୍ୱପ୍ନ ଦେଖିଦେଲେ ହେବ ନାହିଁ, ଏଥିନିମନ୍ତେ ବାସ୍ତବ ଯୋଜନାର କାର୍ଯ୍ୟକାରିତାକୁ ନେଇ ଅଗ୍ରସର ହେବାକୁ ହେବ।

**– ଅଂଶୁମାନ ସାହୁ, ଯୁବ ସାହିତ୍ୟିକ**

**“ ୨୦୩୬ ବିକଶିତ ଓଡ଼ିଶାରେ ସାମିଲ ହେବେ ୧ଲକ୍ଷ ଦକ୍ଷ ଯୁବକ**

ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୩୬ ସୁଦ୍ଧା ଯେଉଁ ବିକଶିତ ଓଡ଼ିଶାର ଲକ୍ଷ୍ୟ ରଖାଯାଇଛି ସେଥିରେ ୧ଲକ୍ଷ ଦକ୍ଷ ଯୁବବର୍ଗଙ୍କ ଭାଗୀଦାରି ରହିବ। ବର୍ତ୍ତମାନ ଯୁବବର୍ଗଙ୍କୁ ବିଶ୍ୱସ୍ତରୀୟ ଦକ୍ଷତା ଯୋଗାଇବା ପାଇଁ ସରକାରଙ୍କ ପକ୍ଷରୁ ସବୁପ୍ରକାର ବ୍ୟବସ୍ଥା କରାଯାଇଛି। ପ୍ରତିବର୍ଷ ୧୦ହଜାର ଯୁବବର୍ଗଙ୍କୁ ଦକ୍ଷ କରାଯିବାକୁ ଲକ୍ଷ୍ୟ ରହିଛି। ଏହିକ୍ରମରେ ଆସନ୍ତା ୨୦୩୬ ସୁଦ୍ଧା ୧ଲକ୍ଷ ଦକ୍ଷ ଯୁବବର୍ଗ ଓଡ଼ିଶାରୁ ବାହାରିବେ, ଯେଉଁମାନେ କି ବିକଶିତ ଓଡ଼ିଶାକୁ ସାକାର କରିବାରେ ସହାୟକ ହେବେ।

**–ଭୂପିନ୍ଦର ସିଂ ପୁନିଆ, ସଚିବ, ରାଜ୍ୟ ଦକ୍ଷତା ବିକାଶ ବିଭାଗ।**

## ପ୍ରଶଂସକଙ୍କ ଉପରେ ବିଗିଡ଼ିଲେ ଜୁନିୟର ଏନ୍‌ଟିଆର୍

ହାଇଦ୍ରାବାଦ



ସାଉଥ୍ ସୁପରଷ୍ଟାର ଜୁନିୟର୍ ଏନ୍‌ଟିଆର୍‌ଙ୍କର ଏକ ବଡ଼ ଫ୍ୟାନ୍ ଫଲୋଇଙ୍ଗ ରହିଛି। ସୋମବାର ତାଙ୍କର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସେ ତାଙ୍କର ଜଣେ ପ୍ରଶଂସକଙ୍କ ଉପରେ ରାଗିଯାଇଥିବାର ଦେଖିବାକୁ ମିଳିଛି।

ସାଧାରଣତଃ ଜୁନିୟର୍ ଏନ୍‌ଟିଆର୍‌ଙ୍କ ଏକ ଝଲକ ପାଇ ପ୍ରଶଂସକମାନେ ଉତ୍ସାହିତ ହୋଇ ଯାଇଥାନ୍ତି ଏବଂ ତାଙ୍କ ସପକ୍ଷରେ ସ୍ଲୋଗାନ ଦେବା ଆରମ୍ଭ କରିଦିଅନ୍ତି। ରବିବାର ସନ୍ଧ୍ୟାରେ ଜୁନିୟର୍ ଏନ୍‌ଟିଆର ଦିବଂଗତ ଦକ୍ଷିଣ ଭାରତୀୟ ଅଭିନେତା କୋଟା ଶ୍ରୀନିବାସ ରାଓଙ୍କ ହାଇଦ୍ରାବାଦସ୍ଥିତ ବାସଭବନକୁ ଯାଇ ତାଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହାପରେ ସେ ଗଣମାଧ୍ୟମକୁ ସମ୍ବୋଧନ କରି କୋଟା ଶ୍ରୀନିବାସ ରାଓଙ୍କ ସହ ନିଜର ଥିବା ସ୍ମୃତିଗୁଡ଼ିକୁ ମନେ ପକାଉଥିଲେ। ଏହି ସମୟରେ ସେ ଭାବବିହ୍ୱଳ ହୋଇଯାଇଥିଲେ। ସେତେବେଳେ ସେଠାରେ ଉପସ୍ଥିତ ଥିବା ତାଙ୍କର ଜଣେ ପ୍ରଶଂସକ 'ଜୟ ଏନ୍‌ଟିଆର୍'ର ସ୍ଲୋଗାନ ଦେଇଥିଲେ। ପ୍ରଶଂସକଙ୍କ ଏହି ସ୍ଲୋଗାନରେ ଜୁନିୟର ଏନ୍‌ଟିଆର୍ ବିଗିଡ଼ି ଯାଇଥିଲେ। ସେ ନିଜ ସମ୍ବୋଧନକୁ ଅଧାରେ ଏପରି ନ କରିବାକୁ ଉକ୍ତ ପ୍ରଶଂସକଙ୍କୁ ପରାମର୍ଶ ଦେଇଥିଲେ। 'ଜୟ ଏନ୍‌ଟିଆର୍' ନୁହେଁ ବରଂ 'ଜୟ କୋଟା ଶ୍ରୀନିବାସ ରାଓ' କୁହ ବୋଲି ସେ କହିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଅଭିଲିପ୍ସା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମିଥ୍ୟା ରିଟର୍ନ ଦାଖଲ କରୁଥିବା ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କୁ ଚିହ୍ନଟ

## ଆୟକର ବିଭାଗର କଡ଼ା କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୧୪।୭(ଅନୁରାଧା ମହାରଣା)




ଆୟକର ରିଟର୍ନ (ଆଇଟିଆର)ରେ ମିଥ୍ୟା ଡିଡକ୍ସନ ଓ ଛାଡ଼ ଦାବି କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଆୟକର ବିଭାଗ କଡ଼ା ପଦକ୍ଷେପ ଗ୍ରହଣ କରିଛି। ସାରା ଦେଶରେ ଯେଉଁ ଚାର୍ଟର୍ଡ ଆକାଉଣ୍ଟାଣ୍ଟ ଓ ଆକାଉଣ୍ଟାଣ୍ଟମାନେ ମିଥ୍ୟା ଉପାୟରେ ରିଟର୍ନ ଦାଖଲ କରି ଟିକସ ରିଫଣ୍ଡ ନେଉଥିଲେ ସେମାନଙ୍କୁ ଚିହ୍ନଟ କରାଯାଉଛି। ଏହି ବୃହତ୍ ତଦନ୍ତରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଟୁଲସ୍ ଏବଂ ତୃତୀୟ ପକ୍ଷ ଡାଟାର ବ୍ୟବହାର କରାଯାଇଛି। ଏହାଦ୍ୱାରା ଏପର୍ଯ୍ୟନ୍ତ ସିଷ୍ଟମରୁ ବାହାରେ ଥିବା ସନ୍ଦିଗ୍ଧ ପ୍ୟାଟର୍ନକୁ ଚିହ୍ନଟ କରାଯାଇଛି। ଏହି କାର୍ଯ୍ୟାନୁଷ୍ଠାନକୁ ଦେଶର ଅନ୍ୟତମ ବୃହତ୍ ଟ୍ୟାକ୍ସ କ୍ଲେମ୍ ଜାଲିଆତି ମାମଲା ଭାବେ ବିବେଚନା କରାଯାଉଛି। ସେଣ୍ଟ୍ରାଲ ବୋର୍ଡ ଅଫ ଡାଇରେକ୍ଟ ଟ୍ୟାକ୍ସେସ (ସିବିଡିଟି) ଜଣାଇଛି ଯେ, ଏହି ମିଥ୍ୟା କ୍ଲେମ୍‌ଗୁଡ଼ିକର ପରିସର ଛୋଟ ହୋଇଥିଲେ ମଧ୍ୟ ଏହା ସାରା ଦେଶରେ ବ୍ୟାପକ ଭାବେ ବିସ୍ତାର ଲାଭ କରିଛି। ଅନେକ ମାମଲାରେ ଚାର୍ଟର୍ଡ ଆକାଉଣ୍ଟାଣ୍ଟ ଓ ଆକାଉଣ୍ଟାଣ୍ଟମାନେ ଧାରା ୧୦(୧୩ଏ), ୮୦ଡି, ୮୦ଇ, ୮୦ଜି, ଓ ୮୦ଜିଜିବି ଆଦି ଛାଡ଼ର ଅପବ୍ୟବହାର କରି ମିଥ୍ୟା ରିଫଣ୍ଡ ହାସଲ କରୁଥିଲେ। ବାରମ୍ବାର ମିଥ୍ୟା ଦାବି କରୁଥିବା ଅନେକ ଚାର୍ଟର୍ଡ ଆକାଉଣ୍ଟାଣ୍ଟ ଓ ଟିକସ ପ୍ରୋଫେସନାଲଙ୍କୁ ମଧ୍ୟ ଚିହ୍ନଟ କରାଯାଇଛି, ଯେଉଁମାନେ ଆୟକର ବ୍ୟବସ୍ଥାର ଅପବ୍ୟବହାର କରୁଥିଲେ। ଏହି ଅଭିଯାନରେ କୃତ୍ରିମ ବୁଦ୍ଧିମତା(ଏଆଇ)ର ବ୍ୟବହାର କରାଯାଇଛି। ଏହାଦ୍ୱାରା ମିଛ ଘୋଷଣା ଓ ସନ୍ଦିଗ୍ଧ ପ୍ୟାଟର୍ନ ଧରାପଡ଼ିଛି। ଏପର୍ଯ୍ୟନ୍ତ ୧୦୦ରୁ ଅଧିକ ଟିକସଦାତାଙ୍କୁ ସେମାନଙ୍କର ଆଇଟିଆର ଅପଡେଟ କରିବା ପାଇଁ ସୁଯୋଗ ଦିଆଯାଇଛି। ତେବେ ସିବିଡିଟି ସ୍ପଷ୍ଟ କରିଛି ଯେ, ଏପରି ଅପବ୍ୟବହାରକୁ ଏବେ ସମ୍ପୂର୍ଣ୍ଣ ରୋକାଯିବ। ସିବିଡିଟି ସୂଚନା ଅନୁଯାୟୀ, ଲୋକମାନେ ମିଥ୍ୟା ଦାବି କରି ପୁରୁଣା ଟିକସ ବ୍ୟବସ୍ଥାର ଅନୁଚିତ ଲାଭ ଉଠାଉଥିଲେ। ସରକାର ଚାହୁଁଛନ୍ତି ଯେ ଲୋକେ ନୂଆ ଟିକସ ରେଜିମର ସଠିକ ଉପଯୋଗ କରନ୍ତୁ। ଏବେ ପାରଦର୍ଶିତା ଓ ସତ୍ୟତାର ସହିତ ଟିକସ ଦାଖଲ ଉପରେ ଗୁରୁତ୍ୱ ଦିଆଯାଉଛି।

# ଶେୟାର ବଜାରରେ ହ୍ରାସ

ମୁମ୍ବାଇ, ୧୪।୭

କ୍ରମାଗତ ଚତୁର୍ଥ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୨୪୭ (୨୪୭.୦୧) ପଏଣ୍ଟ ହ୍ରାସ ଘଟି ୮୨,୨୫୩ (୮୨,୨୫୩.୪୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୬୭ (୬୭.୫୫) ପଏଣ୍ଟ କମି ୨୫,୦୮୨ (୨୫,୦୮୨.୩୦) ଅଙ୍କରେ କାରବାର ଶେଷ ହୋଇଥିଲା।

# ସେପ୍ଟେମ୍ବର ୨ରୁ ସେମିକନ ଇଣ୍ଡିଆ



ଭୁବନେଶ୍ୱର, ୧୪।୭

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଏକ ୩ ଦିନିଆ ଶିଳ୍ପ ପ୍ରଦର୍ଶନୀ 'ସେମିକନ ଇଣ୍ଡିଆ' ନୂଆଦିଲ୍ଲୀର ଯଶୋଭୂମିଠାରେ ଆୟୋଜିତ ହେବାକୁ ଯାଉଛି। ୨୦୨୫ ସେପ୍ଟେମ୍ବର ୨ ରୁ ୪ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରଦର୍ଶନୀ ପାଇଁ ପରିଦର୍ଶକ ପଞ୍ଜୀକରଣ ଆରମ୍ଭ ହୋଇଯାଇଛି। ଏହି ପ୍ରଦର୍ଶନୀ ସେମି ଓ ଆଇଏସ୍ଏମ୍ ଦ୍ୱାରା ଶିଳ୍ପ ଅଂଶୀଦାରମାନଙ୍କ ସହଯୋଗରେ ପରିଚାଳିତ ହେବ। ଚଳିତ ବର୍ଷ 'ବିଲଡିଂ ଦି ନେକ୍ସଟ ସେମିକଣ୍ଡକ୍ଟର ପାୱାର ହାଉସ' ଶୀର୍ଷକ ବିଷୟବସ୍ତୁ ଉପରେ ଏହି ପ୍ରଦର୍ଶନୀ ଆୟୋଜିତ ହେଉଛି। ବିଶେଷ କରି ଏହି କାର୍ଯ୍ୟକ୍ରମ ମାଇକ୍ରୋ ଇଲେକ୍ଟ୍ରୋନିକ ଓ ସେମିକଣ୍ଡକ୍ଟର ମୂଲ୍ୟ ଶୃଙ୍ଖଳା ଉପରେ ଭାରତର ବୃଦ୍ଧି ପାଉଥିବା କ୍ଷମତା ଓ ମହତ୍ତ୍ୱାକାଂକ୍ଷାକୁ ଦର୍ଶାଇବ। ଉଲ୍ଲେଖଯୋଗ୍ୟ, ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରାଦ୍ୟୋଗିକୀ ମନ୍ତ୍ରଣାଳୟର ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ ତତ୍ତ୍ୱାବଧାନରେ ଏହି ପ୍ରଦର୍ଶନୀ ଆୟୋଜିତ ହେବ। ଏପରିକି ସେମିକନ ଇଣ୍ଡିଆ ହେଉଛି ସେମି ଦ୍ୱାରା ବିଶ୍ୱବ୍ୟାପୀ ଆୟୋଜିତ ୮ଟି ବାର୍ଷିକ ସେମିକନ ପ୍ରଦର୍ଶନୀ ମଧ୍ୟରୁ ଅନ୍ୟତମ। ଯାହା ବିଶ୍ୱ ସେମିକଣ୍ଡକ୍ଟର ଡିଜାଇନ ଓ ଉତ୍ପାଦନ ଇକୋ ସିଷ୍ଟମରେ କାର୍ଯ୍ୟ ନିର୍ବାହୀ ଏବଂ ଅଗ୍ରଣୀ ବିଶେଷଜ୍ଞମାନଙ୍କୁ ଏକତ୍ରିତ କରିଥାଏ। ସେହିପରି ଏହି ପ୍ରଦର୍ଶନୀରେ ମୋଟ ୧୮ ଟି ଦେଶ ଓ ଅଞ୍ଚଳର ୩୦୦ରୁ ଅଧିକ କମ୍ପାନୀ ସେମାନଙ୍କର ସାମଗ୍ରୀ ଓ ଇଲେକ୍ଟ୍ରୋନିକ ମୂଲ୍ୟ ଶୃଙ୍ଖଳା ପ୍ରଦର୍ଶନ କରୁଛନ୍ତି। ବିଶ୍ୱସ୍ତରୀୟ ସିଏକ୍ସଓ ଏବଂ ଶିଳ୍ପ ବିଶେଷଜ୍ଞମାନେ ଯୋଗ ଦେଉଥିବାବେଳେ ପ୍ରମୁଖ ବକ୍ତାମାନଙ୍କ ସହ ଏହି ୩ ଦିନିଆ ସମ୍ମିଳନୀରେ ୪ଟି ଅନ୍ତର୍ଜାତୀୟ ପାଭିଲିୟନ, ୯ଟି ଅଂଶଗ୍ରହଣକାରୀ ରାଜ୍ୟ ସରକାରଙ୍କ ପାଭିଲିୟନ ରହିଛି। ଏହି ପ୍ୟାଭିଲିୟନର କର୍ମଶକ୍ତି ବିକାଶ ପାଭିଲିୟନ, ଷ୍ଟାର୍ଟଅପ ପାଭିଲିୟନ ଓ ୭ଟି ଦେଶୀୟ ଗୋଲଟେବୁଲ ଏବଂ ବି୨ବି ଫୋରମ ଇତ୍ୟାଦି ଅନୁଷ୍ଠିତ ହେବ। ଏ ନେଇ ସେମିର ପ୍ରେସିଡେଣ୍ଟ ତଥା ସିଇଓ ଅଜିତ ମନୋଚା କହିଥିଲେ, ଚଳିତ ବର୍ଷ ସେପ୍ଟେମ୍ବର ୨ରୁ ସେମିକନ ଇଣ୍ଡିଆ ଆରମ୍ଭ ହେଉଛି। ଏହି ପ୍ରଦର୍ଶନୀ ଆମର ପ୍ରମୁଖ ସେମିକନ ଏକ୍ସପୋ ଓ ଶିଳ୍ପ ଅଭିବୃଦ୍ଧିକୁ ଆଗକୁ ନେବା ପାଇଁ ପ୍ରୟାସ ଜାରି ରହିଛି। ଏହି କାର୍ଯ୍ୟକ୍ରମ ଜରିଆରେ ଗ୍ରୀନଫିଲ୍ଡ ଦେଶଗୁଡ଼ିକ ସହ ସେମିକଣ୍ଡକ୍ଟର ଇକୋସିଷ୍ଟମକୁ ବୃଦ୍ଧି ପାଇଁ ସେମିର ଏକ ପ୍ରମାଣିତ ଟ୍ରାକ ରେକର୍ଡ ରହିଛି ବୋଲି ସେ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି। ସେହିଭଳି ଆମେ ଶିଳ୍ପ ନେତା, ନବସୃଜନକାରୀ, ଗବେଷକ, ଛାତ୍ର ଓ ନୀତି ନିର୍ଦ୍ଧାରକମାନଙ୍କୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆମନ୍ତ୍ରଣ କରୁଛୁ ବୋଲି ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଦ୍ୟୋଗିକୀ ମନ୍ତ୍ରଣାଳୟର ସଚିବ ଏସ.କ୍ରିଷ୍ଣନ କହିଥିଲେ। ସେହିପରି ଭାରତ ଏହାର ଅର୍ଦ୍ଧପରିବାହୀ ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ଅଛି।

# ବିଆଇପିଏଫ୍‌ର ନୂତନ ଆଉଟ୍‌ରିଚ୍ ପ୍ରୋଗ୍ରାମ

ଭୁବନେଶ୍ୱର, ୧୪।୭



ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ ଲିମିଟେଡ୍(ଇମ୍ଫା)ର ସାମାଜିକ କଲ୍ୟାଣ ଶାଖା ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେଶନ (ବିଆଇପିଏଫ୍)ର ନୂତନ ଆଉଟ୍‌ରିଚ୍ ପ୍ରୋଗ୍ରାମ 'କନ୍ୟା ଏକ୍ସପ୍ରେସ ଏବଂ ଇ-ଶିକ୍ଷା ଏକ୍ସପ୍ରେସ'ର ଶୁଭାରମ୍ଭ ସୋମବାର ଯାଜପୁରର କଳିଙ୍ଗ ନଗରଠାରେ ହୋଇଯାଇଛି। ଏହି ଅବସରରେ ଯାଜପୁର ଜିଲାପାଳ ପି. ଅନୱେସା ରେଡ୍ଡି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଏ ସମ୍ପର୍କରେ ବିଆଇପିଏଫ୍‌ର ଟ୍ରଷ୍ଟି ତଥା ସିଇଓ ଶୈଫାଳିକା ପଣ୍ଡା କହିଛନ୍ତି, ପ୍ରକୃତବିକାଶ କାର୍ଯ୍ୟ ଆରମ୍ଭ ହେବା ପାଇଁ ଅପେକ୍ଷା କରିବା ନୁହେଁ, ଏହା ପ୍ରଥମ ଦିନରୁ ସମ୍ପ୍ରଦାୟ ପାଇଁ ଉପସ୍ଥିତ ହେବା ଆବଶ୍ୟକ। କନ୍ୟା ଏକ୍ସପ୍ରେସ ଏବଂ ଇ-ଶିକ୍ଷା ଏକ୍ସପ୍ରେସ ସହିତ ଆମେ ଅତ୍ୟାବଶ୍ୟକ ସେବାଗୁଡ଼ିକୁ ସିଧାସଳଖ ସେହିସ୍ଥାନକୁ ନେଇ ଯାଉଛୁ ଯେଉଁଠାରେ ସେମାନଙ୍କର ସବୁଠାରୁ ଅଧିକ ଆବଶ୍ୟକତା ଅଛି। ଏହି ପଦକ୍ଷେପଗୁଡ଼ିକ ଆମର ବିଶ୍ୱାସକୁ ପ୍ରତିଫଳିତ କରିଛି। ଯେତେବେଳେ ଆପଣ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ମର୍ଯ୍ୟାଦା ପାଇଁ ପ୍ରାରମ୍ଭିକ ବିନିଯୋଗ କରନ୍ତି, ଆପଣ ଏକ ଅଧିକ ସ୍ଥିର ଏବଂ ଅନ୍ତର୍ଭୁକ୍ତ ଭବିଷ୍ୟତ ପାଇ ମୂଳଦୁଆ ସ୍ଥାପନ କରନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଯାଜପୁର ଉପଜିଲାପାଳ ସପନ କୁମାର ନନ୍ଦ, ଜିଲା ସମାଜ କଲ୍ୟାଣ ଅଧିକାରୀ ପାର୍ବତୀ ସାହୁ, ମୁଖ୍ୟ ଜିଲା ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ବିଜୟ ମିଶ୍ର, ବ୍ଲକ ବିକାଶ ଅଧିକାରୀ ପ୍ରଦୀପ ସେଠୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ନନ୍ଦିନୀ ପ୍ରଭା ମିଶ୍ର, ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡକ୍ଟର ଜ୍ୟୋତି ମହାପାତ୍ର ଏବଂ ଇମ୍ଫା ଓ ବିଆଇପିଏଫର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଏସ୍‌ସିଡିଏଚ୍‌ଆରଏଲ୍‌ର ରୌପ୍ୟ ଜୟନ୍ତୀ ଉତ୍ସବ

ଭୁବନେଶ୍ୱର, ୧୪।୭

ଡକ୍ଟର ଏସ୍. ସି. ଦେବ ହୋମିଓ ରିସର୍ଚ୍ଚ ଲାବୋରେଟୋରି ପ୍ରାଇଭେଟ ଲିମିଟେଡ ବା ଏସ୍‌ସିଡିଏଚ୍‌ଆର୍‌ଏଲ୍‌ର ରୌପ୍ୟ ଜୟନ୍ତୀ (୨୫ବର୍ଷ) ଉତ୍ସବ ନିକଟରେ କୋଲକାତାର ସାଇନ୍ସ ସିଟି ଅଡିଟୋରିୟମରେ ପାଳିତ ହୋଇଯାଇଛି। ଏହି ଅବସରରେ ହୋମିଓପାଥିକ୍ ନିୟାମକ ସଂସ୍ଥାର ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସମେତ ଭାରତ ଏବଂ ବିଦେଶର ପ୍ରମୁଖ ଡାକ୍ତରମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଉଷା ଉଥୁପ୍, କଲ୍ୟାଣ ସେନ୍ ବରତ, ରୂପଙ୍କର ବାଗଚି ଏବଂ ଡୋନା ଗାଙ୍ଗୁଲିଙ୍କ ଭଳି ପ୍ରମୁଖ ବ୍ୟକ୍ତିତ୍ୱଙ୍କ ଉପସ୍ଥିତି ଉତ୍ସବ ଆକର୍ଷଣର କେନ୍ଦ୍ର ପାଲଟିଥିଲା। ଏ ସମ୍ପର୍କରେ ଏସ୍‌ସିଡିଏଚଆରଏଲର ପ୍ରତିଷ୍ଠାତା ଚଞ୍ଚଳ ଚନ୍ଦ୍ର ଦେବ କହିଛନ୍ତି, ଭାରତରେ ପଶ୍ଚିମବଙ୍ଗ ହୋମିଓପାଥିର ମୁଖ୍ୟ କେନ୍ଦ୍ର ହୋଇଥିବାରୁ ହୋମିଓପାଥିର ପ୍ରୋତ୍ସାହନ, ଗବେଷଣା ଏବଂ ଜନସଚେତନତାରେ କମ୍ପାନୀ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଏପରିକି ସେ ସମସ୍ତ ହୋମିଓପାଥିକ୍ ଔଷଧ ନିର୍ମାଣକାରୀ ସଂଗଠନଗୁଡ଼ିକୁ ହୋମିଓପାଥିର ସାମଗ୍ରିକ ବିକାଶ ପାଇଁ ମିଳିତ ପଦକ୍ଷେପ ନେବାକୁ ଆହ୍ୱାନ କରିଥିଲେ। ସେହିଭଳି ହୋମିଓପାଥି ମୁଖ୍ୟତଃ ଅବହେଳିତ ସମ୍ପ୍ରଦାୟ ପାଇଁ ଚିକିତ୍ସାର ମୁଖ୍ୟ ଆଧାର ଭାବେ କାର୍ଯ୍ୟ କରିଥାଏ। ଅପରପକ୍ଷରେ ହାସନ ମିର୍ଜା କଲ୍ୟାଣ ଟ୍ରଷ୍ଟ, କାମାକ୍ଷା ବାଳକ ଆଶ୍ରମ ଏବଂ ଆର୍ଶୀନଗର ଭଳି ସ୍ୱେଚ୍ଛାସେବୀ ସଂଗଠନ ସହିତ ସହଯୋଗ କରି ହୋମିଓପାଥି କମ୍ପାନୀଗୁଡ଼ିକ ମାନବତାବାଦୀ ସେବାକୁ ଏକ ସମାନ୍ତରାଳ ମିଶନ ଭାବେ ଗ୍ରହଣ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ୨୫୦୦ ଲୋକଙ୍କର ସମାବେଶ ହୋଇଥିଲାବେଳେ ସଂଗଠନ ପାଇଁ ଏହା ଏକ ଅଭୂତପୂର୍ବ ସଫଳତା ଥିଲା ବୋଲି ଏସସିଡିଏଚଆରଏଲ ପକ୍ଷରୁ କୁହାଯାଇଛି।

# ହାଇଟେକ୍‌ରେ ନୂତନ ସେବାର ଶୁଭାରମ୍ଭ



ଭୁବନେଶ୍ୱର, ୧୪।୭

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ଭୁବନେଶ୍ୱରର ପାଣ୍ଡରାସ୍ଥିତ ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଏକ ନୂତନ ସେବାର ଶୁଭାରମ୍ଭ କରାଯାଇଛି। ବିଶେଷ କରି ବିଶ୍ୱରାଜ୍ ଫାର୍ମାସ୍ୟୁଟିକାଲ ଏଲଏଲପି ସହ ପ୍ରସୂତୀ ବିଭାଗ ଏବଂ ଚର୍ମ, କେଶ ଓ ସ୍କାଲ୍ପ ଡିଟେକ୍ଟର ୟୁନିଟକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରାଯାଇଛି। ଏହି ଅବସରରେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ, ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦଘାଟନ କରିଥିଲେ। ଏହି ଅବସରରେ ପାରଳାଖେମୁଣ୍ଡି ବିଧାୟକ ଇଂ ରୂପେଶ କୁମାର ପାଣିଗ୍ରାହୀଙ୍କ ସମେତ ହାଇଟେକ୍ ଗ୍ରୁପ୍‌ର ସିଇଓ ତଥା ଏମଡି ସୁରେଶ କୁମାର ପାଣିଗ୍ରାହୀ, ନିର୍ଦ୍ଦେଶକ ଡା. ରାକେଶ କୁମାର ପାଣିଗ୍ରାହୀ, ନିର୍ଦ୍ଦେଶକ ବିଶ୍ୱରାଜ ପାଣିଗ୍ରାହୀ ପ୍ରମୁଖ ଯୋଗଦାନ କରିଥିଲେ।

ସେହିଭଳି ନୂତନ ଜ୍ଞାନକୌଶଳରେ ନିର୍ମିତ ଏହି ପ୍ରସୂତୀ ବିଭାଗରେ ସମସ୍ତ ସୁବିଧା ସାମିଲ କରାଯାଇଛି। ମୁଖ୍ୟତଃ ବର୍ତ୍ତମାନ ସମୟରେ ବଢୁଥିବା ସିଜେରୀଆନ ଡେଲିଭେରିକୁ ହ୍ରାସ କରାଯାଇ ନର୍ମାଲ ଡେଲିଭେରି ସହ ପେନ୍‌ଲେସ୍ ଡେଲିଭେରିକୁ ଗୁରୁତ୍ୱ ଦିଆଯିବ ବୋଲି ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ କହିଛନ୍ତି। ସେହିପରି ପେନ୍‌ଲେସ୍ ଡେଲିଭେରିକୁ ଗୁରୁତ୍ୱ ଦିଆଯିବା ସହ ଶିଶୁମାନଙ୍କ ନିମନ୍ତେ ଉନ୍ନତ ମାନର ଏନ୍‌ଆଇସିୟୁ ଓ ପିଆଇସିୟୁର ସୁବିଧା ମଧ୍ୟ ରହିଛି ବୋଲି ସୁରେଶ କୁମାର ପାଣିଗ୍ରାହୀ କହିଛନ୍ତି। ଅପରପକ୍ଷରେ ଚର୍ମ, କେଶ ଓ ସ୍କାଲ୍ପ ଡିଟେକ୍ଟର ଦ୍ୱାରା ଚୁଟି ଝଡ଼ିବା ଓ ପତଳା ହେବା, ରୁପି ସମସ୍ୟା ଏବଂ ଚର୍ମରେ କଳାଦାଗ, ବ୍ରଣ ସମସ୍ୟାକୁ ଡିଟେକ୍ଟ କରାଯାଇ ତା'ର ଚିକିତ୍ସା ଦିଆଯିବ। ଉକ୍ତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ମେଡିକାଲ ସୁପରିଟେଣ୍ଡେଣ୍ଟ ଡା. ରବିନ୍ଦ୍ରନାଥ ବେହେରା, ସାଧାରଣ ପ୍ରଶାସକ ଡ. ବାସୁଦେବ ବେହେରା, ଡେପୁଟି ମେଡିକାଲ ସୁପରିଟେଣ୍ଡେଣ୍ଟ ଡ. ଚନ୍ଦନ ସାମନ୍ତରାୟ, ପ୍ରିନ୍ସିପାଲ ପ୍ରଫେସର୍ ଡା. ପୂର୍ଣ୍ଣଚନ୍ଦ୍ର ଦାଶ, ଡିନ୍ ଓ ନିର୍ଦ୍ଦେଶକ ପ୍ରଫେସର୍ ଡା. ରାଧାମାଧବ ତ୍ରିପାଠୀ, ସାଇକାଟ୍ରିକ୍ ପ୍ରଫେସର୍ ଡା. ଅମ୍ରିତ୍ ପଟ୍ଟଯୋଶୀ, ଅସ୍ଥିଶଲ୍ୟ ବିଭାଗର ପ୍ରଫେସର୍ ଡା. ନରେଶ କୁମାର ପାଣିଗ୍ରାହୀ ଏବଂ କର୍ଣ୍ଣ ନାସା ଓ ଗଳା ବିଭାଗର ମୁଖ୍ୟ ପ୍ରଫେସର୍ ଡା. ରାଜଲକ୍ଷ୍ମୀ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ବିଭାଗର ଡାକ୍ତର ଓ ନର୍ସିଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ମ୍ୟୁଚୁଆଲ ଫଣ୍ଡ ଶିଳ୍ପରେ ବନ୍ଧନ ଏଏମସିର ରୌପ୍ୟ ଜୟନ୍ତୀ

ଭୁବନେଶ୍ୱର, ୧୪।୭

ଭାରତୀୟ ମ୍ୟୁଚୁଆଲ ଫଣ୍ଡ ଶିଳ୍ପରେ ବନ୍ଧନ ଏଏମସି ଲିମିଟେଡର ଅବଦାନ ବେଶ ଉଲ୍ଲେଖନୀୟ ରହିଛି। ଏପରିକି କମ୍ପାନୀ ନିକଟରେ ରୌପ୍ୟ ଜୟନ୍ତୀ/୨୫ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରିଛି। ଯାହାକି ବିଶ୍ୱାସ, ଉଦ୍ଭାବନ ଓ ସଞ୍ଚୟକାରୀଙ୍କୁ ନିବେଶକରେ ପରିଣତ ହେବାରେ ସାହାଯ୍ୟ କରିବା ପାଇଁ ଦୃଢ଼ ପ୍ରତିବଦ୍ଧତା ଉପରେ ନିର୍ମିତ ହୋଇଛି। ସେହିଭଳି କମ୍ପାନୀ ନିବେଶକ ଓ ପାର୍ଟନରଙ୍କ ସହ ଏହି ସଫଳତାକୁ ପାଳନ କରିଛି। ବନ୍ଧନ ଏଏମସି ପକ୍ଷରୁ ସଙ୍ଗୀତ-ଭିତ୍ତିକ କାହାଣୀ 'ରାଜୁ ଭୈୟା କୀ କାହାନି'କୁ ସ୍ୱତନ୍ତ୍ର ଭାବେ ଉପସ୍ଥାପନ କରାଯାଇଛି, ଏହା ସଞ୍ଚୟଠାରୁ ଆରମ୍ଭ କରି ଆତ୍ମବିଶ୍ୱାସର ସହ ନିବେଶ କରିବା ପର୍ଯ୍ୟନ୍ତ ଅନେକ ନିବେଶକଙ୍କ ପରିଚିତ ଯାତ୍ରା ସହ ପ୍ରତିଫଳିତ ହେଉଛି। ଏ ସମ୍ପର୍କରେ ବନ୍ଧନ ଏଏମସିର ସିଇଓ ବିଶାଲ କପୁର କହିଛନ୍ତି, ଶିଳ୍ପରେ ଆମେ ଆମ ଯାତ୍ରାର ୨୫ ବର୍ଷ ପାଳନ କରୁଥିବାରୁ ବେଶ ଉତ୍ସାହିତ ଅଛୁ। ଏପରିକି ଆମେ ଲକ୍ଷ ଲକ୍ଷ ସଞ୍ଚୟକାରୀଙ୍କୁ ନିବେଶକରେ ପରିଣତ କରିବାରେ ସାହାଯ୍ୟ କରିବା କ୍ଷେତ୍ରରେ ଗ୍ରହଣ କରିଥିବା ଆମର ଭୂମିକାକୁ ନେଇ ଗର୍ବିତ ଅଛୁ। ଏଏନଜେଡ ଗ୍ରିଣ୍ଡଲେଜ ମ୍ୟୁଚୁଆଲ ଫଣ୍ଡ ଭାବେ ଆମର ଉତ୍ପତ୍ତିରୁ ଆରମ୍ଭ କରି ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ମ୍ୟୁଚୁଆଲ ଫଣ୍ଡ, ଆଇଡିଏଫସି ଏଏମସି ଏବଂ ବର୍ତ୍ତମାନ ବନ୍ଧନ ଏଏମସିରେ ପରିଣତ ହେବା ପର୍ଯ୍ୟନ୍ତ ପ୍ରତ୍ୟେକ ସଫଳତା ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ଉଦ୍ଭାବନ ଓ ନିବେଶକ-କୈନ୍ଦ୍ରିକତା ପ୍ରତି ଆମର ପ୍ରତିବଦ୍ଧତାର ଏକ ପ୍ରମାଣ ରହିଆସିଛି।


# Classified Everyday
0674-2580101, 9692975378


REAL ESTATE
SALE

ଗୃହୋପଯୋଗି Single ପ୍ଲଟ୍ ପାଚେରି ସହିତ ହଂସପାଳ ମୁଖ୍ୟ କେନାଲ୍ ପାଖରେ 2100sqft. area ବିକ୍ରିହେବ। 6370469894. D-76292

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/-. 8328868883. D-76284

3BHK ready to move flat for sale at Jayadev Vihar Square, 2/4 BHK flat for sale at Hansapal Square, NH facing. Contact No.- 9437307086, 7008789347. D-1241

Duplex sale near AIIMS Hospital Bhubaneswar, apartment Sum Hospital. 9777433701. D-76285

କଟକ ମହାନଦୀବିହାରରେ 2/3 BHK flat ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ 3BHK duplex readymade ଅଛି। 8327785834. D-76286

Commercial land sale Area 2047sqft. NH-57 Pitapalli, Bhubaneswar with boundarywall. 7008634668. D-76287

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ପାଖରେ 1300sqft. 5,80,000/- ପ୍ଲଟ୍ ବିକ୍ରିହେବ। 9114705579. D-76288

FOR RENT

5800sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-1278

ବ ି ବ । ହ ମ ଣ୍ଡ ପ
ଚନ୍ଦ୍ରଶେଖରପୁରଠାରେ ଭଡ଼ା ଦିଆଯିବ, ସାଜସଜା ଅଡ଼ିଓ ଏବଂ କ୍ୟାଟରିଂ ସାମଗ୍ରୀ। 9437008388. D-1294

## LOST

ମୁଁ ଶ୍ରୀମତୀ ସୀଲା ରାଣୀ ସାହୁ, ସ୍ୱାମୀ: ଲଳିତ କୁମାର ସାହୁ, ପ୍ଲଟ୍ ନମ୍ବର:- LB- 293, ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର ଘୋଷଣା କରୁଅଛିକି ମୋ ନିଜ ଦ୍ୱାରା କିଣା ଯାଇଥିବା ଜାଗା ଖାତା ନମ୍ବର- 884/1294 ପ୍ଲଟ୍ ନମ୍ବର- 1367/2659 ଏରିଆ- ୧୦୦ ଡେସିମିଲି, ମୌଜା- କପିଳ ପ୍ରସାଦ, ଭୁବନେଶ୍ୱର ସହର, ୟୁନିଟ୍ 23. ମୋ ଜାଗାର ପୁରୁଣା ଲିଙ୍କ୍ କବଲା ନମ୍ବର:- 8115, ତାରିଖ- 29/10/1979 ମାଲିକଙ୍କ ନାମ ଶୈଳବାଳା ଦେବୀ, ସ୍ୱାମୀ- ସତ୍ୟବାଦୀ ହୋତା ଯାହାଙ୍କ ପାଖରୁ ମୁଁ ଜାଗା କ୍ରୟ କରିଥିଲି। ସେହି କବଲାଟି ମୁଁ ଅଫିସ୍ ଯିବା ସମୟରେ ବଡ଼ଗଡ଼ ଅଞ୍ଚଳରେ କେଉଁଠାରେ ହଜିଯାଇଛି। ମୁଁ ତାରିଖ- 09.07.2025ରେ ବଡ଼ଗଡ଼ ଥାନାରେ Lost report ଦାଖଲ କରିଅଛି। D-1299

## AFFIDAVIT

By virtue of an affidavit in the Court of Executive Magistrate, Simulia, I declare that in my Bank Passbook name is recorded as Sabita Dash of Village- Kalamchua, P.O.- Haripur, P.S.- Khaira, Dist.- Balasore. But in Aadhaar & Voter ID Card my name is mentioned as Anjali Tiadi, W/o- Purnachandra Tiadi, resident of village Salomadhapur, P.S.- Simulia, Dist.- Balasore. Both the above name belongs to one & same person.
Anjali Tiadi
D-1295

By virtue of an affidavit before Executive Magistrate, Bhubaneswar, on dtd- 09.07.25, I Sri Hrusi Kesha Kabi, Plot No.- 3450, Badagada Jharna, Badagada, Bhubaneswar, Dist.- Khurda, PIN- 751018, declare that my name was mentioned Hrushi Kesh Kabi instead of Hrusi Kesha Kabi and my wife's name was mentioned Bhanumati Kabi instead of Bhanumati Prusty in Son's KV.No.- I School register. Henceforth my name was known as Hrusi Kesha Kabi and my wife's name was Bhanumati Prusty for all future purposes. D-1297

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I, Bhagirathi Swain, S/o. Harihar Swain, At/P.O.- Tarava, P.S.- Dhenkanal Sadar, Dist.- Dhenkanal- 759013, Odisha, have changed of my minor son name from Captain Raj aged 14years to Capt Raj on dtd- 26.06.2025, before Executive Magistrate, Dhenkanal. D-1292

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

ଦ୍ୱାଦଶାହ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପ୍ରଶାନ୍ତ କୁମାର ଆଚାର୍ଯ୍ୟ
ହୋଟେଲ ଭୂପତି, ନୂଆ ବସ୍‌ଷ୍ଟାଣ୍ଡ ରୋଡ୍, ବ୍ରହ୍ମପୁର, ଗଞ୍ଜାମ
ଆବିର୍ଭାବ: ୧୫।୦୩।୧୯୭୮
ତିରୋଧାନ: ୦୪।୦୭।୨୦୨୫
ତାହୁଁ ତାହୁଁ ବାରଦିନ ବିତିଗଲା। ହଠାତ୍ ଆମ ଠାରୁ ଦୂରେଇ ଯିବା ଆମକୁ ବହୁତ କଷ୍ଟ ଦେଇଛି। ପବିତ୍ର ଆତ୍ମାର ଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ହୋଟେଲ ଭୂପତି କର୍ମଚାରୀ ବୃନ୍ଦ ଓ ସାଙ୍ଗସାଥି
ଧ-୧୨୯୬

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସ୍ୱର୍ଣ୍ଣଲତା ଦାଶ
ପାରିବାସୁଦେଇପୁର, ବାଲିଅନ୍ତା, ଖୋର୍ଦ୍ଧା
ଜନ୍ମ: ୧୯୩୬ ମାର୍ଗଶୀର ମାସ ୬ ତାରିଖ
ମୃତ୍ୟୁ: ୨୦୨୫ ଜୁଲାଇ ମାସ ୪ ତାରିଖ
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ। ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ପ୍ରାର୍ଥନା।
ଶୋକସନ୍ତପ୍ତ: ଦାଶ ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁ ପରିଜନ
ଧ-୧୨୯୮

# ସବୁଜ ଅନୁଗୋଳ ମୋବାଇଲ ଆପ୍ଲିକେଶନ ଲୋକାର୍ପିତ

ଅନୁଗୋଳ,୧୪।୭ (ମାନସ ବିଶ୍ୱାଳ)




ଅନୁଗୋଳ ବନ ବିଭାଗ ପକ୍ଷରୁ 'ସବୁଜ ଅନୁଗୋଳ' ମୋବାଇଲ ଆପ୍ଲିକେଶନ ଗତ ୩ ତାରିଖରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣିଙ୍କ ଉପସ୍ଥିତିରେ ଲୋକାର୍ପଣ କରାଯାଇଥିଲା। ଗୁଗଲ ପ୍ଲେ ଷ୍ଟୋରରେ ଉପଲବ୍ଧ ସବୁଜ ଅନୁଗୋଳ ମୋବାଇଲ ଆପ୍ ୩ଟି ପ୍ରମୁଖ ବୈଶିଷ୍ଟ୍ୟ ପ୍ରଦାନ କରୁଛି। ଏହା ମାଧ୍ୟମରେ ନାଗରିକ ଏବଂ ଅନୁଷ୍ଠାନଗୁଡ଼ିକ ଚାରା ରୋପଣ ପାଇଁ ଅନୁରୋଧ କରିପାରିବେ। ଜଙ୍ଗଲ କାର୍ଯ୍ୟକଳାପ ସମ୍ବନ୍ଧୀୟ ଅଭିଯୋଗ କିମ୍ବା ପରାମର୍ଶ ଦାଖଲ କରିପାରିବେ। ଅନୁଗୋଳ ଜିଲା ମଧ୍ୟରେ ପ୍ରଦୂଷଣ ଘଟଣାର ରିପୋର୍ଟ କରିପାରିବେ। ଜଙ୍ଗଲ ସଂରକ୍ଷଣ ସହିତ ଜଡିତ ଅପଡେଟ୍, ସେବା ଏବଂ ଶିକ୍ଷାଗତ ବିଷୟବସ୍ତୁ ପାଇବା ପାଇଁ ଜନସାଧାରଣ ଏହି ସରକାରୀ ୱେବ୍‌ସାଇଟ ଏକ ୱାନ-ଷ୍ଟପ୍ ପ୍ଲାଟଫର୍ମ ଭାବରେ ବ୍ୟବହାର କରୁଥିବା ଅନୁଗୋଳ ଏସିଏଫ୍‌ଓ ବିଦ୍ୟାସାଗର ପ୍ରକାଶ କରିଛନ୍ତି। ଅନୁଗୋଳ ବନ ବିଭାଗର ଏହି ମୋବାଇଲ ଆପ୍ଲିକେଶନ ଏକ ସରକାରୀ ସାର୍ବଜନୀନ ୱେବସାଇଟ ଏବଂ ଏକ ଜିଆଇଏସ୍ ଆଧାରିତ ଏମ୍‌ଆଇଏସ୍ ପୋର୍ଟାଲ। ସ୍ୱଚ୍ଛତା, ଜନସାଧାରଣଙ୍କ ସହଭାଗିତା ଏବଂ ଜଙ୍ଗଲ ସମ୍ବନ୍ଧୀୟ ସେବାର ସୁଗମତା ବୃଦ୍ଧି ପାଇଁ ଏକ ପ୍ରମୁଖ ଡିଜିଟାଲ ପଦକ୍ଷେପ ବନ ବିଭାଗ ପକ୍ଷରୁ ଆରମ୍ଭ କରାଯାଇଛି। ଜଙ୍ଗଲ ପରିଚାଳନାକୁ ଅଧିକ ଦକ୍ଷ କରିବା ଲକ୍ଷ୍ୟରେ ଏହି ପ୍ଲାଟଫର୍ମଗୁଡ଼ିକ ସ୍ମାର୍ଟ ଏବଂ ସ୍ୱଚ୍ଛ ଶାସନ ପାଇଁ ଜନସାଧାରଣଙ୍କ ଚାହିଦା ଅନୁଯାୟୀ ବିକଶିତ ହୋଇଛି। ଏହା ବନ ଅଧିକାରୀମାନଙ୍କୁ ପ୍ରକୃତ ସମୟ, ମନିଟରିଂ, ତଥ୍ୟ ଚାଳିତ ନିଷ୍ପତ୍ତି ଗ୍ରହଣ ଏବଂ ପ୍ରଭାବଶାଳୀ ଯୋଜନା, ବିଶେଷକରି ବନ୍ୟପ୍ରାଣୀ ସୁରକ୍ଷା ଏବଂ ବାସସ୍ଥାନ ସଂରକ୍ଷଣ ପାଇଁ ସହାୟତା କରୁଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଗାଡ଼ି ସହ ଗଞ୍ଜେଇ ଜବତ, ଜଣେ ଗିରଫ

ବଇଣ୍ଡା,୧୪।୭(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ସୋମବାର ଆଠମଲ୍ଲିକ ମହାନଦୀ ବ୍ରିଜ୍‌ଠାରେ ଚୋରା ଚାଲାଣ ହେଉଥିବା ଗଞ୍ଜେଇ ସହ ବୋଲେରୋ ଜବତ କରାଯାଇଛି। ଏଥିସହ ଗଞ୍ଜେଇ ବ୍ୟବସାୟୀ ଛେଣ୍ଡିପଦା ଥାନା ସନ୍ତରାବନ୍ଧ ଅଞ୍ଚଳର ତପନ କୁମାର ସାହୁଙ୍କୁ ଗିରଫ କରାଯାଇଛି। ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି, ତପନ ଏକ ବୋଲେରୋ (ଓଆର ୨୨ ଡି ୧୦୦୧) ଯୋଗେ ଫୁଲବାଣୀରୁ ଛେଣ୍ଡିପଦା ଅଭିମୁଖେ ଗଞ୍ଜେଇ ନେଇ ଆସୁଥିବା ବେଳେ ଖବରପାଇ ଆଠମଲ୍ଲିକ ଅବକାରୀ ନିରୀକ୍ଷକ ପବିତ୍ର ମୋହନ ମାଝୀଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିଲା। ଗାଡ଼ିରେ ୪୬ କେଜି ୩୦୦ ଗ୍ରାମ ଗଞ୍ଜେଇ ଥିଲା।



# ଏସ୍‌ୟୁସିଆଇ ପକ୍ଷରୁ ଶୋଭାଯାତ୍ରା, ପ୍ରତିବାଦ ସଭା

ଅନୁଗୋଳ, ୧୪।୭ (ମାନସ ବିଶ୍ୱାଳ)




ଅନୁଗୋଳ ବଜାରରେ ପ୍ରତିବାଦ ଶୋଭାଯାତ୍ରା।

ବାଲେଶ୍ୱର ଜିଲା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣାର ପ୍ରତିବାଦରେ ସୋମବାର ଅନୁଗୋଳ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଅନୁଗୋଳ ବଜାରରେ ପ୍ରତିବାଦ ଶୋଭାଯାତ୍ରା ସହ ରାଜାଛକ ଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲା କମିଟି ସଭ୍ୟ ନବକିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ ଓଡିଶା ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଅଶୋକ ମିଶ୍ର, ରାଜ୍ୟ କମିଟି ସଭ୍ୟ ଜୟସେନ ମେହେର ଓ ଜିଲା କମିଟି ସଭ୍ୟ ତଥା ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ରାଜ୍ୟ ସମ୍ପାଦିକା ସରୋଜିନୀ ନାୟକ ପ୍ରମୁଖ ଯୋଗଦେଇ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହିତ ଏହି ଘଟଣାରେ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ଅଭିଯୁକ୍ତ ବିଭାଗୀୟ ମୁଖ୍ୟ ଏବଂ ଅପରାଧୀଙ୍କୁ ସହଯୋଗ କରିଆସିଥିବା ଅଧ୍ୟକ୍ଷଙ୍କ ସମେତ ସମ୍ପୃକ୍ତ ସମସ୍ତଙ୍କୁ ଗିରଫ କରି କଠୋର ଦଣ୍ଡରେ ଦଣ୍ଡିତ କରିବା ପାଇଁ ଦାବି କରିଥିଲେ। ରାଜ୍ୟ ସରକାର ଓ ପୋଲିସ ପ୍ରଶାସନ ବିରୋଧରେ ଜନସାଧାରଣ ପ୍ରତିବାଦ କରିବା ପାଇଁ ଆହ୍ୱାନ ଦେଇଥିଲେ। ପ୍ରତିବାଦ କାର୍ଯ୍ୟକ୍ରମରେ ଦଳର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟା ସ୍ୱୟଂପ୍ରଭା ନାୟକ, ଜିଲା କମିଟି ସଭ୍ୟ ପ୍ରହ୍ଲାଦ ଚନ୍ଦ୍ର ସାହୁ, ବ୍ରଜବନ୍ଧୁ ସାହୁ, ସୁବାସ ପ୍ରଧାନ, ତୀର୍ଥବାସୀ ଭୋଇ, ମନ୍ଦୋଦରୀ ରାଉଳ, ରଣଜିତ ପ୍ରଧାନ, କୈଳାସ ଚନ୍ଦ୍ର ସାହୁ, ମାନସୀ ସ୍ୱାଇଁ, ମାନସ ପାଳ, ସଞ୍ଜୟ ସାହୁ, ପ୍ରମିଳା ପଣ୍ଡାଙ୍କ ସମେତ ଦଳର ବହୁ କର୍ମୀ ସଙ୍ଗଠକ ସାମିଲ ହୋଇଥିଲେ।

# ଜମି ଅଧିଗ୍ରହଣ, ବିସ୍ଥାପନ ଓ ଥଇଥାନ ସମସ୍ୟା ଶୁଣାଣି ଆରମ୍ଭ

ଛେଣ୍ଡିପଦା,୧୪।୭(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ତହସିଲ କାର୍ଯ୍ୟାଳୟରେ ସୋମବାର ସ୍ଥାନୀୟ ଅଞ୍ଚଳର ଖଣି ଓ ଶିଳ୍ପରେ ବିସ୍ଥାପିତ, ଥଇଥାନ ସମସ୍ୟାକୁ ନେଇ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଶୁଣାଣିରେ ୪ଟି ଅଭିଯୋଗ ଆସିଥିଲା। ଜିଲାପାଳ ଅବଦଲ ମହମ୍ମଦ ଅଖତାର ମାସରେ ୨ଟି ସୋମବାରରେ ଛେଣ୍ଡିପଦା ତହସିଲ କାର୍ଯ୍ୟାଳୟ କିମ୍ବା ଅଞ୍ଚଳର କୌଣସି ସ୍ଥାନରେ ଅଭିଯୋଗ ଗ୍ରହଣ କରିବାକୁ ଏଡିଏମ୍ (ରାଜସ୍ୱ)ଙ୍କୁ ଦାୟିତ୍ୱ ଦେଇଛନ୍ତି। ଏହି ଦାୟିତ୍ୱ ପାଇବା ପରେ ଏଡିଏମ୍ ଉଦୟ ମହାପାତ୍ର ନିର୍ଦ୍ଧାରିତ ସମୟରେ ଛେଣ୍ଡିପଦା ତହସିଲରେ ପହଞ୍ଚି ଥଳିପଶି ଗ୍ରାମର ବିସ୍ଥାପିତଙ୍କ ୪ଟି ଅଭିଯୋଗର ଶୁଣାଣି କରିଥିଲେ। ଏହି ଅଭିଯୋଗ ଶୁଣାଣିରେ ଅନୁଗୋଳ ଉପଜିଲାପାଳ ମାୟାଧର ବେହେରା, ଭୂଅର୍ଜନ ଅଧିକାରୀଙ୍କ ସମେତ ନାଲ୍‌କୋ, ଏସ୍‌ଏସ୍‌ସିଏଲ୍, ଜିଏମ୍‌ଡିସି, ଏମ୍‌ସିଏଲ୍ ଆଦିର ଆଧିକାରୀମାନେ ଉପସ୍ଥିତ ଥିଲେ।



ଶିବିରରେ ଅତିରିକ୍ତ ଜିଲାପାଳ ଅଭିଯୋଗର ଶୁଣାଣି କରୁଛନ୍ତି।

# ଜୋନ୍‌ସ୍ତରୀୟ ବୈଠକରେ ୪ ଦଫା ଦାବି




ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

ଅନୁଗୋଳ,୧୪।୭(ମାନସ ବିଶ୍ୱାଳ)

ଅନୁଗୋଳ ସହରସ୍ଥିତ ଖଲାରୀ ଠାରେ ଅଲ୍ ଓଡ଼ିଶା କମ୍ପ୍ୟୁଟର ଟ୍ରେନିଂ ସେଣ୍ଟର ଆସୋସିଏଶନ ଜିଲା ସଂଯୋଜକମାନଙ୍କ ଜୋନ୍‌ସ୍ତରୀୟ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ସଦର ମହକୁମା, ବ୍ଲକ ଏବଂ ପଞ୍ଚାୟତ ସ୍ତରରେ ଥିବା କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ରର ପ୍ରତିନିଧିମାନେ ଏହି ବୈଠକରେ ଯୋଗ ଦେଇଥିଲେ। କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକ ଉପରେ ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ପୋଷଣକୁ ଏଥିରେ ବିରୋଧ କରାଯିବା ସହ ୪ ଦଫା ଦାବି ଉପରେ ଆଲୋଚନା କରାଯାଇଥିଲା। ସରକାରଙ୍କ ତରଫରୁ କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକ ନିମିତ୍ତ କୌଣସି ଏକ ବିଧି ବ୍ୟବସ୍ଥା ନ ହେବା ପର୍ଯ୍ୟନ୍ତ କାର୍ଯ୍ୟରତ ସମସ୍ତ କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ରଠାରୁ ପ୍ରାପ୍ତ ପ୍ରମାଣପତ୍ର ଗ୍ରହଣ କରି ଦକ୍ଷତା ପରୀକ୍ଷାକୁ ପ୍ରାଧାନ୍ୟ ଦେଇ ବେକାର ଯୁବତୀ ଯୁବକମାନଙ୍କୁ ନିଯୁକ୍ତିର ସୁଯୋଗ ଦେବା ଭଳି ଦାବି ପୂରଣ ନ ହେଲେ ରାଜ୍ୟବ୍ୟାପୀ ଏକ ଗଣ ଆନ୍ଦୋଳନର ପ୍ରସ୍ତୁତି ବିଷୟରେ ବୈଠକରେ ସୂଚନା ଦିଆଯାଇଥିଲା। ଆସୋସିଏଶନ ରାଜ୍ୟ ସଭାପତି ସୟଦ ସଫିର ଅଲ୍ଲୀ, ରାଜ୍ୟ ସଂଯୋଜକ ତଥା ରାଜ୍ୟ ଉପସଭାପତି ଅବିନାଶ ଦାସ, ପ୍ରଭାତ ଦେହୁରୀ, ମନୋରଞ୍ଜନ କର, ସତ୍ୟବ୍ରତ ସାହୁ, ବିଭାସ ପଟ୍ଟନାୟକ, ବାସୁଦେବ ଘଡ଼େଇ, ପ୍ରଦୀପ ଜେନା, ବୁବୁନ ପ୍ରଧାନ, ସୁନୀଲ କୁମାର ନାଥ, ମହମ୍ମଦ ସାହିଲ, ସୁମନ୍ତ କୁମାର ସାହୁ, ପ୍ରଦୀପ ସାହୁ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଅନୁଗୋଳ ଜିଲା ସଂଯୋଜକ କାଳନ୍ଦୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଏସ୍‌ବିଆଇର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ

ଅନୁଗୋଳ,୧୪।୭ (ଜ୍ୟୋତିରଞ୍ଜନ ସାହୁ)

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ଅନୁଗୋଳ ଶାଖା ପକ୍ଷରୁ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମରେ ପଞ୍ଚମହଲା ସ୍ଥିତ ଆଦୃତ ଶିଶୁ ଭବନଠାରେ ଏକ ନୂତନ ଅତ୍ୟାଧୁନିକ ପାଠାଗାର ନିର୍ମାଣ କରାଯିବା ସହ ଉଦ୍‌ଘାଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ପ୍ରବନ୍ଧକ ଡ. ବନ୍ଦନା ଅଗ୍ରୱାଲ, ଅନୁଗୋଳ ଆଞ୍ଚଳିକ ବ୍ୟବସାୟ କାର୍ଯ୍ୟାଳୟର ପ୍ରବନ୍ଧକ ମାନସ ରଞ୍ଜନ ଆଚାର୍ଯ୍ୟଙ୍କ ସହ ପ୍ରଭାକର ରାଓ, ଦେବାଶିଷ ଭୋଇ, ନିର୍ମଳ କୁମାର ମିଶ୍ର ଉପସ୍ଥିତ ଥିଲେ। ବ୍ୟାଙ୍କ ତରଫରୁ ଅନେକ ପୁସ୍ତକ ଓ କମ୍ପ୍ୟୁଟର ଆଦି ପ୍ରଦାନ କରାଯାଇଛି। ଏହାଦ୍ୱାରା ଆଦୃତର ୯୩ଜଣ ଅନ୍ତେବାସୀ ଉପକୃତ ହେବେ। ଆଦୃତ ତରଫରୁ ସୁପ୍ରକାଶ ମହାନ୍ତି ଓ ଅନ୍ୟ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମ ଅବସରରେ ଏସ୍‌ବିଆଇ ଅଧିକାରୀମାନେ।

## ବିଭିନ୍ନ ଶୈବପୀଠରେ କାଉଡ଼ିଆଙ୍କ ସମାଗମ

ଛେଣ୍ଡିପଦା,୧୪।୭ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକରେ ଥିବା ସମସ୍ତ ଶୈବପୀଠରେ ଶ୍ରାବଣର ପ୍ରଥମ ସୋମବାରରେ ଭକ୍ତ ଓ କାଉଡ଼ିଆମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଝିଣ୍ଟିପାଳର ଅଷ୍ଟଶମ୍ଭୁ ମନ୍ଦିର, ପୁରୁଣାଗଡ଼ର ବରାଳ ବାଲୁଙ୍କେଶ୍ୱର ମନ୍ଦିର, ଖମାରର ବାଣେଶ୍ୱର ମନ୍ଦିର, ଜରପଡ଼ାର ବାବା ଧବଳେଶ୍ୱର ମନ୍ଦିର ସମେତ ଅନ୍ୟାନ୍ୟ ମନ୍ଦିରରେ ଶତାଧିକ କାଉଡିଆ ଜଳ ଲାଗି କରିବା ପାଇଁ ଲମ୍ବା ଧାଡିରେ ଛିଡା ହୋଇଥିଲେ। କାଉଡିଆମାନଙ୍କ ଜଳାଭିଷେକ ପାଇଁ ଶୈବପୀଠଗୁଡିକରେ ରାତି ୨ଟାବେଳେ ଠାକୁରଙ୍କ ପହଡ଼ ଖୋଲାଯିବା ପରେ ଦେବଦେବ ମହାଦେବଙ୍କ ପୂଜାନୀତି କରାଯାଇଥିଲା। ସେହିପରି କଇଁଛପଦା, ବ୍ରାହ୍ମଣବିଲ, ପୋଡ଼ାପଡ଼ା, କଣଲୋଇ, ମାଛକୁଟା, କୋଶଳା, ବାଲିପଟ୍ଟା, ଜରପଡ଼ା, ପରା. ପରଙ୍ଗ, ଜେରେଙ୍ଗ, ଓଗୀ ମାଳିସାହି ମନ୍ଦିର ଗୁଡିକରେ କାଉଡିଆ ଓ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି କେତେକ ମନ୍ଦିରରେ ପୋଲିସ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ବେଳେ କେତେକ ମନ୍ଦିରରେ ମନ୍ଦିର କମିଟିପକ୍ଷରୁ ଭିଡ଼ ନିୟନ୍ତ୍ରଣ ପାଇଁ ବ୍ୟାପକ ବ୍ୟବସ୍ଥା ହୋଇଥିଲା।

# ଶୋଚନୀୟ ଅବସ୍ଥାରେ ଶିକ୍ଷକପଡ଼ା ରାସ୍ତା

ବଇଣ୍ଡା,୧୪।୭ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତର ଶିକ୍ଷକପଡ଼ା ଅଞ୍ଚଳକୁ ଯାଇଥିବା ମାଟି ରାସ୍ତା ମରାମତି ଅଭାବରୁ ଅତି ଶୋଚନୀୟ ହୋଇପଡିଛି। ଏହି ରାସ୍ତାକୁ କଂକ୍ରିଟ କରିବା ପାଇଁ ଅଞ୍ଚଳବାସୀ ବହୁବାର ଜିଲା ପ୍ରଶାସନଠାରୁ ଆରମ୍ଭ କରି ରେଲୱେ ପର୍ଯ୍ୟନ୍ତ ଅଭିଯୋଗ କଲେ ମଧ କେହି ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ବଇଣ୍ଡା-ଆଠମଲ୍ଲିକ ପୂର୍ତ୍ତ ବିଭାଗ ରାସ୍ତାରୁ ସାନଗୋବିନ୍ଦପୁରକୁ ଏହା ସଂଯୋଗ କରୁଛି। ୨୦୧୦ ମସିହାରେ ଏହି ରାସ୍ତା ପିଚୁ ହୋଇଥିଲା। ହେଲେ ମୁଖ୍ୟ ଅଂଶର ୫୦୦ ମିଟର ରେଲୱେ ଅଧୀନରେ ଥିବା ଯୋଗୁ ପୂର୍ତ୍ତ ବିଭାଗ ପକ୍ଷରୁ ୫୦୦ ମିଟର ଛାଡ଼ି ରାସ୍ତା କାମ ଆରମ୍ଭ ହୋଇଥିଲା। ଉକ୍ତ ୫୦୦ ମିଟର ରେଲୱେ ଅଧୀନରେ ଥିବା ଯୋଗୁ ପଞ୍ଚାୟତ ପକ୍ଷରୁ ମଧ ରାସ୍ତାର ଉନ୍ନତୀକରଣ କରାଯାଉ ନାହିଁ। ଫଳରେ ଏହି ମୁଖ୍ୟ ଅଂଶ ସର୍ବଦା କାଦୁଅପୂର୍ଣ୍ଣ ହୋଇରହୁଛି। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଶିକ୍ଷକପଡ଼ା, ସାନଗୋବିନ୍ଦପୁର, ବଡ଼ହୁଲା, ଝରିପାଣି, ପାର୍ବତୀପୁର, ଦାଦରସାହି ଆଦି ୬ ଗ୍ରାମବାସୀ ଯାତାୟତ କରୁଛନ୍ତି। ହେଲେ ରାସ୍ତା ଅବସ୍ଥା ସମ୍ପୂର୍ଣ୍ଣ ଶୋଚନୀୟ ହୋଇପଡିଛି। ଅନେକ ସମୟରେ ବାଇକ୍ ଆରୋହୀ ଖସି ପଡ଼ି ଗୁରୁତର ହେଉଛନ୍ତି। ଏହାକୁ କଂକ୍ରିଟ କରିବାକୁ ଶିକ୍ଷକପଡ଼ା ଅଞ୍ଚଳବାସୀ ୨୦ ଏପ୍ରିଲ ୨୦୨୦, ୫ ଜୁନ ୨୦୨୩ରେ ନୁନୁକାପଶି ପଞ୍ଚାୟତ ଠାରୁ ଆରମ୍ଭ କରି ରେଲୱେ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ ସୁଫଳ ମିଳୁନାହିଁ। ତୁରନ୍ତ ଏଥିପ୍ରତି ସରକାର ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ଶୋଚନୀୟ ଅବସ୍ଥାରେ ଥିବା ରାସ୍ତା।

## ଦେଉଳଝରିରେ ୩ ହଜାର କାଉଡ଼ିଆଙ୍କ ଜଳାଭିଷେକ

ଆଠମଲ୍ଲିକ,୧୪।୭(ଉଦୀପ୍ତ ପୁରୋହିତ)

ଶ୍ରାବଣ ମାସର ପ୍ରଥମ ସୋମବାର ଅବସରରେ ଅନୁଗୋଳ ଜିଲା ଆଠମଲ୍ଲିକ ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଦେଉଳଝରିରେ ବାବା ସିଦ୍ଧେଶ୍ୱରଙ୍କ ନିକଟରେ ୩ ହଜାରରୁ ଉର୍ଦ୍ଧ୍ୱ କାଉଡ଼ିଆ ଭକ୍ତ ଜଳଲାଗି କରିଛନ୍ତି। ପୂଜକଙ୍କ ଦ୍ୱାରା ରାତି ୨ଟାରେ ମନ୍ଦିର ଦ୍ୱାର ଫିଟାଯାଇ ବାବା ସିଦ୍ଧେଶ୍ୱରଙ୍କ ପୂଜା ରୀତିନୀତି ଅନୁଯାୟୀ ସମ୍ପନ୍ନ ହେଲା ପରେ ଜଳଲାଗି ଆରମ୍ଭ ହୋଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରୁ ଏଠାରେ ପହଞ୍ଚିଥିବା କାଉଡ଼ିଆମାନେ ଜଳଲାଗି କରିଥିଲେ। ପ୍ରଶାସନ ତରଫରୁ ବ୍ୟାରିକେଡ୍ ନିର୍ମାଣ କରାଯାଇ ଶୃଙ୍ଖଳାର ସହିତ ଜଳଲାଗି ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ନିକଟରେ ଆମ୍ବୁଲାନ୍ସ ରଖାଯିବା ସହିତ ପୋଲିସ ମୁତୟନ ହୋଇଥିଲା। ଦେବୋତ୍ତର ସହାୟକ ନଗେନ ରାଉତ, ପୂଜକ ସଂଘ ସଭାପତି ଧାର୍ମିକ ପରିଚ୍ଛା, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦେହୁରୀଙ୍କ ସମେତ ସମସ୍ତ ପୂଜକ ଉପସ୍ଥିତ ରହି ଶୃଙ୍ଖଳାର ସହିତ ଜଳଲାଗି କରାଇବାରେ ସହଯୋଗ କରିଥିଲେ।

## ଦୋକାନରୁ ଚୋରି ଅଭିଯୋଗ

ବଇଣ୍ଡା,୧୪।୭ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ଥାନା ବ୍ରାହ୍ମଣୀପାଲି ଗ୍ରାମରେ ଥିବା ଘମାସାଗର ବେହେରାଙ୍କ ଦୋକାନରୁ ତାଲା ଭାଙ୍ଗି ୨୦ ହଜାର ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଥାନାରେ ରବିବାର ଅଭିଯୋଗ ହୋଇଛି। ପୋଲିସ ନଂ. ୧୯୦/୨୫ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଘମାସାଗର ଦୋକାନ ବନ୍ଦ କରି ଘରକୁ ଯାଇଥିବା ବେଳେ କେହି ଦୁର୍ବୃତ୍ତ ଦୋକାନରେ ଥିବା ସାମଗ୍ରୀ ଚୋରି କରି ନେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

## ଶୈବପୀଠରେ କାଉଡ଼ିଆଙ୍କ ଭିଡ଼

ବଇଣ୍ଡା,୧୪।୭ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା, ଗାଁବଇଣ୍ଡା, ବଡ଼ହୁଲା, ଇଚ୍ଛାପୁର, କଣ୍ଟେଇକୋଳିଆ, ହଣ୍ଡପା, ନାକ୍‌ଚି, ବାମୁର, ସାଧୁପାଳ, ଡୁରୁଡ଼ା ଆଦି ଶୈବପୀଠରେ ଶ୍ରାବଣ ପ୍ରଥମ ସୋମବାର ଅବସରରେ କାଉଡ଼ିଆଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ନିଜ ମନସ୍କାମନା ପୂରଣ ପାଇଁ କାଉଡ଼ିଆଭକ୍ତମାନେ ବିଭିନ୍ନ ନଦୀ, ନାଳରୁ ପାଣି ଉଠାଇ ଚାଲି ଚାଲି ଶୈବ ପୀଠଗୁଡ଼ିକୁ ଆସିବା ସହ ଶିବ ଲିଙ୍ଗରେ ପାଣି ଢାଳିଥିଲେ। ଏ ନେଇ ମନ୍ଦିର କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ବେଳେ ରାତି ୩ ଟାରୁ ମନ୍ଦିର ଖୋଲା ଯାଇଥିଲା। ବିଭିନ୍ନ ସଙ୍ଗଠନ ପକ୍ଷରୁ ମନ୍ଦିର ନିକଟରେ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

## କେନ୍ଦ୍ରୀୟ ଲକ୍ଷ୍ମୀପୂଜା କମିଟିର ପ୍ରସ୍ତୁତି ବୈଠକ

ତାଳଚେର,୧୪।୭(ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ବ୍ଲକ କଳମଛୁଇଁ ଗ୍ରାମରେ ହେବାକୁ ଥିବା ଗଜଲକ୍ଷ୍ମୀ ପୂଜା ନିମନ୍ତେ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ସ୍ଥାନୀୟ ଦୋଳମଣ୍ଡପ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କଳମଛୁଇଁ କେନ୍ଦ୍ରୀୟ ଲକ୍ଷ୍ମୀ ପୂଜା କମିଟି ସଭାପତି ଗଗନ ବିହାରୀ ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ଗ୍ରାମର ୧୬ଟି ପୂଜା ମଣ୍ଡପ ସଭାପତି, ସମ୍ପାଦକ, ଶାନ୍ତି କମିଟି ସଦସ୍ୟଙ୍କ ସହ ଗ୍ରାମର ବୟସ୍କ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଚଳିତବର୍ଷ ଗଜଲକ୍ଷ୍ମୀ ପୂଜାକୁ ଅଧିକ ଆକର୍ଷଣୀୟ ଢଙ୍ଗରେ କରାଯିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଅକ୍ଟୋବର ୬ ତାରିଖଠାରୁ ୯ ଦିନ ଧରି ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେବ ଏବଂ ୧୫ ତାରିଖରେ ଭସାଣି ଉତ୍ସବ ସମ୍ପନ୍ନ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସମ୍ପାଦକ ହରେଶ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବାର୍ଡ ଫ୍ଲୁ ପ୍ରତିରୋଧ ପାଇଁ ଅନୁଗୋଳରେ ସତର୍କତା

ଅନୁଗୋଳ,୧୪।୭ (ଜ୍ୟୋତିରଞ୍ଜନ ସାହୁ)

ପୁରୀ ଜିଲା ଡେଲାଙ୍ଗ ଅଞ୍ଚଳରେ ବାର୍ଡ ଫ୍ଲୁ ଚିହ୍ନଟ ହୋଇଛି। ଏହାକୁ ନଜରରେ ରଖି ଅନୁଗୋଳ ଜିଲାରେ ପ୍ରାଣୀ ବିଭାଗ ତରଫରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଡେପୁଟି ଡାଇରେକ୍ଟର ଡା. କେଶବ ଚନ୍ଦ୍ର ପ୍ରଧାନ କହିଛନ୍ତି, ରାଜ୍ୟ ପ୍ରାଣୀଧନ ବିଭାଗ ସହିତ ଆଭାସି ମୋଡ୍‌ରେ ଆଲୋଚନା ପରେ ଜିଲା ପ୍ରାଣୀଧନ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଜିଲାର ସମସ୍ତ ଘରୋଇ କୁକୁଡ଼ା ଫାର୍ମ ମାଲିକଙ୍କୁ ପରିମଳ ବ୍ୟବସ୍ଥା କିଭଳି ଠିକ୍ ରଖିବେ, କୁକୁଡ଼ା ମଳ କିଭଳି ନିଷ୍କାସନ କରିବେ ସେଥିନେଇ ସଚେତନ କରାଯାଉଛି। ପ୍ରାଣୀ ମିତ୍ର ଏବଂ ଏଲ୍‌ଆଇମାନେ ଫାର୍ମ ବୁଲି ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିଛନ୍ତି। ଆବଶ୍ୟକ ମନେହେଲେ ବା ସନ୍ଦେହ ହେଲେ ରକ୍ତ ନମୁନା ସଂଗ୍ରହ କରିବାକୁ ପରାମର୍ଶ ଦିଆଯାଇଛି। ଲୋକମାନଙ୍କୁ ଅଯଥାରେ ଆତଙ୍କିତ ନ ହେବାକୁ ପରାମର୍ଶ ଦିଆଯାଉଛି।



# ଶିବିରରେ ୫୫ ଅଭିଯୋଗର ଶୁଣାଣି



କଣିହାଁ ବ୍ଲକରେ ଜନଶୁଣାଣି ଶିବିରରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।



ଅନୁଗୋଳ ଜିଲା କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳ ଅଭିଯୋଗର ଶୁଣାଣି କରୁଛନ୍ତି।

ଅନୁଗୋଳ,୧୪।୭(ମାନସ ବିଶ୍ୱାଳ)/ ଡେରେଙ୍ଗ/ପବିତ୍ରନଗର (ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକରେ ସୋମବାର ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅବଦଲ ମହମ୍ମଦ ଅଖତାର ଯୋଗ ଦେଇଥିଲେ। ଶିବିରରେ ମୋଟ ୨୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିରୁ ବ୍ୟକ୍ତିଗତ ୧୮ଟି ଓ ଗ୍ରାମ୍ୟ ଭିତ୍ତିକ ୬ଟି ଅଭିଯୋଗ ଆସିଥିଲା। ଶିବିରସ୍ଥଳରେ ତୁରନ୍ତ ୪ଟି ଅଭିଯୋଗର ଫଇସଲା କରାଯାଇଥିଲା। ବଜ୍ରକୋଟ ପଞ୍ଚାୟତର ଭକ୍ତବନ୍ଧୁ ଧୀର ଏବଂ ଶୁଭମ ମହାପାତ୍ରଙ୍କୁ ଚିକିତ୍ସା ନିମନ୍ତେ ଜିଲା ରେଡ୍‌କ୍ରସ୍ ପାଣ୍ଠିରୁ ୭୫୦୦ ଟଙ୍କା ଲେଖାଏ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ର ନାଥ ରାଉଗୁରୁ, ଉପଜିଲାପାଳ ସମୀର ଜେନା, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ମହାନ୍ତ, ବିଡିଓ ତ୍ରିବିକ୍ରମ କୁମୁରା, ତହସିଲଦାର ଚିନ୍ମୟ ଦାସଙ୍କ ସହିତ ଅନ୍ୟାନ୍ୟ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ଅନୁଗୋଳ ଜିଲା କାର୍ଯ୍ୟାଳୟ ଠାରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୨୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୫ଟି ବ୍ୟକ୍ତିଗତ ଓ ୪ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି କରାଯାଇଥିଲା। ୪ଜଣଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୩୫ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ,ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୧୫/୨୦୨୫ Bhubaneswar, Tuesday, July 15/ 2025

Dr. Juneja's ପେଟ ସଫା®
Natural Laxative Granules & Tablets
ସହାୟକ: କୋଷ୍ଠକାଠିନ୍ୟ ଗ୍ୟାସ୍ ଏସିଡିଟି
ଯଦି ଆପଣ ମଧ୍ୟ କୋଷ୍ଠକାଠିନ୍ୟ, ଗ୍ୟାସ୍, ଏସିଡିଟି ଭଳି ସମସ୍ୟା କାରଣରୁ ବ୍ୟଥିତ ଅଟନ୍ତି ତେବେ ଆଜି ହିଁ ନିଅନ୍ତୁ, ପେଟ ସଫା ଗ୍ରାନ୍ୟୁଲ୍ସ/ଟାବ୍‌ଲେଟ୍ସ । ଏହା ମୁହଁରେ ଲାଖିରହେ ନାହିଁ । ଶୋଇବା ପୂର୍ବରୁ ଖାଆନ୍ତୁ ଓ ଆରାମ ପାଆନ୍ତୁ ।
20% EXTRA · TABLETS · NO.1 BRAND
Provides Effective Relief
Balances Digestive Health
Ayurvedic Proprietary Medicine
Clinically Tested* *For efficacy and safety.
24x7 Helpline: 91197 88888 | www.petsaffa.com
Available at all medical & general stores
Divisa www.divisastore.com

# ଜାଡେଜାଙ୍କ ଲଢ଼େଇ ସତ୍ତ୍ୱେ ଭାରତ ପରାସ୍ତ

**ଲର୍ଡ୍ସ, ୧୪।୭**

ରବୀନ୍ଦ୍ର ଜାଡେଜାଙ୍କ ଲଢୁଆ ବ୍ୟାଟିଂ ସତ୍ତ୍ୱେ ଦ୍ୱିତୀୟ ଇନିଂସରେ ୧୯୩ ରନ କରିପାରିଲାନି ଭାରତ। ଗୋଟିଏ ପଟରେ ଏକାକୀ ଲଢ଼େଇ କରି ଜାଡେଜା ୬୧ ରନରେ ଅପରାଜିତ ରହିଥିଲେ ମଧ୍ୟ ଭାରତର ଦ୍ୱିତୀୟ ଇନିଂସ ୧୭୦ ରନରେ ସୀମିତ ରହି ଯାଇଥିଲା। ଫଳରେ ତୃତୀୟ ଟେଷ୍ଟରେ ଇଂଲଣ୍ଡ ୨୨ ରନରେ ବିଜୟୀ ହୋଇଛି। ୫ ମ୍ୟାଚ ବିଶିଷ୍ଟ ସିରିଜରେ ଇଂଲଣ୍ଡ ୨-୧ରେ ଅଗ୍ରଣୀଲାଭ କରିଛି।

ଚତୁର୍ଥ ଦିବସର ଅସମାପ୍ତ ସ୍କୋର ୫୮/୪ରୁ ଖେଳ ଆରମ୍ଭ କରିଥିବା ଭାରତ ଶୀଘ୍ର ରିଷଭ ପନ୍ତ, ଲୋକେଶ ରାହୁଲ ଓ ୱାଶିଂଟନ ସୁନ୍ଦରଙ୍କ ଉଇକେଟ ହରାଇଥିଲା। ପନ୍ତ ୯, ରାହୁଲ ୩୯ ରନ କରିଥିବାବେଳେ ସୁନ୍ଦର ଖାତାଖୋଲି ପାରି ନ ଥିଲେ। ଫଳରେ ୨୫ ଓଭର ବେଳକୁ ସ୍କୋର ୮୨/୭ ହୋଇ ଯାଇଥିଲା। ରବୀନ୍ଦ୍ର ଜାଡେଜା ଓ ନୀତୀଶ କୁମାର ରେଡ୍ଡୀ ସତର୍କତାର ସହ ବ୍ୟାଟିଂ କରି ଇନିଂସ ସମ୍ଭାଳି ନେବାକୁ ଚେଷ୍ଟା କରିଥିଲେ। ତେବେ ୮ମ ଉଇକେଟରେ ୩୦ ରନ ଯୋଗ ହେବାପରେ ନୀତୀଶ ୫୩ ବଲ୍‌ରୁ ୧୩ ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଏକାକୀ ଲଢ଼େଇ ଜାରି ରଖିଥିଲେ ଜାଡେଜା। ଯଶପ୍ରୀତ୍ ବୁମ୍‌ରା ମାତ୍ର ୫ ରନ କରିଥିଲେ ହେଁ ସେ ତାଙ୍କ ସହିତ ୯ମ ଉଇକେଟରେ ୧୩୨ ବଲ୍‌ରୁ ୩୫ ରନ ଯୋଗକରି ଭାରତକୁ ଲକ୍ଷ୍ୟ ପଥରେ ଆଗେଇ ନେଇଥିଲେ। ବୁମ୍‌ରା ୫୪ଟି ବଲ୍‌ର ସମ୍ମୁଖୀନ ହେବାପରେ ଧୈର୍ଯ୍ୟହରା ହୋଇ ବେନ୍ ଷ୍ଟୋକ୍ସଙ୍କ ଏକ ବଲ୍‌କୁ ପୁଲ୍ କରିବାକୁ ଯାଇ ମିଡ୍-ଅନ୍‌ରେ ସବ୍‌ଷ୍ଟିଚ୍ୟୁଟ ଖେଳାଳି ସାମ୍ କୁକ୍‌ଙ୍କୁ କ୍ୟାଚ ଦେଇଥିଲେ। ଶେଷ ଉଇକେଟରେ ମଧ୍ୟ ମହମ୍ମଦ ସିରାଜଙ୍କ ସହ ଲଢ଼ିଥିଲେ ଜାଡେଜା। ସେ ୧୫୦ ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରିଥିଲେ। ଏହାଥିଲା ତାଙ୍କ କ୍ୟାରିୟରର ଏବଂ ଚଳିତ ସିରିଜର ସବୁଠାରୁ ଧିମା ଅର୍ଦ୍ଧଶତକ। ଚଳିତ ସିରଜରେ ସେ ୪ ଅର୍ଦ୍ଧଶତକ ହାସଲ କରି ନିଜ ଫର୍ମର ପରିଚୟ ଦେଇଥିଲେ। ଅନ୍ତିମ ଉଇକେଟରେ ୨୩ ରନ ସଂଗ୍ରହ ପରେ ମହମ୍ମଦ ସିରାଜ ୪ ରନକରି ଆଉଟ ହେବା ସହ ଭାରତ ଇନିଂସ ଶେଷ ହୋଇ ଯାଇଥିଲା। ଜାଡେଜା ୧୮୧ଟି ବଲ୍‌ର ସମ୍ମୁଖୀନ ହୋଇ ୪ ଚୌକା ଓ ୧ ଛକା ସହାୟତାରେ ୬୧ ରନକରି ଅପରାଜିତ ରହିଥିଲେ। ଇଂଲଣ୍ଡ ପକ୍ଷରୁ ଜୋଫ୍ରା ଆର୍ଚର ଓ ବେନ୍ ଷ୍ଟୋକ୍ସ ୩ଟି ଲେଖାଏ, ବ୍ରାଇଡନ କାର୍ସ ୨ଟି ଏବଂ କ୍ରିସ୍ ୱୋକ୍ସ ଓ ଶୋଏବ ବଶିର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ଭାରତର ଉଇକେଟ ପତନରେ ଉଲ୍ଲସିତ ଇଂଲଣ୍ଡ ଖେଳାଳି।

- ଭାରତ ଦ୍ୱିତୀୟ ଇନିଂସ ୧୭୦ରେ ସୀମିତ
- ଇଂଲଣ୍ଡ ୨-୧ରେ ସିରିଜ ଅଗ୍ରଣୀ


ରବୀନ୍ଦ୍ର ଜାଡେଜା

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୩୮୭। ଭାରତ ପ୍ରଥମ ଇନିଂସ: ୩୮୭। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୧୯୨। ଭାରତ ଦ୍ୱିତୀୟ ଇନିଂସ: ୧୭୦/ଅଲ୍‌ଆଉଟ (ରବୀନ୍ଦ୍ର ଜାଡେଜା-୬୧*, ଲୋକେଶ ରାହୁଲ-୩୯, ଜୋଫ୍ରା ଆର୍ଚର-୩/୫୫, ବେନ୍ ଷ୍ଟୋକ୍ସ-୩/୪୮, ବ୍ରାଇଡନ କାର୍ସ-୨/୩୦, କ୍ରିସ୍ ୱୋକ୍ସ-୧/୨୧, ଶୋଏବ ବଶିର-୧/୬)।

# ସାଇନା-କଶ୍ୟପଙ୍କ ବିବାହ ବିଚ୍ଛେଦ

**ନୂଆଦିଲ୍ଲୀ,୧୪।୭(ପି.ଟି.)**

ଦୁଇ ପୂର୍ବତନ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହ୍ୱାଲ ଓ ତାଙ୍କ ସ୍ୱାମୀ ପାରୁପଲୀ କଶ୍ୟପ ଆପୋସ ବୁଝାମଣାରେ ଅଲଗା ହେବାକୁ ନିଷ୍ପତ୍ତି ନେଇଥିବା ଘୋଷଣା କରିଛନ୍ତି। ସାଇନା ରବିବାର ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରି ତାଙ୍କ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ଅପଡେଟ୍ ଦେଇଛନ୍ତି।

ବେଳେବେଳେ ଜୀବନ ଆମକୁ ଭିନ୍ନ ଭିନ୍ନ ଦିଗରେ ନେଇଯାଏ। ଖୁବ୍ ବିଚାର ଓ ବିମର୍ଶ କରିବା ପରେ କଶ୍ୟପ ଓ ମୁଁ ଅଲଗା ହେବାକୁ ନିଷ୍ପତ୍ତି ନେଇଛୁ। ଆମେ ପରସ୍ପର ଲାଗି ଶାନ୍ତି, ଉନ୍ନତି ଓ ଆରୋଗ୍ୟ କାମନା କରୁଛୁ ବୋଲି ସାଇନା ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ସାଇନା ଓ କଶ୍ୟପ ୨୦୧୮ ଡିସେମ୍ବରରେ ବିବାହ କରିଥିଲେ। ସେମାନେ ଖେଳାଳି ଜୀବନ ଆରମ୍ଭ କରିବା ବେଳେ ଏକାଠି ହାଇଦ୍ରାବାଦସ୍ଥିତ ପୁଲେଲା ଗୋପିଚାନ୍ଦ ଏକାଡେମୀରେ ଟ୍ରେନିଂ କରିଥିଲେ। ସାଇନା ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିବା ସହ ଏକଦା ବିଶ୍ୱର ନଂ-୧ ପୋଜିସନ ହାସଲ କରିଥିଲେ। ଅନ୍ୟପକ୍ଷରେ କଶ୍ୟପ ଜଣେ ପୂର୍ବତନ ୱାର୍ଲ୍ଡ ଟପ୍-୧୦ ଖେଳାଳି ହେବା ସାଙ୍ଗକୁ ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ଜିତିଥିଲେ।


ସାଇନା ନେହ୍ୱାଲ ଓ ପାରୁପଲ୍ଲୀ କାଶ୍ୟପ।

# ନିଶା ନିବାରଣ ଲାଗି କ୍ରୀଡ଼ା ମନ୍ତ୍ରଣାଳୟର ବଡ଼ ପଦକ୍ଷେପ

**ନୂଆଦିଲ୍ଲୀ,୧୪।୭(ପି.ଟି.)**

କ୍ରୀଡ଼ ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ନିଶା ସେବନର କୁପ୍ରଭାବ ସମ୍ପର୍କରେ ଦେଶର ଯୁବ ପିଢ଼ିକୁ ଅବଗତ କରିବା ପାଇଁ ଏକ ବଡ଼ ପଦକ୍ଷେପ ନେଇଛି। ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତା ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ବାରାଣସୀରେ 'ବିକଶିତ ଭାରତ ପାଇଁ ନିଷାମୁକ୍ତ ଯୁବ' ନାମକ ଏକ ୩ ଦିନିଆ ଚିନ୍ତନ ଶିବିର ଆୟୋଜନ କରାଯିବ। ୨୦୪୭ ସୁଦ୍ଧା ଭାରତକୁ ନିଷାମୁକ୍ତ କରିବା ଲାଗି ଏକ ରଣନୀତି ପ୍ରସ୍ତୁତ କରିବା ଏହାର ଲକ୍ଷ୍ୟ। ଏଥିଲାଗି ଆସନ୍ତା ୧୮ ତାରିଖରେ ପଞ୍ଜୀକରଣ ହେବ ଏବଂ ଏହାର ପରଦିନଠାରୁ କନକ୍ଲେଭ ଆରମ୍ଭ ହେବ। କନକ୍ଲେଭ ଶେଷ ହେବା ପରେ ଚୂଡ଼ାନ୍ତ କାର୍ଯ୍ୟାନୁଷ୍ଠାନ ଯୋଜନା 'କାଶି ଡିକ୍ଲାରେଶନ' ପ୍ରକାଶ କରାଯିବ। ଏହି ଶିବିରରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ, ସାମାଜିକ ନ୍ୟାୟ ମନ୍ତ୍ରଣାଳୟ, ସଂସ୍କୃତି ମନ୍ତ୍ରଣାଳୟ ଓ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି), ନ୍ୟାଶନାଲ ଲିଗାଲ ସର୍ଭିସ ଅଥରିଟି (ଏନ୍‌ଏଲ୍‌ଏସ୍‌ଏ) ଓ ୧୦୦ ଆଧ୍ୟାତ୍ମିକ ସଂଗଠନର ଯୁବ ଶାଖା ଏକତ୍ରିତ ହେବେ। ଏହି କନକ୍ଲେଭ ରୁଦ୍ରାକେଶ କନଭେନଶନ ସେଣ୍ଟରରେ ହେବ ଏବଂ ଏଥିରେ ୫୦୦ ଅଂଶଗ୍ରହଣକାରୀ ଭାଗ ନେବେ।

ଏହି ପଦକ୍ଷେପ ସମ୍ପର୍କରେ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ମନ୍‌ସୁଖ ମାଣ୍ଡବ୍ୟ କହିଛନ୍ତି ଯେ, ଏହା ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବାରେ ସହାୟକ ହେବ, ଯାହାକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣର ଅଂଶବିଶେଷ। ଭାରତ ଏକ ଯୁବ ଦେଶ ଓ ଯୁବ ପିଢ଼ି ଆମର ଶକ୍ତି। ନିଶା ଓ ଡ୍ରଗ୍ସ ଆମ ପାଇଁ ବଡ଼ ସମସ୍ୟା ପାଲଟିଛି। ଏଣୁ ଆମେ ପ୍ରତ୍ୟେକ ପ୍ଲାଟଫର୍ମକୁ ସାମିଲ କରିବାକୁ ଚାହୁଁ। ଆମକୁ ଗୋଟିଏ ପ୍ଲାଟଫର୍ମରୁ ଏକ ବଡ଼ ଦେଶବ୍ୟାପୀ ଅଭିଯାନ ଦରକାର। ଆମେ ଭାରତକୁ ନିଶାମୁକ୍ତ କରିବାକୁ ଚାହୁଁ ଏବଂ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆମେ କେଉଁ ଭଳି ଆମ ଲକ୍ଷ୍ୟ ସ୍ଥଳରେ ପହଞ୍ଚିପାରିବା, ସେ ନେଇ କାର୍ଯ୍ୟ ପନ୍ଥା ନିର୍ଦ୍ଧାରଣ ହେବ।

# ମାରକ୍ରାମ୍ ପ୍ଲେୟର ଅଫ୍ ଦି ମନ୍ଥ

**ଦୁବାଇ, ୧୪।୭:** ଦକ୍ଷିଣ ଆଫ୍ରିକାର ଷ୍ଟାର ବ୍ୟାଟର ଏଡେନ୍ ମାରକ୍ରାମ ୨୦୨୫ ଜୁନ୍ ମାସ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଛନ୍ତି। ସେହିପରି ମହିଳା ବିଭାଗରେ ୱେଷ୍ଟଇଣ୍ଡିଜର ମହିଳା ଖେଳାଳି ହେଲି ମାଥ୍ୟୁସ ଓମେନ୍ସ ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଛନ୍ତି। ସୂଚନାଯୋଗ୍ୟ, ମାରାକ୍ରମ ନିଜ ଦେଶର ଟେମ୍ବା ବଭୁମା ଓ ଶ୍ରୀଲଙ୍କାର ପାଥୁମ ନିସାଙ୍କାଙ୍କୁ ପଛରେ ପକାଇ ଏହି ପୁରସ୍କାର ଲାଭ କରିଛନ୍ତି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ଦକ୍ଷିଣ ଆଫ୍ରିକାକୁ ଐତିହାସିକ ଟାଇଟଲ ବିଜୟୀ କରାଇବାରେ ତାଙ୍କର ବିଶେଷ ଭୂମିକା ରହିଥିଲା। ଅନ୍ୟପକ୍ଷରେ ମହିଳା ବିଭାଗରେ ମାଥ୍ୟୁସ ଦକ୍ଷିଣ ଆଫ୍ରିକାର ତାଜମିନ୍ ବ୍ରିଟ୍ସ ଓ ୱେଷ୍ଟଇଣ୍ଡିଜର ଆଫି ଫ୍ଲେଚରଙ୍କୁ ପଛରେ ପକାଇ ପୁରସ୍କାର ଜିତିଛନ୍ତି। ଏହି ୨୭ବର୍ଷୀୟା ଷ୍ଟାର ଅଲ୍‌ରାଉଣ୍ଡର ଅଷ୍ଟ୍ରେଲିଆର ଆଶ୍‌ଲେ ଗାର୍ଡନରଙ୍କ ପରେ ଦ୍ୱିତୀୟ ମହିଳା ଖେଳାଳି ଭାବେ ୪ଥର ଆଇସିସି ପିଓଟିଏମ୍ ପୁରସ୍କାର ଲାଭ କରିଛନ୍ତି।

# ଖୋ ଖୋ ହାଇପରଫର୍ମାନ୍ସ ସେଣ୍ଟରର ପ୍ରଥମ ବାର୍ଷିକୀ

**ଭୁବନେଶ୍ୱର, ୧୪।୭ (ବିଜୟ ରଣା)**

ପୁରୀର ତାଳବଣିଆସ୍ଥିତ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋଖୋ ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ର ପ୍ରଥମ ବାର୍ଷିକୀ ପାଳିତ ହୋଇଯାଇଛି। ତୃଣମୂଳସ୍ତରର ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ଏବଂ ଖୋ ଖୋ ଭଳି ସ୍ୱଦେଶୀ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏହି ଏଚ୍‌ପିସି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି। ଚଳିତବର୍ଷ ଏହାର ଆଥଲେଟମାନେ ଜାତୀୟ ଓ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ୩ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ହାସଲ କରିପାରିଛନ୍ତି। ୫୦ଜଣ ଆବାସିକ ଆଥ୍‌ଲେଟଙ୍କ ମଧ୍ୟରୁ ୪୨ ଜଣ ବିଭିନ୍ନ ରାଜ୍ୟ ଦଳ ଏବଂ ଜାତୀୟ ଦଳରୁ ପ୍ରତିନିଧିତ୍ୱ କରୁଛନ୍ତି, ଯାହା କି କୌଣସି ଏଚ୍‌ପିସି ପାଇଁ ଏକ ବଡ଼ ସଫଳତା। ତାଳବଣିଆସ୍ଥିତ ଏହି ଏଚ୍‌ପିସି ପ୍ରଥମ ବାର୍ଷିକୀ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର ଆର୍ଥିକ ପରାମର୍ଶଦାତା ତଥା ଅତିରିକ୍ତ ସଚିବ ନେଲ୍‌ସନ ଲାକ୍ରା, ବିଭାଗୀୟ ଉପସଚିବ ପଦ୍ମ ଚରଣ ସାହୁ, ଏଏମ୍/ଏନ୍‌ଏସ୍ ଇଣ୍ଡିଆର ବିଭାଗୀୟ ମୁଖ୍ୟ ଡ. ବିକାଶ ଯାଦଭେନ୍ଦ୍ରୁ, ସ୍ପୋର୍ଟ୍ସ ଫର୍ ଅଲ୍ (ଏସ୍‌ଏଫ୍‌ଏ)ର ପ୍ରତିଷ୍ଠାତା ବିଶ୍ୱାସ ଚୋକସି, ପୁରୀ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଏବଂ ଓଡ଼ିଶା ଏମ୍‌ଏନ୍/ଏନ୍‌ଏସ୍ ଇଣ୍ଡିଆ ଖୋଖୋ ଏଚ୍‌ପିସି ମୁଖ୍ୟ ପ୍ରଶିକ୍ଷକ ସଞ୍ଜୀବ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।


ପ୍ରଥମ ବାର୍ଷିକୀ ଅବସରରେ ଅତିଥିମାନଙ୍କ ସହ ଖେଳାଳି।

# ଚେଲସି କ୍ଲବ ୱାର୍ଲ୍ଡକପ୍ ଚାମ୍ପିୟନ

**ଇଷ୍ଟ ରଦରଫୋର୍ଡ, ୧୪।୭ (ଏପି):** କୋଲ ପାମରଙ୍କ ଡବଲ୍ ଗୋଲ ବଳରେ ଚେଲସି ୩-୦ ଗୋଲରେ ପ୍ୟାରିସ ସେଣ୍ଟ-ଜର୍ମେନ(ପିଏସ୍‌ଜି)କୁ ପରାସ୍ତ କରି ପ୍ରଥମ କ୍ଲବ ବିଶ୍ୱକପ୍‌ରେ ଚାମ୍ପିୟନ ହୋଇଛି। ନିକଟରେ ପ୍ରଥମ ଥର ପାଇଁ ୟୁରୋପିଆନ ଚାମ୍ପିୟନ୍ସ ଲିଗ୍ ଜିତିଥିବା ପିଏସ୍‌ଜି ରନରଅପ୍ ଭାବେ ଅଭିଯାନ ଶେଷ କରିଛି। ମେଟଲାଇଫ୍ ଷ୍ଟାଡିୟମରେ ଖେଳାଯାଇଥିବା ଫାଇନାଲ ଲାଗି ୮୧,୧୮୮ ଦର୍ଶକଙ୍କ ସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସହ ଉପସ୍ଥିତ ଥିଲେ। ମ୍ୟାଚ୍ ପରେ ଟ୍ରମ୍ପ ଓ ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋ ଚେଲସି ଅଧିନାୟକ ରିସ ଜେମ୍ସଙ୍କୁ ଟ୍ରଫି ପ୍ରଦାନ କରିଥିଲେ।

# ଏସ୍‌ଆର୍ ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ୨୦ରେ

**ଭୁବନେଶ୍ୱର, ୧୪।୭ (ତପନ ସ୍ୱାଇଁ)**

ରାଜ୍ୟର ଅଗ୍ରଣୀ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଏସ୍‌ଆର ଚେସ୍ ଓ ଡି. ୱେଟବିୱେର୍ବ ଆନୁକୂଲ୍ୟରେ ଚଳିତ ମାସ ୨୦ ତାରିଖରେ ଅନ୍ତର୍ଜାତୀୟ ଚେସ୍‌ଦିବସ ଅବସରରେ ଏକ ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। କଟକ ତ୍ରିଶୁଳିଆ ଛକସ୍ଥିତ ସେରିମୋନିୟମ ମଣ୍ଡପରେ ଏହା ଆୟୋଜନ କରାଯିବ। ପ୍ରତିଯୋଗିତାର ଶ୍ରେଷ୍ଠ ୧୫ ପ୍ରତିଯୋଗୀଙ୍କୁ ୨୦,୦୦୦ ଟଙ୍କାର ପୁରସ୍କାର ସହ ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯିବ। ଚେସ୍ ପ୍ରତିଭାଙ୍କୁ ଉତ୍ସାହିତ କରାଯିବା ଲକ୍ଷ୍ୟରେ ୫, ୬, ୭, ୯, ୧୧ ଓ ୧୩ ବର୍ଷରୁ କମ୍ ବର୍ଗର ଶ୍ରେଷ୍ଠ ୪ ବାଳକ ଓ ୩ ବାଳିକାଙ୍କୁ ସ୍ୱତନ୍ତ୍ର ଟ୍ରଫି ଦିଆଯିବ। ପ୍ରତିଯୋଗିତା ୭ ରାଉଣ୍ଡ ବିଶିଷ୍ଟ ହେବ। ୧୦ମ ଶ୍ରେଣୀ ପର୍ଯ୍ୟନ୍ତ କିମ୍ବା ୧।୧।୨୦୧୦ ପରେ ଜନ୍ମଗ୍ରହଣ କରିଥିବା ପିଲାମାନେ ଏଥିରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହେବେ। ରାଜ୍ୟର ଯେ କୌଣସି ଚେସ୍ ଖେଳାଳି ୫୦୦ ଟଙ୍କାର ଏଣ୍ଟ୍ରି ଫି' ଦେଇ ଏଥିରେ ଅଂଶଗ୍ରହଣ କରିପାରିବେ ବୋଲି ଏସ୍‌ଆର୍ ଚେସ୍ ସେଣ୍ଟରର ସଭାପତି ଶୁଭାଶିଷ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଅଂଶଗ୍ରହଣକାରୀ ସମସ୍ତ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରୀୟ ପ୍ରମାଣପତ୍ର ପ୍ରଦାନ କରାଯିବ। ସବିଶେଷ ବିବରଣୀ ପାଇଁ ଖେଳାଳିମାନେ ଏସ୍‌ଆର ଚେସ୍ ସେଣ୍ଟର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ, ଡି. ୱେଟବିୱେର୍ବ ପ୍ରତିଷ୍ଠାତା ଆଇଫିୟା ଖାଁ କିମ୍ବା ଚେୟାରମ୍ୟାନ ନବୀନ କୁମାର ବର୍ମାଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

# ବରୁନ ଏସ୍‌ଆର୍‌ଏଚ୍ ବୋଲିଂ କୋଚ୍

**ହାଇଦ୍ରାବାଦ୍,୧୪।୭(ପି.ଟି.):** ସନ୍‌ରାଇଜର୍ସ ହାଇଦ୍ରାବାଦ୍ ପୂର୍ବତନ ଭାରତୀୟ ପେସର ବରୁନ ଆରୋନଙ୍କୁ ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ସିଜନ ଲାଗି ବୋଲିଂ କୋଚ୍ ଭାବେ ନିଯୁକ୍ତ କରିଛି। ଏ ନେଇ ହାଇଦ୍ରାବାଦ୍ ଫ୍ରାଞ୍ଚାଇଜ ପକ୍ଷରୁ ସୋମବାର ଟୁଇଟ୍ କରାଯାଇଛି। ତାଙ୍କ ପୂର୍ବରୁ ନ୍ୟୁଜିଲାଣ୍ଡର ପୂର୍ବତନ ବାମହାତୀ ପେସର ଜେମ୍ସ ଫ୍ରାଙ୍କଲିନ ଏହି ଦାୟିତ୍ୱରେ ଥିଲେ। ୩୫ ବର୍ଷୀୟ ଆରୋନ ଭାରତ ପାଇଁ ୨୦୧୧ରୁ ୨୦୧୫ ମଧ୍ୟରେ ୯ଟି ଟେଷ୍ଟ ଓ ସମାନ ସଂଖ୍ୟକ ଦିନିକିଆ ମ୍ୟାଚ୍ ଖେଳିଥିଲେ।

# ମେର୍ଲେର ଜିତିଲେ ୯ମ ଷ୍ଟେଜ

**ପ୍ୟାରିସ, ୧୪।୭ (ତପନ ସ୍ୱାଇଁ)**

ବେଲଜିୟମର ଟିମ୍ ମେର୍ଲେର ଟୁର୍ ଡି ଫ୍ରାନ୍ସ ସାଇକେଲ ରେସ୍‌ର ୯ମ ଷ୍ଟେଜ ବିଜେତା ହୋଇଛନ୍ତି। ଚିନନଠାରୁ ଚାଟାଉରକ୍ସ ପର୍ଯ୍ୟନ୍ତ ଅନୁଷ୍ଠିତ ୧୭୪.୧ (୧୦୮.୨ ମାଇଲ) କିଲୋମିଟର ବିଶିଷ୍ଟ ଫ୍ଲାଟ୍ ଷ୍ଟେଜର ଦୂରତ୍ୱକୁ ମେର୍ଲେର ୩ ଘଣ୍ଟା ୨୮ ମିନିଟ ୫୨ ସେକେଣ୍ଡ ସମୟ ନେଇ ଶେଷ କରିଥିଲେ। ମେର୍ଲେର ହେଉଛନ୍ତି ସୌଡାଲ-କ୍ୱିକ୍ ଷ୍ଟେପ୍ ଟିମ୍ ରାଇଡର। ଲିଡଲ-ଟ୍ରେକ୍ ଟିମ୍‌ର ଇଟାଲିଆନ ରାଇଡର ଜୋନାଥନ ମିଲାନ ଦ୍ୱିତୀୟ ଓ ଲୋଟୋର ବେଲଜିଆନ ସାଇକ୍ଲିଷ୍ଟ ଅର୍ନାଉଡ୍ ଡି ଲିଏ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ୯ମ ଷ୍ଟେଜ୍ ଶେଷରେ ୟୁଏଇ ଟିମ୍ ଏମିରେଟ୍ସ ଏକ୍ସଆରଜି ରାଇଡର ଟାଡେଜ ପୋଗାକର ଓଭରଅଲ୍ ଅଗ୍ରଣୀ ରହିଛନ୍ତି। ସ୍ଲୋଭେନିଆର ଏହି ସାଇକ୍ଲିଷ୍ଟ ୯ଟି ଯାକ ଷ୍ଟେଜ୍‌କୁ ସମ୍ପୂର୍ଣ୍ଣ କରିବାପାଇଁ ମୋଟ ୩୩ ଘଣ୍ଟା ୧୭ମିନିଟ ୨୨ ସେକେଣ୍ଡ ସମୟ ନେଇଛନ୍ତି। ୫୪ ସେକେଣ୍ଡ ସମୟ ଅଧିକ ନେଇ ସୌଡାଲ-କ୍ୱିକ୍‌ଷ୍ଟେପ୍ ଟିମ୍‌ର ବେଲଜିଆନ ରାଇଡର ରେମ୍‌କୋ ଇଭେନେପୋଏଲ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

**ଟୁର୍ ଡି ଫ୍ରାନ୍ସ**



ଟୁର୍ ଡି ଫ୍ରାନ୍ସ ସାଇକେଲ ରେସ୍‌ର ୯ମ ଷ୍ଟେଜ ଜିତିବାପରେ ଉଲ୍ଲସିତ ବେଲଜିୟମର ଟିମ୍ ମେର୍ଲେର।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ